• Vol.- 45, Issue No. 338
• Thursday, 12 March 2026
• ଗୁରୁବାର, ୧୨ ମାର୍ଚ୍ଚ ୨୦୨୬
• Bhubaneswar
• Price: Rs. 2.00, Page: 8
• R.N.I. Regd. No. 34063/81
• Postal Regd. No. BN/79/18-20
• Online Portal: www.dinalipi.com
• Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com


## ମଧ୍ୟପ୍ରାଚ୍ୟ ମହାଯୁଦ୍ଧ

# ଶୀଘ୍ର ସରିବ ଇରାନ-ଆମେରିକା ଯୁଦ୍ଧ !

★ ନିଶାଣ କରିବା ପାଇଁ ଆଉ କିଛି ସ୍ଥାନ ନାହିଁ: ଟ୍ରମ୍ପ
★ ଗୁଜରାଟ ଅଭିମୁଖେ ଆସୁଥିବା 'ମୟୂରୀ ନାରୀ' ଉପରେ ଆକ୍ରମଣ
★ ଇରାନ ବୈଦେଶିକ ମନ୍ତ୍ରୀଙ୍କ ସହ କଥା ହେଲେ ଜୟଶଙ୍କର
★ ଓମାନ ସଲାଲାହ ବନ୍ଦର ଉପରେ ଡ୍ରୋନ ଆକ୍ରମଣ

ନୂଆଦିଲ୍ଲୀ,୧୧ ।୩ : ଇରାନ ସହିତ ଆମେରିକ-ଇସ୍ରାଏଲ ସହ ଯୁଦ୍ଧର ଦ୍ୱାଦଶତମ ଦିନ ଥିଲା ବୁଧବାର। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ ସାକ୍ଷାତକାରରେ ଦାବି କରିଛନ୍ତି ଯେ ଯେବେ ଚାହିଁବି ଏହି ଇରାନ ସହ ଯୁଦ୍ଧ ବନ୍ଦ କରି ପାରିବି। କାରଣ ଏବେ ସେଠାରେ ନିଶାଣ କରିବା ପାଇଁ ଆଉ କିଛି ସ୍ଥାନ ରହିନାହିଁ। ବୁଧବାର ଆମେରିକୀୟ ଏକ ମିଡ଼ିଆ ପ୍ଲାଟଫର୍ମକୁ ଦେଇଥିବା ସାକ୍ଷାତକାରରେ ଟ୍ରମ୍ପ କହିଥିଲେ,ଇରାନରେ ସାମିରକ ସ୍ଥଳୀ ଓ ପ୍ରମୁଖ ଲକ୍ଷ୍ୟ ସ୍ଥଳୀଗୁଡ଼ିକ ଉପରେ ବଡ଼ ଧରଣର ଆକ୍ରମଣ ହୋଇ ସାରିଛି। ଆଉ କିଛି ବାକି ନାହିଁ। ମାତ୍ର ପାଞ୍ଚ ମିନିଟ୍‌ର ସାକ୍ଷାତକାରରେ ଟ୍ରମ୍ପ ସଙ୍କେତ ଦେଇଥିଲେ ଯେ, ଯୁଦ୍ଧର ଅନ୍ତ ଆଉ ଅଧିକ ଦୂର ନୁହେଁ। ତେବେ ଟ୍ରମ୍ପ ସ୍ପଷ୍ଟ କରିନାହାନ୍ତି ଯେ, ଯୁଦ୍ଧ ସମାପ୍ତ କରିବା ପାଇଁ ଆମେରିକା କେଉଁ ପ୍ରକାରର ରଣନୀତି ଆପଣାଇବ କିମ୍ବା ସଂଘର୍ଷ ବିରାମର କୌଣସି ଆନୁଷ୍ଠାନିକ ପ୍ରକ୍ରିୟା ଆରମ୍ଭ କରାଯିବ କି ନାହିଁ। ହେଲେ ଟ୍ରମ୍ପଙ୍କ ଏହି ବିବୃତି ପୂର୍ବରୁ ଆମେରିକା ଓ ଇସ୍ରାଏଲର ଅଧିକାରୀମାନେ କହିଥିଲେ ଯେ, ଏବେ ଯୁଦ୍ଧ ଶେଷ କରିବାର କୌଣସି ଯୋଜନା ହିଁ ନାହିଁ। ମଧ୍ୟପ୍ରାଚ୍ୟରେ ସଂଘର୍ଷ ମଧ୍ୟରେ, ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର ଗତକାଲି ଇରାନର ବୈଦେଶିକ ମନ୍ତ୍ରୀ ସୈୟଦ ଆବାସ ଆରାକଚିଙ୍କ ସହ ଆଲୋଚନା କରିଛନ୍ତି। ପଶ୍ଚିମ ଏସିଆରେ ଦେଖାଯାଇଥିବା ସଙ୍କଟ ଉପରେ ଦୁଇ ନେତା ପରସ୍ପର ସହ କଥା ହୋଇଛନ୍ତି । ମଧ୍ୟପ୍ରାଚ୍ୟର ସମୁଦ୍ର ପଥ ଦେଇ ଆସୁଥିବା ଏକ କାର୍ଗୋ ଜାହାଜ ଉପରେ ହର୍ମୁଜ ଷ୍ଟ୍ରେଟ୍ ନିକଟରେ ଅଜଣା ଆକ୍ରମଣର ଶିକାର ହୋଇଛି। ଉକ୍ତ ଜାହାଜଟି ଗୁଜରାଟ ଅଭିମୁଖେ ଆସୁଥିଲା । ତେବେ ଏଥିରେ ଥିବା ସମସ୍ତ ସଦସ୍ୟଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଛି । ଥାଇଲାଣ୍ଡର ୩ ଜଣ ନାଗରିକ ନିଖୋଜ ଅଛନ୍ତି । ଥାଇଲାଣ୍ଡରେ ପଞ୍ଜିକୃତ ମୟୂରୀ ନାରୀ ନାମକ ମାଲବାହୀ ଜାହାଜ ସଂଯୁକ୍ତ ଆରବ ଏମିରେଟ୍ସର ଖଲିଫା ବନ୍ଦରରୁ ଭାରତ ଅଭିମୁଖେ ବାହାରିଥିଲା । ଏହା ଗୁଜରାଟର କଣ୍ଡଲା ବନ୍ଦରରେ ପହଞ୍ଚିବାର ଥିଲା। ମାତ୍ର ଓମାନର ଉତ୍ତର ଉପକୂଳରୁ ପ୍ରାୟ ୧୧ ନଟିକାଲ୍ ମାଇଲ ଦୂରରେ ଆକ୍ରମଣ ହୋଇଥିଲା। ଏହି ଜାହାଜଟି ପ୍ରୋସିୟସ୍ ସିପିଂ କମ୍ପାନୀର ମାଲିକାନାରେ ରହିଛି । ତେବେ କେଉଁଥିରେ ଆକ୍ରମଣ କରାଯାଇଛି ସେ ବାବଦରେ କୌଣସି ସୂଚନା ଦିଆଯାଇ ନାହିଁ । ଏମିତିକି କୌଣସି ଦେଶ ମଧ ଏହି ଆକ୍ରମଣକୁ ସ୍ୱୀକାର କରି ନାହାନ୍ତି । ମଧ୍ୟପ୍ରାଚ୍ୟରେ ବାଣିଜ୍ୟ ଜାହାଜ ଉପରେ ହୋଇଥିବା ଆକ୍ରମଣରେ ଦୁଇ ଭାରତୀୟ ନାଗରିକଙ୍କ ମୃତ୍ୟୁ ହୋଇଛି। ସେଭଳି ଜଣେ ନିଖୋଜ ହୋଇଛନ୍ତି। ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସୱାଲ କହିଛନ୍ତି, ଏହି ଦୁଃଖଦ ଘଟଣା ବ୍ୟତୀତ ଇସ୍ରାଏଲ ଓ ଦୁବାଇରେ ମଧ ଭାରତୀୟ ନାଗରିକ ଆହତ ହୋଇଛନ୍ତି। ଓମାନର ସବୁଠାରୁ ବଡ଼ ବନ୍ଦର, ସଲାଲାହ ବନ୍ଦରରେ ତେଲ ସଂରକ୍ଷଣ ସ୍ଥଳୀ ଉପରେ ଇରାନୀ ଡ୍ରୋନ ଆକ୍ରମଣ କରିଛି। ଫଳରେ ଏହି ଅଞ୍ଚଳରେ ଶତ୍ରୁତା ବୃଦ୍ଧି ପାଇଛି। ଡ୍ରୋନ ବନ୍ଦର ମଧରେ ଇନ୍ଧନ ଟାଙ୍କି ଉପରେ ଆକ୍ରମଣ କରିଛି, ଓମାନ ଟିଭି ଏହା ରିପୋର୍ଟ କରିଛି।








## ୧୩ ବର୍ଷ ଧରି କୋମାରେ ହରୀଶ

# ଇଚ୍ଛାମୃତ୍ୟୁକୁ 'ସୁପ୍ରିମ' ଅନୁମତି

### ନ୍ୟାୟିକ ଇତିହାସରେ ପ୍ରଥମ



ନୂଆଦିଲ୍ଲୀ,୧୧ ।୩: ୧୩ ବର୍ଷ ଧରି କୋମାରେ ଥିବା ୩୨ ବର୍ଷୀୟ ଯୁବକ ହରୀଶ ରାଣାଙ୍କୁ ଇଚ୍ଛାମୃତ୍ୟୁ ପାଇଁ ସୁପ୍ରିମ କୋର୍ଟ ବୁଧବାର ଅନୁମତି ଦେଇଛନ୍ତି । ଜଷ୍ଟିସ ଜେବି ପର୍ଦ୍ଦିୱାଲା ଏବଂ କେଭି ବିଶ୍ୱନାଥନଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ରାୟ ଦେବାବେଳେ ଜଷ୍ଟିସ ପର୍ଦ୍ଦିୱାଲାଙ୍କ ଆଖି ଲୁହ ଛଳଛଳ ହୋଇଯାଇଥିଲା। ଜାନୁଆରୀ ୧୫ ତାରିଖରେ ସୁପ୍ରିମ କୋର୍ଟ ହରୀଶ ରାଣାଙ୍କ ପରିବାର ପକ୍ଷରୁ ଆଗତ ଆବେଦନର ବିଚାର କରି ରାୟ ସଂରକ୍ଷିତ ରଖିଥିଲେ । ଖଣ୍ଡପୀଠ କେନ୍ଦ୍ର ସରକାରଙ୍କ ପ୍ରତିନିଧିତ୍ୱ କରୁଥିବା ଅତିରିକ୍ତ ସଲିସିଟର ଜେନେରାଲ ଐଶ୍ୱର୍ଯ୍ୟା ଭାଟି ଏବଂ ହରୀଶ ରାଣାଙ୍କ ପରିବାରର ଓକିଲ ରଶ୍ମୀ ନନ୍ଦନ କୁମାରଙ୍କ ଦ୍ୱାରା ଆଗତ ଉପସ୍ଥାପନାକୁ ଶୁଣିଥିଲେ । ହରୀଶ ଅସ୍ତ୍ରୋପଚାର ଦ୍ୱାରା ଲଗାଯାଇଥିବା ପିଇଜି ଟ୍ୟୁବ ମାଧମରେ ଦିଆଯାଇଥିବା କ୍ଲିନିକାଲି ଆଡମିନିଷ୍ଟର୍ଡ ନ୍ୟୁଟ୍ରିସନ୍ ସାହାଯ୍ୟରେ ବଞ୍ଚିଛନ୍ତି ।ଖଣ୍ଡପୀଠ କହିଛନ୍ତି, ରୋଗୀଙ୍କ ପରିବାର ଏବଂ ପ୍ରାଇମେରୀ ତଥା ସେକେଣ୍ଡାରୀ ମେଡିକାଲ ବୋର୍ଡ ରୋଗୀର ସ୍ୱାସ୍ଥ୍ୟାବସ୍ଥାକୁ ଦେଖି ଏହି ନିଷ୍କର୍ଷରେ ପହଞ୍ଚିଛନ୍ତି ଯେ, ରୋଗୀଙ୍କୁ ଦିଆଯାଇଥିବା ନ୍ୟୁଟ୍ରିସନ ବନ୍ଦ କରିଦିଆଯିବା ଉଚିତ । କାରଣ ଏହା ରୋଗୀଙ୍କ ସ୍ୱାସ୍ଥ୍ୟ ପାଇଁ ଠିକ ନୁହେଁ । ଖଣ୍ଡପୀଠ କହିଛନ୍ତି, ୨୦୧୩ରେ ହରୀଶ ଯେତେବେଳେ ପଞ୍ଜାବ ୟୁନିଭର୍ସିଟିର ଛାତ୍ର ଥିଲେ, ସେତେବେଳେ ତାଙ୍କ ପେଇଂ ଗେଷ୍ଟ ବାସସ୍ଥାନର ଚତୁର୍ଥ ମହଲାରୁ ଖସି ପଡିଥିଲେ । ତାଙ୍କ ମସ୍ତିଷ୍କରେ ଗଭୀର ଆଘାତ ଲାଗିଥିଲା । ସେବେ ଠାରୁ ସେ କୋମାରେ ଅଛନ୍ତି ଏବଂ ଲାଇଫ ସପୋର୍ଟ ସିଷ୍ଟମରେ ବଞ୍ଚିଛନ୍ତି।

## ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା: ମାର୍ଚ୍ଚରେ ହେବ ୧୯୦ ବିବାହ

ଭୁବନେଶ୍ୱର: ରାଜ୍ୟରେ ଗରିବ ପରିବାରର ଝିଅମାନଙ୍କୁ ବିବାହ ପାଇଁ ଓଡ଼ିଶା ସରକାର ଆରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା। ଏହି ଯୋଜନା ଦ୍ୱାରା ମହିଳାଙ୍କ ବିକାଶ ଦିଗରେ ରାଜ୍ୟ ସରକାର ଗୁରୁତ୍ୱ ଦେଇଛନ୍ତି। ଖାଲି ସେତିକି ନୁହେଁ ମହିଳାଙ୍କୁ ସମ୍ମାନ, ସାମାଜିକ ସୁରକ୍ଷା, ଯୌତୁକ ପ୍ରଥାକୁ ଲୋପ କରିବାରେ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ସହାୟକ ହେବ ବୋଲି ମଧ କହିଛନ୍ତି ଖୋଦ ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ଆଉ ଏହି କ୍ରମରେ ଆସନ୍ତା ମାର୍ଚ୍ଚ ୧୨ ଏବଂ ୧୩ ତାରିଖରେ ୧୯୦ଟି ବିବାହ କରାଇବେ ସରକାର। ଏନେଇ ସୂଚନା ଦେଇଛନ୍ତି ମହିଳା ଏବଂ ଶିଶୁ ବିକାଶ ବିଭାଗର ସଚିବ ମୃଣାଳିନୀ ଦର୍ଶୱାଲ। ଗୁରୁବାର କଟକରେ ଆୟୋଜିତ ହେବ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ସମୂହ ବିବାହ କାର୍ଯ୍ୟକ୍ରମ । କଟକରେ ୫୦ ଜଣଙ୍କର ବିବାହ ଆୟୋଜିତ ହେବ। ସକାଳ ୧୦ରେ ଆୟୋଜିତ ହେବ କାର୍ଯ୍ୟକ୍ରମ । ତା' ପର ଦିନ ଅର୍ଥାତ ୧୩ ତାରିଖ ଦିନ ବାଲେଶ୍ୱରରେ ୪୦ଟି, ମୟୂରଭଞ୍ଜରେ ୫୦ ଏବଂ ସୁନ୍ଦରଗଡ଼ରେ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ୫୦ଟି ବିବାହ କରାଇବେ ରାଜ୍ୟ ସରକାର। ଏହା ପୂର୍ବରୁ ଯୋଜନାର ପ୍ରଥମ ପର୍ଯ୍ୟାୟରେ ଗଞ୍ଜାମ ଜିଲ୍ଲାରୁ ଆରମ୍ଭ ହୋଇଥିଲା। ସୂଚନାଥାଉକି, ରାଜ୍ୟ ସରକାର ଗରିବ ଓ ଅସହାୟ ପରିବାରର ଝିଅମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା କାର୍ଯ୍ୟକାରୀ ହୋଇଛି। ଏହି ଯୋଜନାରେ ବିବାହ ସମୟରେ ଆବଶ୍ୟକୀୟ ଖର୍ଚ୍ଚ ପାଇଁ ଆର୍ଥିକ ସହାୟତା ସହ ଉପହାର ଦିଆଯିବ।

## ରେଳଭଡାରେ କୌଣସି ବ୍ୟବସାୟିକ ଗୋପନୀୟତା ନାହିଁ: ଅଶ୍ୱିନୀ ବୈଷ୍ଣବ

ନୂଆଦିଲ୍ଲୀ,୧୧।୩: ରେଳ ମନ୍ତ୍ରଣାଳୟ ଟିକେଟ୍ ଭଡ଼ା ଏକ 'ବ୍ୟବସାୟିକ ଗୋପନୀୟତା' ଭାବରେ ବିବେଚନା କରେ ନାହିଁ। ସମସ୍ତ ବର୍ଗର ଯାତ୍ରୀ ସେବା ପାଇଁ ଭଡ଼ା ସମ୍ବନ୍ଧୀୟ ସୂଚନା ସାର୍ବଜନୀନ ଡୋମେନରେ ଉପଲବ୍ଧ ଏକ ବ୍ୟାପକ ପ୍ରକାଶିତ ସୂଚନା। ଭାରତୀୟ ରେଳବାଇ ୨୦୨୪-୨୫ରେ ଯାତ୍ରୀ ଟିକେଟ୍ ଉପରେ ୬୦,୨୩୯ କୋଟି ଟଙ୍କାର ସବସିଡି ପ୍ରଦାନ କରିଛି। ଏହା ରେଳବାଇରେ ଯାତ୍ରା କରୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ହାରାହାରି ୪୩% ରିହାତି ଅଟେ। ଏହି ସବସିଡି ରାଶିଠାରୁ ଅଧିକ ରିହାତି ଅନେକ ବର୍ଗ ପାଇଁ ଜାରି ରହିଛି, ଯେପରିକି ୪ଟି ବର୍ଗର ଭିନ୍ନକ୍ଷମ (ଦିବ୍ୟାଙ୍ଗଜନ), ୧୧ଟି ବର୍ଗର ରୋଗୀ ଏବଂ ୪ଟି ବର୍ଗର ଛାତ୍ରଛାତ୍ରୀ। ସର୍ବାଧିକ ସ୍ୱଚ୍ଛତା ସୁନିଶ୍ଚିତ କରିବା ପାଇଁ, ଯାତ୍ରୀ ଭଡ଼ା (ମୂଳ ଭଡ଼ା, ସଂରକ୍ଷଣ ଶୁଳ୍କ, ସୁପରଫାଷ୍ଟ ଶୁଳ୍କ, ଜିଏସଟି, ଇତ୍ୟାଦି)ର ବିଭିନ୍ନ ଉପାଦାନର ବିବରଣୀ ଯାତ୍ରୀ ଟିକେଟରେ ପ୍ରଦର୍ଶିତ ହୁଏ, ଭୌତିକ ଏବଂ ଡିଜିଟାଲ୍ ଫର୍ମରେ ଭଡ଼ା ଟେବୁଲ ଭାବରେ ପ୍ରକାଶିତ ହୁଏ, କମ୍ପ୍ୟୁଟରୀକୃତ ଟିକେଟ୍ ସିଷ୍ଟମରେ ଉପଲବ୍ଧ/ପ୍ରଦର୍ଶିତ ହୁଏ, ମୋବାଇଲ୍ ଆପ୍ଲିକେସନ୍ (ରେଲୱାନ୍) ଇତ୍ୟାଦି।

## ବିର୍ଲାଙ୍କ ବିରୋଧରେ ଅନାସ୍ଥା ଖାରଜ

ନୂଆଦିଲ୍ଲୀ,୧୧ ।୩: ଓମ୍ ବିର୍ଲାଙ୍କୁ ବାଚସ୍ପତି ପଦରୁ ହଟାଇବା ନେଇ ଅଣାଯାଇଥିବା ଅନାସ୍ଥା ପ୍ରସ୍ତାବ ବୁଧବାର ଲୋକସଭାରେ ଧ୍ୱନିମତରେ ଖାରଜ



ହୋଇଛି। ଏହାଦ୍ୱାରା ବିରୋଧୀ ପାଇଛନ୍ତି ଜୋରଦାର ଝଟକା। ଲୋକସଭାରେ ଏହି ପ୍ରସ୍ତାବ ଉପରେ ଦୁଇ ଦିନ ଧରି ଆଲୋଚନା ହୋଇଥିଲା, ଅନାସ୍ଥା ପ୍ରସ୍ତାବ ଉପରେ ବାଚନିକ ଭୋଟ୍ ପରେ, ଗୃହର ଅଧକ୍ଷତା କରୁଥିବା ବାଚସ୍ପତି ଜଗଦମ୍ବିକା ପାଲ ଗୁରୁବାର ସକାଳ ୧୧ଟା ପର୍ଯ୍ୟନ୍ତ ଗୃହକୁ ମୁଲତବି ଘୋଷଣା କରିଛନ୍ତି। ବିରୋଧୀ ନେତାଙ୍କ ସମର୍ଥନରେ କଂଗ୍ରେସ ସାଂସଦ ମହମ୍ମଦ ଜାଭେଦ ଏହି ପ୍ରସ୍ତାବ ଆଗତ କରିଥିଲେ ଏବଂ ବାଚସ୍ପତିଙ୍କ ଉପରେ ପକ୍ଷପାତିତାର ଅଭିଯୋଗ ଆଣିଥିଲେ, କିନ୍ତୁ ଏନଡିଏ ଏହି ଅଭିଯୋଗ ଗୁଡ଼ିକୁ ପ୍ରତ୍ୟାଖ୍ୟାନ କରିଥିଲା। ଏହି ସମୟରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ବିର୍ଲାଙ୍କୁ ସୁରକ୍ଷା ଦେବା ସହ ବିରୋଧୀ ଦଳକୁ କଡା ସମାଲୋଚନା କରିଥିଲେ। ପ୍ରସ୍ତାବ ଖାରଜ୍ ପରେ ଓମ୍ ବିର୍ଲା ଲୋକସଭାର ବାଚସ୍ପତି ରହିବେ। ବିରୋଧୀଙ୍କୁ ନିଶାଣ କରି ଶାହ କହିଥିଲେ, ଓମ୍ ବିର୍ଲାଙ୍କ ସଚ୍ଚୋଟତା ଉପରେ ପ୍ରଶ୍ନ ଉଠାଇବା ଦୁର୍ଭାଗ୍ୟଜନକ।

## ପଶ୍ଚିମବଙ୍ଗରେ ଫୁଟିବ ପଦ୍ମ: ମୋହନ ମାଝୀ

କୋଲକାତା,୧୧ ।୩: ପଶ୍ଚିମବଙ୍ଗରେ ଆଗାମୀ ବିଧାନସଭା ନିର୍ବାଚନ ନେଇ ରାଜନୀତି ସରଗରମ ଏବେ ରହିଛି ଯଦିଓ ନିର୍ବାଚନ ତାରିଖ ଏଯାବତ୍ ଘୋଷିତ ହୋଇନାହିଁ। ଶାସକ ଟିଏମସିଠୁ ନେଇ ବିରୋଧୀ ବିଜେପି ପ୍ରତ୍ୟେକ ଜିଲ୍ଲାରେ ସଂଗଠନ ସଜାଡିବା ଆରମ୍ଭ କରିଛନ୍ତି। ଏଥି ସହ ପ୍ରଚାର ଆରମ୍ଭ କରିସାରିଛନ୍ତି । ଇଷ୍ଟ ମେଦିନାପୁର ପରିବର୍ତ୍ତନ ଯାତ୍ରାରେ ସାମିଲ ହୋଇ ବିଜେପି ଜିତିବା ନେଇ ଦୃଢୋକ୍ତି ପ୍ରକାଶ କରିଛନ୍ତି ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । 'ପରିବର୍ତ୍ତନ ଜରୁରୀ, ଆମେ ଚାହୁଁ ବିଜେପି ସରକାର' ଏପରି ସ୍ଲୋଗାନ ଦେଇ ବିଜେପି ପକ୍ଷରୁ ପଶ୍ଚିମବଙ୍ଗରେ ବେଶ୍ କିଛି ଦିନ ଧରି ପରିବର୍ତ୍ତନ ଯାତ୍ରା ଚାଲୁ ରହିଛି ।



ମଙ୍ଗଳବାର ଥିଲା ଏହାର ଶେଷଦିନ । ତେବେ ଇଷ୍ଟ ମେଦିନାପୁର ଜିଲ୍ଲା ହରିଦାସପୁରର ତାମଲୁକରେ ଆୟୋଜିତ ହୋଇଥିଲା ପରିବର୍ତ୍ତନ ଯାତ୍ରା । ଏଥିରେ ଅତିଥି ଭାବେ ଯୋଗ ଦେଇଥିଲେ ଓଡ଼ିଶା ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ। ଏଥିସହ ବିଜେପି ନେତା ଜେପିଏସ ରାଠୋରେ, କାନ୍ଥିର ପୂର୍ବତନ ସାଂସଦ ଶିଶିର ଅଧିକାରୀ, ତାମଲୁକର ପୂର୍ବତନ ସାଂସଦ ଦିପେନ୍ଦୁ ଅଧିକାରୀଙ୍କ ସମେତ ଅନେକ ନେତା ସାମିଲ ହୋଇଥିଲେ । ପରିବର୍ତ୍ତନ ଶୋଭାଯାତ୍ରାରେ ଯୋଗ ଦେଇ ତୃଣମୂଳ କଂଗ୍ରେସକୁ ଜୋର୍‌ଦାର ନିଶାଣ କରିଛନ୍ତି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ । ମୁଖ୍ୟମନ୍ତ୍ରୀ ସଭାକୁ ସମ୍ବୋଧନ କରି କହିଛନ୍ତି, 'ସରକାର ଟଙ୍କା ଚୋରି ପାଇଁ ସିଣ୍ଡିକେଟ୍ ଚଳାଉଛନ୍ତି । ଚାକିରି ନାହିଁ, ଯୁବବର୍ଗଙ୍କ ପାଇଁ କାମ ନାହିଁ । କେନ୍ଦ୍ର ସରକାରଙ୍କ ସମସ୍ତ ପ୍ରକଳ୍ପ ଅର୍ଥ ବ୍ୟର୍ଥ ଯାଉଛି । ଏଥର ନିର୍ବାଚନରେ ବିଜେପି ବିଜୟ ଲାଭ କରିବ ବୋଲି ଶ୍ରୀ ମାଝୀ ଦୃଢ଼ୋକ୍ତି ପ୍ରକାଶ କରିଥିଲେ।

## ରାଜ୍ୟରେ ଖୋଲିବ ଚାଉଳ ଏଟିଏମ୍

ଭୁବନେଶ୍ୱର, ୧୧ ।୩ (ନିପ୍ର): ରାଜ୍ୟରେ ଖୋଲିବ ଚାଉଳ ଏଟିଏମ । ୪ ଜିଲ୍ଲାରେ ଗୋଟିଏ ଲେଖାଏଁ ଚାଉଳ ଏଟିଏମ ଖୋଲିବାର ବ୍ୟବସ୍ଥା କରାଯାଉଛି । ଝାରସୁଗୁଡା, ନବରଙ୍ଗପୁର, କେନ୍ଦୁଝର ଏବଂ ଢେଙ୍କାନାଳ ଜିଲ୍ଲାରେ ଗୋଟିଏ ଲେଖାଏଁ ଚାଉଳ ଏଟିଏମ ଖୋଲିବେ ସରକାର । ରାଜ୍ୟର ପ୍ରଥମେ ପ୍ରଥମ ଚାଉଳ ଏଟିଏମ ଭୁବେନେଶ୍ୱର ସ୍ଥିତ ମଞ୍ଚେଶ୍ୱର ଠାରେ ଖୋଲିଥିବା ବେଳେ ଗତ ଜୁଲାଇ ୨୦୨୪ ଠାରୁ ଏପର୍ଯ୍ୟନ୍ତ୨୦ ହଜାର ୨୧୭ ଜଣ ରାସନ କାର୍ଡ ଧାରୀ ସମୁଦାୟ ୩ହଜାର ୮ସହ ୫ କୁଇଣ୍ଟାଲ କିଲୋଗ୍ରାମ ଚାଉଳ ଉଠାଣ ହୋଇଛି । ବିଧାୟକ ଗୌତମ ବୁଦ୍ଧ ଦାସଙ୍କ ପ୍ରଶ୍ନରେ ଯୋଗାଣ ମନ୍ତ୍ରୀ ଏହି ଲିଖିତ ଉତ୍ତର ରଖିଛନ୍ତି ।

# ଆଳୁରୁ ଲୁଣ: ଅନ୍ୟ ରାଜ୍ୟ ଭରସା

## ଖାସି, କୁକୁଡ଼ା ମାଂସ ଆମଦାନି କରିବାକୁ ପଡୁନାହିଁ

ଭୁବନେଶ୍ୱର, ୧୧ ।୩: ଆବଶ୍ୟକତା ମେଣ୍ଟାଇବା ପାଇଁ ଓଡିଶାକୁ ପଶ୍ଚିମବଙ୍ଗ, ଗୁଜରାଟ, ବିହାର, ଆନ୍ଧ୍ରପ୍ରଦେଶ ଓ ତାମିଲନାଡୁ ଭଳି ରାଜ୍ୟ ଉପରେ ଆଜି ମଧ ନିର୍ଭର କରିବାକୁ ପଡୁଛି। ଆଳୁ ପାଇଁ ପଶ୍ଚିମବଙ୍ଗ ଓ ଉତ୍ତର ପ୍ରଦେଶ ଉପରେ ନିର୍ଭରଶୀଳ ଓଡ଼ିଶା । ପିଆଜ ପାଇଁ ମହାରାଷ୍ଟ୍ର, ଆନ୍ଧ୍ର ପ୍ରଦେଶ, କର୍ଣ୍ଣାଟକ, ଗୁଜରାଟ, ପଶ୍ଚିମବଙ୍ଗ ଉପରେ ନିର୍ଭରଶୀଳ ଓଡ଼ିଶା । ଗହମ ପାଇଁ ଉତ୍ତର ପ୍ରଦେଶ, ଛତିଶଗଡ ଓ ବିହାର ଉପରେ ନିର୍ଭର କରୁଛି ଓଡ଼ିଶା । ଡାଲି ଓ ଡାଲି ଜାତୀୟ ଶସ୍ୟ ପାଇଁ ମହାରାଷ୍ଟ୍ର, ଛତିଶଗଡ, ତେଲେଙ୍ଗାନା, ଆନ୍ଧ୍ର ପ୍ରଦେଶ, କର୍ଣ୍ଣାଟକ, ପଶ୍ଚିମବଙ୍ଗ ଉପରେ ନିର୍ଭର କରେ ଓଡ଼ିଶା । ମହାରାଷ୍ଟ୍ର, ଆନ୍ଧ୍ର ପ୍ରଦେଶ ଓ କର୍ଣ୍ଣାଟକରୁ ଆସୁଛି ଚିନି । ଲୁଣ ପାଇଁ ଗୁଜରାଟ, ତାମିଲନାଡୁ ଓ ଆନ୍ଧ୍ରପ୍ରଦେଶ ଉପରେ ନିର୍ଭର କରେ ଓଡ଼ିଶା। ବୁଧବାର ବିଧାନସଭାରେ ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି, ବର୍ଷକୁ ୨.୦୮ ଲକ୍ଷ ମେଟ୍ରିକ ଟନ ଲୁଣ ଆବଶ୍ୟକ କରୁଛି ଓଡ଼ିଶା । ଚିନି ୨.୪୦ ଲକ୍ଷ ମେଟ୍ରିକ ଟନ, ପିଆଜ ୩.୮୫ ମେଟ୍ରିକ ଟନ, ଆଳୁ ୧୪.୨୫ ମେଟ୍ରିକ ଟନ, ଖାଇବା ତେଲ ୨.୭୮ ମେଟ୍ରିକ ଟନ, ଖାଦ୍ୟଶସ୍ୟ ୧.୩୨ ମେଟ୍ରିକ ଟନ, ଗହମ ୫.୮୮ ମେଟ୍ରିକ ଟନ, ଡାଲି ୩.୧୬ ମେଟ୍ରିକ ଟନ ଓ ଚାଉଳ ୭୬.୩୬ ମେଟ୍ରିକ ଟନ ଓଡିଶାର ଆବଶ୍ୟକତା ରହିଛି । ଓଡ଼ିଶାରେ ପ୍ରତିଦିନ ହାରାହାରି ୦.୩୪ ହଜାର ମେଟ୍ରିକ ଟନ ପରିମାଣର ଖାସି ମାଂସ, ୦.୮୪ ହଜାର ମେଟ୍ରିକ ଟନ କୁକୁଡ଼ା ମାଂସ ଓ ୧୩୮.୩୬ ଲକ୍ଷ ଅଣ୍ଡାର ଆବଶ୍ୟକ ରହିଛି। ଏସବୁ ଖାଦ୍ୟ ଯଥାକ୍ରମେ ୦.୩୦ ହଜାର ମେଟ୍ରିକ ଟନ ପରିମାଣର ଖାସି ମାଂସ, ୦.୩୮ ହଜାର ମେଟ୍ରିକ ଟନ କୁକୁଡ଼ା ମାଂସ ଓ ୧୧୭.୪ ଲକ୍ଷ ପରିମାଣର ଅଣ୍ଡା ଉପଲବ୍ଧ । ଖାସି ମାଂସ ଓ କୁକୁଡ଼ା ମାଂସର ଆବଶ୍ୟକତା ପୂରଣ ପାଇଁ ବାହାର ରାଜ୍ୟରୁ ଆମଦାନି କରିବାକୁ ପଡିନଥାଏ । କିନ୍ତୁ ଆବଶ୍ୟକତା ପୂରଣ ପାଇଁ ଅନ୍ୟ ରାଜ୍ୟରୁ ଦୈନିକ ୩୭.୧୭ ଲକ୍ଷ ଅଣ୍ଡା ଆମଦାନି ହେଉଛି ।



### ଶୂନ୍ୟ କାଳରେ ବ୍ଲକ ଅଧକ୍ଷଙ୍କୁ ଆକ୍ରମଣ ଘଟଣା

## ବାଚସ୍ପତିଙ୍କ ରୁଲିଂ କଲେ ଦାବି

ଭୁବନେଶ୍ୱର,୧୧ ।୩(ନିପ୍ର):ବିଧାନସଭାର ଅଧିବେଶନରେ ବୁଧବାର ଶୂନ୍ୟ କାଳରେ ଶେରଗଡ଼ ବ୍ଲକ ଅଧକ୍ଷଙ୍କୁ ଆକ୍ରମଣ ଘଟଣା ଉଠିଥିଲା। କାର୍ଯ୍ୟାନୁଷ୍ଠାନ ପାଇଁ ବାଚସ୍ପତିଙ୍କ ରୁଲିଂ ଦାବି କରିଥିଲେ ବିଜେଡି ଓ କଂଗ୍ରେସ। ଆଜି ସରକାରରେ କେହି ସୁରକ୍ଷିତ ନାହାନ୍ତି। ଜନ ପ୍ରତିନିଧି ଅତ୍ୟାଚାରିତ ହେଉଛନ୍ତି । ଶେରଗଡ଼ରେ ଚେୟାରମ୍ୟାନଙ୍କ ଉପରେ ଆକ୍ରମଣ ହୋଇଛି । ଚେତା ବୁଡ଼ିଲା ପରେ ଗୁଣ୍ଡାମାନେ ତାଙ୍କୁ ଛାଡି ଦେଲେ । ଚେୟାରମ୍ୟାନଙ୍କୁ ଯଦି ବ୍ଲକ ଭିତରେ ପିଟିଲେ ଏଠି କି ଶାସନ ଚାଲିଛି । ସରକାର ଯଦି ଏଭଳି ଶାସନ କରିବେ ଥାନା,ବ୍ଲକରେ ଗୁଣ୍ଡା ରାଜ ଚାଲିବ ବୋଲି କହି ଦିଅନ୍ତୁ । ଗୃହ ଅଘଟଣାକୁ ନିନ୍ଦା କରୁ ଓ ଘଟଣାର ତଦନ୍ତ କରି ଘଟଣାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ଉପର କାର୍ଯ୍ୟାନୁଷ୍ଠାନ ପାଇଁ ବାଚସ୍ପତିଙ୍କ ରୁଲିଂ ଦାବି କରିଥିଲେ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ । ସମାନ ପ୍ରସଙ୍ଗ ଉଠାଇ ବାଚସ୍ପତିଙ୍କ ରୁଲିଂ ଦାବି କଲେ ବିଜେଡି ବିଧାୟକ ଶାରଦା ଜେନା ଓ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି।

## ନକ୍ସଲ ଇତିହାସରେ ପ୍ରଥମ

# ମୁଖ୍ୟଧାରାକୁ ଫେରିଲେ୧୦୮ ନକ୍ସଲ

### ଡ୍ରମରୁ ଜବତ ହେଲା କେଜିଏ ସୁନା,୩ କୋଟି ୬୦ ଲକ୍ଷ ଟଙ୍କା

ଜଗଦଲପୁର,୧୧ ।୩: ଛତିଶଗଡ଼ ବସ୍ତରରେ ନକ୍ସଲବାଦ ବିରୋଧରେ ଚାଲିଥିବା ଅଭିଯାନ ମଧ୍ୟରେ ବୁଧବାର 'ପୁନା ମାରଗେମ୍-ପୁନର୍ବାସରୁ ପୁନର୍ଜୀବନ' ପ୍ରୟାସ ଅନୁସାରେ ଦଣ୍ଡକାରଣ୍ୟ ସ୍ପେଶାଲ୍ ଜୋନାଲ୍ କମିଟି (ଡିକେଏସଜେଡସି) ସହ ଜଡିତ ମୋଟ ୧୦୮ ଜଣ ନକ୍ସଲ କ୍ୟାଡର ସମାଜର ମୁଖ୍ୟଧାରାକୁ ଫେରିଛନ୍ତି। କାର୍ଯ୍ୟକ୍ରମରେ ସମାଜର ବରିଷ୍ଠ ନାଗରିକ, ପୋଲିସ ଏବଂକେନ୍ଦ୍ରୀୟ ସୁରକ୍ଷା ବଳର ଅଧିକାରୀମାନେ ସହିତ ଜିଲ୍ଲା ପ୍ରଶାସନର ପ୍ରତିନିଧିମାନଙ୍କ ଉପସ୍ଥିତିରେ ମାଓବାଦୀ କ୍ୟାଡରମାନେ ହିଂସାର ପଥ ଛାଡ଼ି ସାଧାରଣ ଜୀବନ ଯାପନ ପ୍ରତି ଆଗ୍ରହୀ ହୋଇଥିଲେ। ଆତ୍ମସମର୍ପଣ କରିଥିବା ନକ୍ସଲଙ୍କ ଉପରେ ୩ କୋଟି ୯୫ ଲକ୍ଷର ପୁରସ୍କାର ଘୋଷଣା କରିଥିଲେ ଛତିଶଗଡ ସରକାର ।ଉପମୁଖ୍ୟମନ୍ତ୍ରୀ ବିଜୟ ଶର୍ମା କହିଛନ୍ତି, '୧୦୮ ନକ୍ସଲ ୧୦୧ ହତିଆର ସହ ଆତ୍ମସମର୍ପଣ କରିଛନ୍ତି। ଯେଉଁଥିରେ ୬ଟି ଏକେ-୪୭, ଗୋଟିଏ ଏକେ-୪୭ ପିଏଆରଜି , ୧୧ଟି ଇନସାସ୍ ରାଇଫଲ, ୧ କାର୍ବାଇନ, ୫ଟି ଏସଏଲଆର ରାଇଫଲ, ବିଜିଏଲ ରହିଛି। ଉପମୁଖ୍ୟମନ୍ତ୍ରୀ ବିଜୟ ଶର୍ମା ଆହୁରି କହିଛନ୍ତି ନକ୍ସଲଙ୍କ ଡ୍ରମ୍ ମିଳିଛି। ସେଥିରୁ ୩ କୋଟି ୬୦ ଲକ୍ଷ ଟଙ୍କା ଓ ଏକ କେଜି ସୁନା ଜବତ ହୋଇଛି। ନକ୍ସଲମାନେ ବିଜାପୁର ଇନ୍ଦ୍ରାବତୀ ନଦୀ ନିକଟରେ ମାଟି ତଳେ ପୋତିକି ଏହି ଡ୍ରମ୍ ରଖିଥିଲେ ।ପୋଲିସର ତଥ୍ୟ ଅନୁସାରେ ଗତ ଦୁଇ ବର୍ଷରେ ୨୭୦୦ରୁ ଅଧିକ ନକ୍ସଲ କ୍ୟାଡର ଅସ୍ତ୍ରଛାଡ଼ି ଆତ୍ମସମର୍ପଣ କରିଛନ୍ତି, ଯାହା ମଧ୍ୟରେ ଅନେକ ଇନାମୀ ନକ୍ସଲ କ୍ୟାଡର ମଧ ଅଛନ୍ତି। ଏହି ଆତ୍ମସମର୍ପିତ ନକ୍ସଲମାନଙ୍କୁ ସରକାରଙ୍କ ପୁନର୍ବାସ ଯୋଜନା ଅନୁସାରେ ଆର୍ଥିକ ସହାୟତା, ଆବାସ, ପ୍ରଶିକ୍ଷଣ ଓ ରୋଜଗାରର ସୁଯୋଗ ଦିଆଯାଉଛି।



# ଯୁଦ୍ଧରେ ଅନ୍ଧାରୀ ବିଜେ କଲେ ଲକ୍ଷ୍ମଣ



ଅନ୍ଧାର ଅର୍ଥ ଆଲୋକ ଅଭାବ ଆଲୋକ ନାହିଁ। ରାମାୟଣ କାହାଣୀ, ଲକ୍ଷ୍ମଣଙ୍କୁ ରାବଣଙ୍କ ସେଦିନ ସେନାପତି ମେଘନାଦ ଇନ୍ଦ୍ରଜିତ ସହ ଲଢ଼େଇ ମୁକାବିଲା କରିବାକୁ ହେବ। ଲକ୍ଷ୍ମଣ ନିର୍ଭୀକ ଯୋଦ୍ଧା ପୂର୍ଣ୍ଣ ଲକ୍ଷ୍ୟଭେଦୀ ,ଅବ୍ୟର୍ଥ ତୀରନ୍ଦାଜ ମାତ୍ର ଆକାଶରୁ ଆକ୍ରମଣର ମୁକାବିଲା କେବେ କରିନାହାନ୍ତି, ଆକାଶରୁ ଆକ୍ରମଣ ପାଇଁ ଆକ୍ରମଣକାରୀକୁ ବଡ଼ ସହାୟକ ପୃଥିବୀର ମାଧ୍ୟାକର୍ଷଣ ଶକ୍ତି ପୁଣି ମାଟିରେ ବ୍ୟୂହ ରଚନା କରି ଆକ୍ରମଣକାରୀକୁ କୌଶଳରେ ଆୟତ୍ତ କରିଦେବା ବା ଅନ୍ତ କରିଦେବା ପଦ୍ଧତିକୁ ହେୟ ଜ୍ଞାନ କରନ୍ତି। ତାକୁ ଉପରକୁ ଆକ୍ରମଣ କଲେ ମାନବୀୟ ବଳକୁ ମାଧ୍ୟାକର୍ଷଣ ଶକ୍ତି ପ୍ରତିବନ୍ଧକ ହୁଏ। ତା'ସହ ଲକ୍ଷ୍ୟ ଭେଦର ଦୂରତ୍ୱ ଆହୁରି ସମସ୍ୟା। ଯୁଦ୍ଧରେ ଛକା ପଞ୍ଝା ରହିଥାଏ, ହାରି ପଳାୟନ କରିବା ଶତ୍ରୁ ବି ପୁନଃ ଆକ୍ରମଣ କରିପାରେ ଏହା ବି ଲଢ଼େଇକୁ ଯାଇଥିବା ଯୋଦ୍ଧା ଜାଣିବା ଜରୁରୀ। ମାୟାବୀ, ଛଳନାକାରୀ ବି ଶତ୍ରୁ ହୋଇପାରେ, ସର୍ପ ଦୃଷ୍ଟିରେ ଯେପରି ଶତ୍ରୁର ମର୍ମସ୍ଥାନ ଥାଏ ସେପରି ଠିକ ସେପରି ଯୁଦ୍ଧରତ ଦୁଇ ଯୋଦ୍ଧା ମଧ୍ୟରେ ଦୃଷ୍ଟି ସମ୍ବନ୍ଧ ଏକ ସ୍ଥାନ ଓ ଆଘାତ ସ୍ଥାନ ଭିନ୍ନ ସ୍ଥାନ ଲଢ଼ାଇ ଅନେକ ବଳରେ ହୁଏ। ବାହୁବଳ ସହ ଅନେକ ଉପସ୍ଥିତ ବୁଦ୍ଧିରେ ଶତ୍ରୁର ପ୍ରୟୋଗକୁ ଅକାମି ଓ ଶତ୍ରୁକୁ ପ୍ରତି ଆକ୍ରମଣ, ହତିଆର ବଳରେ ଆକ୍ରମଣକାରୀର ପ୍ରୟୋଗ ହତିଆରକୁ ମୁକାବିଲା ପୁଣି ପ୍ରତିଆକ୍ରମଣ। ଏକକୁ ଅନେକ ସାହାଯ୍ୟକାରୀ ଯୋଦ୍ଧା, ଶତ୍ରୁକୁ ଘେରି ଷଣ୍ଢଆସି ଆକ୍ରମଣ, ଆତ୍ମସମର୍ପଣ ପାଇଁ ଇଙ୍ଗିତ ନ ପାଇଲେ ଶତ୍ରୁକୁ ବନ୍ଦୀ ବା ନିପାତ ସମସ୍ତ ବଳ ସହ କରିଦିଆଯାଏ। ଯୁଦ୍ଧଭୂମି ବାସ୍ତୁ, ଯୁଦ୍ଧର ସମୟକୁ ପ୍ରକୃତିର ପାଗ ସ୍ଥିତି, ପବନର ଗତି, ଯୁଦ୍ଧ କରିବା ଯୋଦ୍ଧାଙ୍କ ଦରକାରୀ ଦ୍ରବ୍ୟ, ଠିକ ସମୟରେ ଠିକ ସ୍ଥାନରେ ନ ପହଞ୍ଚିଲେ, ଖାଦ୍ୟ, ପେୟ, ଆହତଙ୍କ ଚିକିତ୍ସା ଶୁଶ୍ରୂଷା ଯୋଗାନଗଲେ, ଯୋଗାଯୋଗ ଯୁଦ୍ଧ କ୍ଷେତ୍ରରୁ ମୂଳ ଆଦେଶ ଦାତା ବା ନିୟନ୍ତ୍ରଣକାରୀଙ୍କ ସହ ନହେଲେ ଯେ କୌଣସି ଯୁଦ୍ଧ ହାର୍ ହୋଇପାରେ। ଏକପାଖରେ ଏକ ଏହା ଯୁଦ୍ଧରେ ଯୋଦ୍ଧାକୁ ଘୋଡ଼ା ସରିନୁହଁ ବୋଲି କୁହାଯାଇଛି, ଇନ୍ଦ୍ରଜିତ ସହ ଲକ୍ଷ୍ମଣଙ୍କ ଯୁଦ୍ଧ ଲକ୍ଷ୍ମଣ ପଦାତିକକୁ, ଇନ୍ଦ୍ରଜିତ ଆକାଶରୁ ଆକ୍ରମଣକାରୀ, ଆକାଶ ଆକ୍ରମଣକାରୀକୁ ପଦାତିକ ଯୋଦ୍ଧା କୋଣିଆଁ ପ୍ରୟୋଗ ଉତ୍କ୍ଷେପଣ ଅସ୍ତ୍ରରେ କରନ୍ତି ମାତ୍ର ଆକାଶ ଯୁଦ୍ଧ ଯାନଟି ଉତକ୍ଷେପିତ ଅସ୍ତ୍ର ମାଡ଼ ପରିସୀମାରେ ଆସିବା ଦରକାର। ରାମ ସବୁଥିରେ ଦୂରଦ୍ରଷ୍ଟା ସେ ଲକ୍ଷ୍ମଣଙ୍କ ସହ ବିଭୀଷଣଙ୍କୁ ପଠାଇଥିଲେ। ଯେତେବେଳେ ଯୁଦ୍ଧ ଆଖଡ଼ାରେ ଲଙ୍କାରେ ଇନ୍ଦ୍ରଜିତ ଆଦି ଆକାଶ ଯୁଦ୍ଧ କୌଶଳ ଶିକ୍ଷା କରୁଥିଲେ ବା ପରୀକ୍ଷା ନିରୀକ୍ଷାରେ ରହୁଥିବେ ତତ୍କାଳୀନ ସମୟରେ ବିଭୀଷଣଙ୍କ ତାହା ଗୋଚର ଥିବ, କେଉଁ ଅସ୍ତ୍ରକୁ କିପରି ବାରଣ ବା ଖଣ୍ଡନ କରାଯାଇପାରିବ ଏହାକୁ ବିଭୀଷଣ ନିଶ୍ଚୟ ଜାଣିଛନ୍ତି, ଯେହେତୁ ସେ ଅନେକ ପ୍ରତ୍ୟକ୍ଷ କରିଛନ୍ତି। ଯୁଦ୍ଧରେ ଇନ୍ଦ୍ରଜିତ ଲକ୍ଷ୍ମଣ ମଜ୍ଜିଗଲେ ଯେଉଁ ବାଣ ପରସ୍ପର ଦିଗରୁ ଯାଉଛି କଟାକଟିରେ ବ୍ୟର୍ଥ ହେଉଛି, ହଠାତ୍ ଇନ୍ଦ୍ରଜିତ ଦର୍ପଣାସ୍ତ୍ର ଏକାଧିକ ଛାଡ଼ିଲେ ଯାହା ଆକାଶରେ ସୃଷ୍ଟି ହେଲା ଅସଂଖ୍ୟ ଇନ୍ଦ୍ରଜିତ ଯାନ ସହ ଦୃଶ୍ୟ। ଏହାକୁ କାଟିବାକୁ ଲକ୍ଷ୍ମଣ ଉଦ୍ୟତ । ସେ ବଜ୍ରାସ୍ତ୍ର ପ୍ରୟୋଗ କରି ଶରାସନରେ ବସାଇ ସାରିଲେଣି, ତାଙ୍କୁ ତତ୍କାଳ ବିଭୀଷଣ କହିଲେ, ଟିକେ ଭାବନ୍ତୁ ଆଇନାକୁ ଆଇନା ପରସ୍ପର ସମ୍ମୁଖୀନ ରହି ଏକକୁ ଅନେକ କରୁଛି ଯଦି ବଜ୍ରାସ୍ତ୍ର ପ୍ରୟୋଗ ହେବ ତେବେ ଯେତିକି ଆଇନା ଅଛି ତାହା ଭଙ୍ଗ ହୋଇ ଆହୁରି ଟୁକୁଡା ହୋଇଯିବ ଯେତିକି ମାୟାଦୃଶ୍ୟ ତାହା ଆହୁରି ବଢ଼ିଯିବ ଯାହାର ଦମନ ବୃଥା ହେବ। ଏ କ୍ଷେତ୍ରରେ ଦର୍ପଣକୁ ଅଚଳ କରିଦେଲେ ସତ୍ୟ ଦୃଶ୍ୟ ହିଁ ଧରା ପଡ଼ିଯିବ। ଦର୍ପଣ ଆଲୋକ ଅଛି ବୋଲି କାମ କରୁଛି, ଆଲୋକ ନ ଥିଲେ ଦର୍ପଣ ନିଷ୍କ୍ରିୟ। ଅତଏବ ଆପଣ ଆକାଶରେ ସୂର୍ଯ୍ୟଙ୍କୁ ମେଘ ଦ୍ୱାରା ଢ଼ାଙ୍କିବା ଅସ୍ତ୍ର ପ୍ରୟୋଗ କରନ୍ତୁ। ଲକ୍ଷ୍ମଣ ତାହା କାଲେ ସେ ଦର୍ପଣାସ୍ତ୍ର ଅଚଳହେଲା, ଇନ୍ଦ୍ରଜିତ ବିଫଳ ହୋଇଗଲେ। ସୁତରାଂ ସମସ୍ତେ ନିଜକୁ ଶେଷ ଜ୍ଞାନୀ କେବେ ଭାବନ୍ତୁ ନାହିଁ। *-ଅଜୟ କୁମାର ବେହେରା, କଟକ, ଦୂରଭାଷ : ୯୪୩୭୧୦୩୧୨୫୩*

# ରାବଣଙ୍କ ମୃତ୍ୟୁ ପରେ..

ରାବଣଙ୍କର ଦୁଇଟି ପ୍ରଥମ ପତ୍ନୀ ଥିଲେ, ମନ୍ଦୋଦରୀ ଏବଂ ଧନ୍ୟା ମାଳିନୀ। ମନ୍ଦୋଦରୀ ଥିଲେ ରାକ୍ଷସ ରାଜା ମାୟାସୁରଙ୍କ ଝିଅ ଏବଂ ରାବଣଙ୍କ ପତ୍ନୀ। ଧନ୍ୟା ମାଳିନୀ ଥିଲେ ତାଙ୍କର ଦ୍ୱିତୀୟ ପତ୍ନୀ। ରାବଣଙ୍କର ମଧ୍ୟ ତୃତୀୟ ପତ୍ନୀ ଥିଲେ, ଯାହାକୁ ସେ ହତ୍ୟା କରିଥିଲେ। ରାବଣଙ୍କ ମନ୍ଦୋଦରୀ ତାଙ୍କ ପୂର୍ବ ଜନ୍ମରେ ମଧୁରା ନାମକ ଏକ ଅପସରା ଥିଲେ, ଯାହାଙ୍କୁ ଦେବୀ ପାର୍ବତୀ ଭଗବାନ ଶିବଙ୍କୁ ପ୍ରଲୋଭିତ କରିବାକୁ ଚେଷ୍ଟା କରିବା ପରେ ୧୨ ବର୍ଷ ପାଇଁ କୂଅରେ ବେଙ୍ଗ ହେବାକୁ ଅଭିଶାପ ଦେଇଥିଲେ। ଅଭିଶାପ ପୂରଣ ହେବା ପରେ, ସେ ମାୟାସୁର ଏବଂ ହେମାଙ୍କ ନିକଟରେ ଏକ ସୁନ୍ଦରୀ କନ୍ୟା ଭାବରେ ଦେଖା ଦେଇଥିଲେ, ଯାହାକୁ ସେମାନେ ଗ୍ରହଣ କରିଥିଲେ ଏବଂ ମନ୍ଦୋଦରୀ ନାମ ଦେଇଥିଲେ। ରାବଣର ମୃତ୍ୟୁ ପରେ, ତାଙ୍କ ପତ୍ନୀ ମନ୍ଦୋଦରୀ ତାଙ୍କ ରାବଣର ସାନ ଭାଇ ବିଭୀଷଣଙ୍କୁ ବିବାହ କରିଥିଲେ। ଭଗବାନ ରାମ ନିଜେ ମନ୍ଦୋଦରୀଙ୍କୁ ଏହି ବିବାହ ପ୍ରସ୍ତାବ ଦେଇଥିଲେ, ଏହା ନୈତିକ ଏବଂ ତର୍କଗତ ଭାବରେ ଠିକ୍ ବୋଲି ବ୍ୟାଖ୍ୟା କରିଥିଲେ। ଯଦିଓ ମନ୍ଦୋଦରୀ ପ୍ରଥମେ ମନା କରିଥିଲେ, ପରେ ସେ ପ୍ରସ୍ତାବକୁ



ଗ୍ରହଣ କରିଥିଲେ ଏବଂ ବିଭୀଷଣଙ୍କୁ ବିବାହ କରିଥିଲେ। ଏହିପରି ଲଙ୍କାର ଭବିଷ୍ୟତ ସୁନିଶ୍ଚିତ କରିବା ଏବଂ ଧାର୍ମିକ ଏବଂ ନୈତିକ ବ୍ୟବସ୍ଥା ବଜାୟ ରଖିବା ପାଇଁ ମନ୍ଦୋଦରୀ ବିଭୀଷଣଙ୍କୁ ବିବାହ କରିଥିଲେ, ଯେପରି ଭଗବାନ ରାମ ନିଜେ ପ୍ରସ୍ତାବ ଦେଇଥିଲେ ଯେ ମନ୍ଦୋଦରୀ ବିଭୀଷଣଙ୍କୁ ବିବାହ କରି ତାଙ୍କୁ ଲଙ୍କାର ରାଜା କରିବା ଏବଂ ରାଜ୍ୟକୁ ସ୍ଥିର କରିବା ଉଚିତ। ମନ୍ଦୋଦରୀ ଜଣେ ଦାନଶୀଳ ମହିଳା ଥିଲେ ଯିଏ ଲଙ୍କାର ମଙ୍ଗଳ କାମନା କରୁଥିଲେ। ସେ ଅନୁଭବ କରିଥିଲେ ଯେ ବିଭୀଷଣଙ୍କୁ ବିବାହ କରିବା ଦ୍ୱାରା ଲଙ୍କାକୁ ସଠିକ୍ ଦିଗରେ ନେଇହେବ। ଏହିପରି, ରାବଣର ମୃତ୍ୟୁ ପରେ, ତାଙ୍କ ଭାଇ ବିଭୀଷଣ ଭଗବାନ ରାମଙ୍କ ନିର୍ଦ୍ଦେଶରେ ଲଙ୍କାର ରାଜା ହେଲେ। ବିଭୀଷଣ ଜ୍ଞାନ ଏବଂ ନ୍ୟାୟ ସହିତ ଲଙ୍କାକୁ ଶାସନ କରିଥିଲେ।

## ଭଗବାନ ଶିବଙ୍କ ଦୃଷ୍ଟିରେ କିଛି କ୍ଷମାହୀନ ଅପରାଧ

ଭଗବାନ ଶିବ ସହଜରେ ପ୍ରସନ୍ନ ହୁଅନ୍ତି। ତାଙ୍କ ଆଶିଷରେ ସୁଖଶାନ୍ତିରେ ଦିନ କଟେ। ହେଲେ ସେ ରାଗିଲେ ପ୍ରଳୟ କରନ୍ତି ଭକ୍ତ ମହଲରେ ଏପରି ବିଶ୍ୱାସ ରହିଛି। ଏପରି କିଛି କାମ ଅଛି, ଯେଉଁଥିରେ ଭଗବାନ ଶିବ କୋପ କରନ୍ତି। ଏହାଦ୍ୱାରା ବ୍ୟକ୍ତିର ସୁଖଶାନ୍ତି ଦୂରେଇଯାଇ ଅନିଷ୍ଟ ହୁଏ । ଉକ୍ତ କାମଗୁଡ଼ିକ ହେଉଛି ଅନ୍ୟର ସ୍ତ୍ରୀ ଅବା ସ୍ୱାମୀକୁ ଖରାପ ନଜରରେ ଦେଖିବା ଅବା ତାକୁ ପାଇବାକୁ ଇଛା କରିବା ହେଉଛି ବହୁତ ବଡ଼ ପାପ। ଶିବ ପୁରାଣରେ ବର୍ଣ୍ଣିତ ଅଛି ଏପରି ମନେଭାବ ରଖୁଥିବା ବ୍ୟକ୍ତିଠାରେ ଶିବଙ୍କ ଆଶିଷ ରହେ ନାହିଁ। ଏମିତି ପାପ କରୁଥିବାରୁ ସେ ଶିବ କୋପର ଶିକାର ହୁଏ। ତା'ର ସମସ୍ତ



କ୍ଷେତ୍ରରେ ଅନିଷ୍ଟ ହୋଇଥାଏ । ଅନ୍ୟର ଧନକୁ ଲୋଭ କରିବା, ହରଣ କରିବା ଅବା ଈର୍ଷା କରିବା ଆଦି ଶିବଙ୍କ ନଜରରେ କ୍ଷମାହୀନ ଅପରାଧ। ଅନ୍ୟର ଧନକୁ ଆଡଆଖରେ ଦେଖିବା ଅନୁଚିତ୍। ନଚେତ୍ ପାପୀ ତାଲିକାରେ ନାମ ସ୍ଥାନ ପାଇବ । ଅନ୍ୟକୁ କଷ୍ଟ ଦେବା ଅବା ଅନ୍ୟ ବ୍ୟକ୍ତିକୁ କୌଣସି କାର୍ଯ୍ୟରେ ଅସୁବିଧାରେ ପକାଇବା ପାଇଁ ଯୋଜନା କରିବା ପରି କୁତ୍ସିତ ମାନସିକତା ଥିବା ଲୋକଙ୍କ ଉପରେ ଭଗବାନ ଶିବ କ୍ରୋଧ କରନ୍ତି । ଏଭଳି ବ୍ୟକ୍ତିଙ୍କର ଭଗବାନ ଶିବ ସର୍ବନାଶ କରନ୍ତି। ଭଲ ରାସ୍ତା ଛାଡ଼ି ଖରାପ ରାସ୍ତାରେ ପାଦ ଦେବା, ମଦ ମାତାଲ ହୋଇ ସମାଜରେ ବିଶୃଙ୍ଖଳା ସୃଷ୍ଟି କରିବା ଆଦି ପାପ ସହିତ ସମାନ । ଭଗବାନ ଶିବ ଏମାନଙ୍କୁ କ୍ଷମାର ପାତ୍ର ବୋଲି ମନେ କରନ୍ତି ନାହିଁ ଶିବଙ୍କ କୋପରେ ଏମାନଙ୍କର ସର୍ବନାଶ ହୁଏ । କେବେ ବି କୌଣସି ନାରୀକୁ ଖରାପ ନଜରରେ ଦେଖିବା ଅନୁଚିତ । ଖରାପ କାମ କରୁଥିବା ଲୋକ ସାଂସାରିକ ସୁଖ ଭୋଗ କରିପାରେ ନାହିଁ। ଏମିତି କି ଯେତେ ଧନ ଥିଲେ ବି ସନ୍ତୁଷ୍ଟ ହୋଇପାରେନି। ଅନେକ ଯନ୍ତ୍ରଣା ପାଇ ମୃତ୍ୟୁ ମୁଖରେ ପଡ଼େ। ମା ବାପାଙ୍କୁ କ୍ଷତି ପହଞ୍ଚାଉଥିବା ବ୍ୟକ୍ତି ତାଙ୍କୁ ଦୁଃଖ କଷ୍ଟ ଦେଇ ରଖୁଥିବା ବ୍ୟକ୍ତିମାନେ ଶିବଙ୍କ କୋପରୁ ସହଜରେ ରକ୍ଷା ପାଇପାରନ୍ତି ନାହିଁ। ଭଗବାନ ଶିବ ଏଭଳି ବ୍ୟକ୍ତିଙ୍କୁ କ୍ଷମା କରନ୍ତି ନାହିଁ। ଏମାନଙ୍କଠାରୁ ସମସ୍ତ ସୁଖଶାନ୍ତି ହରଣ କରିବା ସହ ତାଙ୍କର ସର୍ବନାଶ କରନ୍ତି ।



# ବ୍ରହ୍ମାଣ୍ଡର ପ୍ରତୀକ ଶିବଲିଙ୍ଗ

'ଶିବଲିଙ୍ଗ' କାହାର ପ୍ରତିନିଧିତ୍ୱ କରିଥାଏ ? ଏହା ସମ୍ପୂର୍ଣ୍ଣ ବାୟୁ ମଣ୍ଡଳ, ଘୂର୍ଣ୍ଣାୟମାନ ପୃଥିବୀ ଓ ପରିବର୍ତ୍ତନଶୀଳ ବ୍ରହ୍ମାଣ୍ଡର ଅକ୍ଷକୁ ସୂଚାଇଥାଏ। ବହୁତ ଲୋକ 'ଶିବଲିଙ୍ଗ' ବିଷୟରେ ଭୁଲ ଧାରଣା ପାଇଛନ୍ତି । ଏକଥା ପ୍ରାୟ ସମସ୍ତଙ୍କୁ ଜଣା ଯେ ସଂସ୍କୃତ ଭାଷା ହେଉଛି ଆଦିଭାଷା ବା ସବୁ ଭାଷାର ଜନକ । ଆମେ ଜାଣୁ କୌଣସି ଶବ୍ଦର ଅର୍ଥ ଭିନ୍ନ ଭାଷାରେ ଭିନ୍ନ ଭିନ୍ନ ହୋଇଥାଏ । ସେପରି ଏହି ସଂସ୍କୃତ ଭାଷାରେ କିଛି ଏପରି ଶବ୍ଦ ରହିଛି ଯାହାର କି ଭିନ୍ନ ଭିନ୍ନ ଅର୍ଥ ରହିଛି। ଉଦାହରଣ ସ୍ୱରୂପ,'ସୂତ୍ର' ଓ 'ଅର୍ଥ' - 'ସୂତ୍ର' କହିଲେ ସୂତା ଓ 'ସୂତ୍ର' କହିଲେ ଗଣିତର ସୂତ୍ର, ବିଜ୍ଞାନର ସୂତ୍ରକୁ ମଧ୍ୟ ବୁଝାଏ । ସେହିପରି 'ଅର୍ଥ' କହିଲେ ଟଙ୍କା,ଧନ,ସମ୍ପତ୍ତିକୁ ବୁଝାଏ ଓ 'ଅର୍ଥ' କହିଲେ କୌଣସି ଶବ୍ଦର ଭାବାର୍ଥକୁ ମଧ୍ୟ ବୁଝାଏ । 'ଲିଙ୍ଗ' ଏକ ସଂସ୍କୃତ ଶବ୍ଦ ଯାହାର ଅର୍ଥ ହେଉଛି ପ୍ରତୀକ ଯେମିତିକି ପୁଲିଙ୍ଗର ଅର୍ଥ ପୁରୁଷର ପ୍ରତୀକ ବା ଚିହ୍ନ ଓ ସ୍ତ୍ରୀଲିଙ୍ଗର ଅର୍ଥ ହେଉଛି ସ୍ତ୍ରୀର ପ୍ରତୀକ ବା ଚିହ୍ନ। ସେହିପରି 'ଶିବଲିଙ୍ଗ' ର ଅର୍ଥ ହେଉଛି ଶିବଙ୍କର ପ୍ରତୀକ ବା ଚିହ୍ନ । ଯେପରି ଗୋଲାକାର ବାୟୁ ମଣ୍ଡଳ,ଗୋଲାକାର ପୃଥିବୀ ଓ ଗୋଲାକାର ବ୍ରହ୍ମାଣ୍ଡ ରହିଛି ସେପରି ଶିବଲିଙ୍ଗର ଚାରିପାଖର ଗୋଲାକାର ଅଂଶ ରହିଛି । ଅର୍ଥାତ୍ 'ଶିବଲିଙ୍ଗ' ର ଗୋଲାକାର ଅଂଶ ବ୍ରହ୍ମାଣ୍ଡକୁ ବୁଝାଏ ଓ 'ଶିବଲିଙ୍ଗ' ବ୍ରହ୍ମାଣ୍ଡର ଅକ୍ଷ ଅଟେ । ବିଜ୍ଞାନ ମଧ୍ୟ ପ୍ରମାଣ କରି ସାରିଛି ଯେ 'ଶିବଲିଙ୍ଗ' ବ୍ରହ୍ମାଣ୍ଡର ପ୍ରତୀକ। ପ୍ରଶ୍ନ ଆସୁଛି 'ଶିବଲିଙ୍ଗ' ର ସୃଷ୍ଟି କିପରି ହେଲା ଆଉ କାହିଁକି ହେଲା ? ସ୍କନ୍ଦ ପୁରାଣରେ ବର୍ଣ୍ଣିତ ଅଛି କି ପୁରାତନ କାଳରେ ମୁନି ଋଷି ମାନେ ଦୀପ ଜ୍ୟୋତିକୁ ଚାହିଁ ପରମାତ୍ମାଙ୍କୁ ଧ୍ୟାନ କରୁଥିଲେ । ବାୟୁ ସଞ୍ଚାଳନ ହେତୁ ଦୀପ ଜ୍ୟୋତି ସ୍ଥିର ରହୁ ନଥିଲା ଓ ମୁନିଋଷିମାନଙ୍କର ଧ୍ୟାନ ଭଗ୍ନ ହେଉଥିଲା। ତେଣୁ ସେମାନେ ଦୀପ ଜ୍ୟୋତିର ଏକ ବିକଳ୍ପ ଚିନ୍ତା କଲେ । ଅନନ୍ତ ବ୍ରହ୍ମାଣ୍ଡ ଓ ପୃଥିବୀର ଅକ୍ଷକୁ ଚିନ୍ତା କରି ସେମାନେ ପଥରରେ ଏକ ଦୀପ ଜ୍ୟୋତିର ମୂର୍ତ୍ତି ତିଆରି କଲେ ଯାହା କି ଏହି 'ଶିବଲିଙ୍ଗ' । ସେମାନେ ଏହି 'ଶିବଲିଙ୍ଗ' କୁ ଚାହିଁ ଧ୍ୟାନ କରିବା ଆରମ୍ଭ କଲେ ତେଣୁ ଏହା ପରଠାରୁ 'ଶିବଲିଙ୍ଗ'ର ପ୍ରଚଳନ ଆରମ୍ଭ ହେଲା ।



***ପୁରାଣରେ ବର୍ଣ୍ଣିତ ଅଛି କି ପୁରାତନ କାଳରେ ମୁନି ଋଷି ମାନେ ଦୀପ ଜ୍ୟୋତିକୁ ଚାହିଁ ପରମାତ୍ମାଙ୍କୁ ଧ୍ୟାନ କରୁଥିଲେ । ବାୟୁ ସଞ୍ଚାଳନ ହେତୁ ଦୀପ ଜ୍ୟୋତି ସ୍ଥିର ରହୁ ନଥିଲା ଓ ମୁନିଋଷିମାନଙ୍କର ଧ୍ୟାନ ଭଗ୍ନ ହେଉଥିଲା।***

# ଦ୍ରୌପଦୀଙ୍କ ଜୀବନର ସତ ଜାଣିବା ପରେ



ମହାଭାରତ ବିଷୟ ବସ୍ତୁରୁ ଆମକୁ ଅନେକ ଶିଖିବାକୁ ମିଳିଥାଏ। ଦ୍ରୌପଦୀଙ୍କ ପାଇଁ ମହଭାରତ ଯୁଦ୍ଧ ହୋଇଥିଲା। ଦ୍ରୌପଦୀଙ୍କର ପାଞ୍ଚଜଣ ସ୍ୱାମୀ ଥିଲେ। ଜୀବନର ଅନ୍ତିମ ସମୟରେ ଦ୍ରୌପଦୀ ଏମିତି ଏକ କଥା କହିଥିଲେ, ଯାହାକୁ ଶୁଣି ପାଣ୍ଡବମାନେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଯୁଧିଷ୍ଠିର ରାଜମହଲ ଛାଡିବା ପରେ ପାଞ୍ଚ ଭାଇ ଓ ଦ୍ରୌପଦୀ ଜଙ୍ଗଲକୁ ଚାଲି ଯାଇଥିଲେ। ସେଠାରେ କୁଡ଼ିଆ ତିଆରି କରି ସେଥିରେ ରହୁଥିଲେ। ଥରେ ଦ୍ରୌପଦୀଙ୍କୁ ଜୋର୍‌ରେ ଭୋକ ଲାଗିବାରୁ ପାଖରେ ଥିବା ଜାମୁ ଗଛର ଡାଳରୁ ଗୋଟେ ଜାମୁ କୋଳି ପେନ୍ଥା ତୋଳିବା ସମୟରେ ପ୍ରଭୁ ଶ୍ରୀକୃଷ୍ଣ ପହଞ୍ଚି ଯାଇଥିଲେ। ଏହି ଜାମୁ କୋଳି ପେନ୍ଥାକୁ କିଛି ଦିନ ଭିତରେ ଏକ ଋଷି ଖାଦ୍ୟ ଭାବେ ଗ୍ରହଣ କରିଥାନ୍ତେ ବୋଲି ଶ୍ରୀକୃଷ୍ଣ କହିଥିଲେ। ଏଥିପାଇଁ ଦ୍ରୌପଦୀଙ୍କୁ ଋଷିଙ୍କ ଅଭିଶାପର ସମ୍ମା କରିବାକୁ ପଡିପାରେ ବୋଲି ମଧ୍ୟ ଶ୍ରୀକୃଷ୍ଣ କହିଥିଲେ। ଋଷିଙ୍କ ଅଭିଶାପରୁ ଦ୍ରୌପଦୀ ରକ୍ଷା ପାଇବା ପାଇଁ ଜାମୁକୋଳି ପେନ୍ଥାକୁ ଗଛ ଡାଳରେ ପୁଣି ଲଗାଇବା ପାଇଁ ଚାହୁଁଥିଲେ। ଋଷିଙ୍କ ଅଭିଶାପରୁ ବର୍ତ୍ତିବା ପାଇଁ ଶ୍ରୀକୃଷ୍ଣ ତାଙ୍କୁ ଏକ ଉପାୟ କହିଥିଲେ। ଏହି ଜାମୁ ଗଛ ସାମ୍ନାରେ ପାଣ୍ଡବ ଓ ଦ୍ରୌପଦୀ ଉଭୟଙ୍କ ଜୀବନରେ ଏକ ନିରାଟ ସତ କଥା କହିଲେ ଜାମୁ ପେନ୍ଥା ପୂର୍ବଭଳି ଡାଳରେ ଲାଗିଯିବ ବୋଲି ଶ୍ରୀକୃଷ୍ଣ କହିଥିଲେ। ଯୁଧିଷ୍ଠିରଙ୍କ ଜୀବନର ସତ୍ୟ- ମହାଭାରତ ଯୁଦ୍ଧ କେବଳ ଦ୍ରୌପଦୀଙ୍କ ପାଇଁ ହୋଇଥିଲା ବୋଲି ଯୁଧିଷ୍ଠିର କହିଥିଲେ। ଯଦି ସେମାନେ ଦ୍ରୌପଦୀଙ୍କୁ ବିବାହ କରିନଥାନ୍ତେ ତେବେ ତାଙ୍କ କୌରବ ଭାଇମାନେ ଆଜି ବି ବଞ୍ଚିଥାନ୍ତେ ବୋଲି ସେ କହିଥିଲେ। ସେଥିପାଇଁ ତାଙ୍କୁ ବହୁତ ଆଘାତ ମଧ୍ୟ ଲାଗିଛି। ଦ୍ରୌପଦୀଙ୍କୁ କେବେ କ୍ଷମା ଦେବେ ନାହିଁ ବୋଲି ଯୁଧିଷ୍ଠିର କହିଥିଲେ। ଏହି କଥା ପରେ ଜାମୁ ପେନ୍ଥାଟି ଟିକେ ପବନରେ ଉଡିବାକୁ ଲାଗିଲା। ଭୀମଙ୍କ ଜୀବନର ସତ୍ୟ- ଭୀମ କହିଥିଲେ ତାଙ୍କୁ ବହୁତ ଖାଦ୍ୟ ଖାଇବାକୁ ଭଲ ଲାଗେ। ଅତି କମ୍ ସମୟରେ ଭୀମ ରାଗି ଯାଆନ୍ତି। ୧୦୦ ଭାଇଙ୍କୁ ହତ୍ୟା କରିଥିବାରୁ ସେ ବହୁତ ଦୁଃଖ ଅନୁଭବ କରୁଛନ୍ତି ବୋଲି କହିଥିଲେ। ଭୀମଙ୍କ ସତ୍ୟ ପରେ ଜାମୁ ପେନ୍ଥାଟି ଆଉ ଟିକେ ଅଧିକ ପବନରେ ଉପରକୁ ଉଠିବାରେ ଲାଗିଲା। ଅର୍ଜୁନଙ୍କ ଜୀବନର ସତ୍ୟ- ଜୀବନରେ ସର୍ବଶ୍ରେଷ୍ଠ ଧନୁର୍ଦ୍ଧର ହେବା ତାଙ୍କର ଲକ୍ଷ୍ୟ। ଆଜି ପର୍ଯ୍ୟନ୍ତ ସେ ଜଣେ ଭଲ ଧନୁର୍ଦ୍ଧର ହୋଇ ପାରିଲେ ନାହିଁ। ଅର୍ଜୁନ କହିଥିଲେ ଯେ, ସେ ହତ୍ୟା କରିଥିବା କର୍ଣ୍ଣ ତାଙ୍କ ବଡଭାଇ ଥିଲେ ଏକଥା ଜାଣିବାପରେ ସେ ଦୁଃଖ ଅନୁଭବ କରୁଛନ୍ତି। କର୍ଣ୍ଣ ତାଙ୍କଠାରୁ ବି ଅଧିକ ବଳଶାଳୀ ଥିଲେ। ଏହିଭଳି ଭାବେ ପାଣ୍ଡବମାନେ ଜୀବନର ସତ୍ୟ କହିବା ପରେ ଦ୍ରୌପଦୀଙ୍କ ପାଳି ମଧ୍ୟ ଆସିଥିଲା। ଦ୍ରୌପଦୀଙ୍କ ଜୀବନର ସତ୍ୟ- ମହାଭାରତ ଯୁଦ୍ଧ ତାଙ୍କ ପାଇଁ ହୋଇଥିଲା ବୋଲି ଦ୍ରୌପଦୀ କହିଥିଲେ। ମହାଭାରତ ଯୁଦ୍ଧରେ ହୋଇଥିବା ରକ୍ତପାତ ପାଇଁ ତାଙ୍କୁ ବହୁତ କଷ୍ଟ ହୋଇଥିଲା। ସେଥିପାଇଁ ସେ ନିଜକୁ କେବେ କ୍ଷମା କରିପାରିବେନି ବୋଲି ଦ୍ରୌପଦୀ କହିଥିଲେ। ଦ୍ରୌପଦୀଙ୍କ ଏହି ସତ କଥାରେ ଜାମୁ ପେନ୍ଥା ଆଉ ଉପରକୁ ଗଲା ନାହିଁ। ଦ୍ରୌପଦୀଙ୍କ କଥା ମିଥ୍ୟା ହୋଇଥିବାରୁ ଜାମୁ ପେନ୍ଥା ରହିଗଲା। ଶ୍ରୀକୃଷ୍ଣ କହିଥିଲେ ଯେପର୍ଯ୍ୟନ୍ତ ଦ୍ରୌପଦୀ ସତ କହିବେନି ସେପର୍ଯ୍ୟନ୍ତ ଜାମୁ ପେନ୍ଥା ଗଛ ଡାଳରେ ଲାଗିବ ନାହିଁ। ଶ୍ରୀକୃଷ୍ଣଙ୍କ କଥା ଶୁଣିବା ପରେ ଦ୍ରୌପଦୀ ସତ କହିବା ଆରମ୍ଭ କରିଥିଲେ। ଦ୍ରୌପଦୀ କହିଥିଲେ ଯେ, କର୍ଣ୍ଣଙ୍କୁ ସେ ପ୍ରେମ କରୁଥିଲେ। ଯଦି ତାଙ୍କ ଜୀବନରେ କର୍ଣ୍ଣଙ୍କୁ ବିବାହ କରିଥାନ୍ତେ ତାଙ୍କୁ ଏତେ କଷ୍ଟ ସହିବାକୁ ପଡିନଥାନ୍ତା ବୋଲି ଦ୍ରୌପଦୀ କହିଥିଲେ। ଯଦି କର୍ଣ୍ଣଙ୍କୁ ବିବାହ କରିଥାନ୍ତେ ତେବେ ସେ ଆରାମରେ ଜୀବନ ବିତାଇ ପାରିଥାନ୍ତେ। କର୍ଣ୍ଣଙ୍କୁ ବିବାହ କରିପାରିଲେ ନାହିଁ ବୋଲି ତାଙ୍କ ଜୀବନରେ ଗୋଟେ ବଡ ଦୁଃଖ ରହିଗଲ ବୋଲି ଦ୍ରୌପଦୀ କହିଥିଲେ। ଦ୍ରୌପଦୀଙ୍କ ଏହି ସତକଥା ପରେ ଜାମୁ ପେନ୍ଥା ଗଛ ଡାଳରେ ପୂର୍ବଭଳି ଲାଗିଯାଇଥିଲା। ଦ୍ରୌପଦୀଙ୍କ ଏହି ସତ୍ୟକଥା ଜାଣିବା ପରେ ପାଣ୍ଡବମାନେ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ ।

## ମାଲୁଦ ପଞ୍ଚୁଦୋଳ ପଡିଆରେ ପାଇକ ପ୍ରଦର୍ଶନୀ




କୃଷ୍ଣପ୍ରସାଦ, (ନିପ୍ର): ପୁରୀଜିଲ୍ଲାକୃଷ୍ଣପ୍ରସାଦ ବ୍ଲକରେ ପ୍ରସିଦ୍ଧ ପଞ୍ଚୁଦୋଳ ଯାତ୍ରାରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ପାଇକ ପ୍ରଦର୍ଶନୀ ଗତ ୯ ତାରିଖ ଠାରୁ ଆରମ୍ଭ ହୋଇଛି। ୧୧ ତାରିଖ ହେଉଛି ତାର ଉଦଯାପନୀ ଉତ୍ସବ। ବାବା ଅଖଣ୍ଡଳେଶ୍ୱର ପାଇକ ଆଖଡ଼ା ସଙ୍ଘ ଆନୁକୂଲ୍ୟରେ ପାରମ୍ପରିକ ସମରକାଳା କ୍ରୀଡା କୌଶଳ ପ୍ରଦର୍ଶନୀ ଉତ୍ସବ ରାଜ୍ୟ ସଂଯୋଜକ ସୁବାଷ ଚନ୍ଦ୍ର ଜେନାଙ୍କ ଅଧକ୍ଷତାରେ ଆରମ୍ଭ ହୋଇଛି। ସେଠାରେ ଅଞ୍ଚଳରେ ବିଭିନ୍ନ ଗ୍ରାମରୁ ୧୦ ରୁ ଉର୍ଦ୍ଧ ପାଇକ ଆଖଡ଼ା ଦଳ ଆସି ଖେଳ ପ୍ରଦର୍ଶନ କରୁଛନ୍ତି। ସହିତ ଆଗାମୀ ଦିନରେ ପାଇକକୁ ଉତଯିବିତ କରିବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଇଥିଲା । ୧୦ ତାରିଖ ଦିନ ଅନୁଷ୍ଠିତ ସଭାରେ ସଂଘର ସଭାପତି ଯୋଗେନ୍ଦ୍ର ବଇରୀଗଞ୍ଜନ ସଭାପତିତ୍ୱ କରିଥିଲେ। ସମ୍ପାଦକ ସୁକାନ୍ତ ବିଶ୍ୱାଳ, ବିଦ୍ୟାଧର ପଲାଇ, ମୁଖ୍ୟଅତିଥି ଭାବେ ସିମାଞ୍ଚଳ ସାହୁ ଓ ଅନେକ ବିଦ୍ୱାନ ବ୍ୟକ୍ତି ଉପସ୍ଥିତ ରହି ପାଇକକୁ କିପରି ଉଦଜିବିତ କରାଯାଇ ପାରିବ ସେଥିପ୍ରତି ଆଲୋଚନା କରିଥିଲେ।

## କ୍ଲଷ୍ଟରସ୍ତରୀୟ 'ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି'କର୍ମଶାଳା

ରମ୍ଭା (ନିପ୍ର): ଦାନପୁର କ୍ଲଷ୍ଟରର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,ଦାନପୁର ଠାରେ ଦୁଇ ଦିନିଆ 'ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା" ଆୟୋଜିତ ହୋଇଯାଇଛି । ଏହି ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା ସିଆରସିସି ପ୍ରଶାନ୍ତ କୁମାର ସେଠୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । ସର୍ବ ପ୍ରଥମେ ଏବିଇଓ ରବି ନାରାୟଣ ସେଠୀ ପ୍ରଦ୍ୱୀପ ପ୍ରଜ୍ୱଳନ କରି ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳାକୁ ଶୁଭାରମ୍ଭ କରିଥିଲେ । ଏହି ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା ୧୨ ଗୋଟି ପ୍ରାଥମିକ , ଉଚ୍ଚ ପ୍ରାଥମିକ ଏବଂ ଉଚ୍ଚ ବିଦ୍ୟାଳୟର ୬୦ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ନେଇ କର୍ମଶାଳା ଅନୁଷ୍ଠିତ ହୋଇଥିଲା । ଏଥି ସହିତ ୧୨ ଟି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ସହକାରୀ ଶିକ୍ଷକ, ଶିକ୍ଷୟିତ୍ରୀ ମାନେ ପାଖାପାଖି ୧୦୦ଟି ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିଥିଲେ । ପରିଶେଷରେ ସିଆରସିସି ପ୍ରଶାନ୍ତ କୁମାର ସେଠୀ ସମସ୍ତଙ୍କୁ ଧନ୍ୟବାଦ ଦେଇ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳାକୁ ଉଦଯାପିତ କରିଥିଲେ ।

## ରେଭେନ୍ସା ବିଶ୍ୱବିଦ୍ୟାଳୟ ମନସ୍ତତ୍ୱ ବିଭାଗ ପକ୍ଷରୁ କର୍ମଶାଳା




କଟକ,(ନିପ୍ର): ରେଭେନ୍ସା ବିଶ୍ୱ ବିଦ୍ୟାଳୟ ମନସ୍ତ୍ୱ ବିଭାଗ ପକ୍ଷରୁ ୩ ଦିନିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳା ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସକରାତ୍ମକତା, ବୁଝାମଣା ଓ ଅନୁକୂଳନକୁ ପ୍ରୋତ୍ସାହିତ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି । ଏହି କର୍ମଶାଳାକୁ ପିଜି କାଉନସିଲର ଅଧକ୍ଷ ପ୍ରଫେସର ଧର୍ମବ୍ରତ ମହାପାତ୍ର, ମନସ୍ତତ୍ୱ ବିଭାଗର ସଂଯୋଜକ ରିତୁ ପାତ୍ର, ମନସ୍ତତ୍ୱ ବିଭାଗର ଅଧ୍ୟାପକ ଏବଂ ବିଭିନ୍ନ ମାନସିକ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ କ୍ଷେତ୍ରରେ ବିଶିଷ୍ଟ ବ୍ୟକ୍ତିମାନେ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମର ପ୍ରଥମ ଦିବସରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଶମିତା ମହାପାତ୍ର ଓ ମନୋ ଚିକିତ୍ସକ ପ୍ରଫେସର ନୀଳମାଧବ ରଥ ଉପସ୍ଥିତ ଥିଲେ।

## ସ୍ୱାସ୍ଥ୍ୟ ପରୀକ୍ଷଣ ଶିବିର

ବୁଗୁଡ଼ା (ନିପ୍ର): ଆନ୍ତର୍ଜାତିକ ମହିଳା ଦିବସ ପାଳନ ଅବସରରେ ବୁଗୁଡ଼ା ଏନଏସି କାର୍ଯ୍ୟାଳୟ ପରିସରରେ ଏକ ସ୍ୱାସ୍ଥ୍ୟ ପରୀକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି।ଏନଏସି ନଗରପାଳ ଚିତ୍ରସେନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ତରଫରୁ ଡାକ୍ତର ପ୍ରୀତିଶ୍ ରଞ୍ଜନ ସାହୁ ଯୋଗଦେଇ ବିଶ୍ୱ ମହିଳା ଦିବସ ପାଳନର ଉଦ୍ଦେଶ୍ୟ ସଂପର୍କରେ କହିବା ସହ ସୁସ୍ଥ ନାରୀ ସୁସ୍ଥ ପରିବାର ବିଷୟରେ ବିସ୍ତୃତ ଆଲୋଚନା କରି ଉପସ୍ଥିତ କର୍ମଚାରୀମାନଙ୍କୁ ସଚେତନ କରାଇଥିଲେ। ଏ ଅବସରରେ ଡାକ୍ତର ସାହୁ ଏନଏସିର ୩୫ ଜଣ କର୍ମଚାରୀ ଏବଂ ୭୦ ଜଣ ସଫେଇ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷଣ କରି ସେମାନଙ୍କୁ ସଦାବେଳେ ସୁସ୍ଥ ରହିବା ପାଇଁ ପରାମର୍ଶ ଦେଇଥିଲେ।

# ଜଳ ମହୋତ୍ସବ କାର୍ଯ୍ୟକ୍ରମରେ ସରପଞ୍ଚ ସମ୍ମାନିତ

ହିଞ୍ଜିଳିକାଟୁ,(ନି.ପ୍ର): ନୂଆଁଦିଲ୍ଲୀର ବିଜ୍ଞାନ ଭବନରେ ବୁଧବାର ଅନୁଷ୍ଠିତ ଜାତୀୟ କାର୍ଯ୍ୟକ୍ରମ ଜଳ ମହୋତ୍ସବରେ ଗଞ୍ଜାମ ଜିଲ୍ଲାର ଏକ ମାତ୍ର ପ୍ରତିନିଧି ଭାବେ ହିଞ୍ଜିଳିକାଟୁ ବ୍ଲକ ବେଲଗାଁ ସରପଞ୍ଚ ଲକ୍ଷ୍ମୀ ସାହୁ ଉଲ୍ଲେଖନୀୟ ସେବା, ସହଯୋଗିତା ଓ ସହଭାଗିତା ସକାଶେ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ଜଳ ଶକ୍ତି ମନ୍ତ୍ରାଳୟର ମନ୍ତ୍ରୀ ଓ ପ୍ରମୁଖ ପ୍ରଶାସନିକ ଅଧିକାରୀଙ୍କ ଗାରିମାମୟ ଉପସ୍ଥିତିରେ ପ୍ରଶଂସିତ ହୋଇ ସମ୍ମାନିତ ହୋଇଛନ୍ତି। ଏଥି ପୂର୍ବରୁ ଗତ ନଭେମ୍ବର ମାସ ୧୮ ତାରିଖରେ କେନ୍ଦ୍ର ସରକାରଙ୍କ ଜଳ ଜୀବିକା ମିଶନ ଆନୁକୁଲ୍ୟରେ ବେଲଗାଁ ଠାରେ ଆଭାସୀ ମାଧ୍ୟମରେ ସର୍ବ ଭାରତୀୟ ସ୍ତରରେ ସୁଜଳ ଗ୍ରାମ ସମ୍ବାଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମ୍ପୃକ୍ତ ଏକକ ପଞ୍ଚାୟତରେ ୭୧୮ ଆବାସିକ ଗୃହ ସହ ବସବାସ କରୁଥିବା ୩୧୪୫ ଅଧିବାସୀଙ୍କ ସହିତ ୩ ସରକାରୀ କାର୍ଯ୍ୟାଳୟକୁ ନିୟମିତ ଭାବେ ସୁଚାରୁରୂପେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ, ସୁପରିଚାଳନା ଓ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ସମ୍ପର୍କରେ ସରପଞ୍ଚ କେନ୍ଦ୍ରୀୟ ଅଧିକାରୀଙ୍କ ସମ୍ମୁଖରେ ବିସ୍ତୃତ ଭାବେ ମତ ପ୍ରକାଶ କରି ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ଜିଲ୍ଲା ଓ ରାଜ୍ୟ ସ୍ତରରେ ପ୍ରଶଂସିତ ହେବା ସହ କେନ୍ଦ୍ର ସରକାରଙ୍କ ଜଳ ମହୋତ୍ସବରେ ଅଂଶ ଗ୍ରହଣ କରିବା




ପାଇଁ ମନୋନୀତ ହୋଇଥିଲେ। ଗଞ୍ଜାମ ଜିଲ୍ଲାରୁ ଏକମାତ୍ର ପ୍ରତିନିଧି ଭାବେ ବେଲଗାଁ ସରପଞ୍ଚ ଜଳ ମହୋତ୍ସବ ଜାତୀୟ କାର୍ଯ୍ୟକ୍ରମରେ ମହାମହିମ ରାଷ୍ଟ୍ରପତି ଓ ଜଳ ଶକ୍ତି ମନ୍ତ୍ରାଳୟର ବିଶିଷ୍ଟ ପଦାଧିକାରୀଙ୍କ ଗହଣରେ ଉପସ୍ଥିତ ରହି ପ୍ରଶଂସା ପତ୍ର ସହ ସମ୍ବର୍ଦ୍ଧିତ ହୋଇଛନ୍ତି। ଏହି ସଫଳତାର ଶ୍ରେୟ ସେ ଗଞ୍ଜାମ ଜିଲ୍ଲାପାଳ ଭି. କିର୍ତ୍ତିଭାସନ୍,ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ଇଂ ବିକାଶ କୁମାର ପତି ଓ ହିଞ୍ଜିଳିକାଟୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଶ୍ରୀ ସାଗରିକା ଷଡ଼ଙ୍ଗୀଙ୍କ ସମେତ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ସୀମାଞ୍ଚଳ ବେହେରା, ସହକାରୀ ଯନ୍ତ୍ରୀ ଇଂ ପ୍ରସନ୍ନ କୁମାର ଦଳାଇ ଓ ସହକାରୀ ଯନ୍ତ୍ରୀ ଇଂ ସନ୍ତୋଷ କୁମାର ଦାଶଙ୍କୁ ପ୍ରଦାନ କରିଛନ୍ତି।

## ବରିଷ୍ଠ ବିଜେଡ଼ି ନେତା ଦଳ ଛାଡ଼ି କଂଗ୍ରେସରେ ସାମିଲ




ନିମାପଡ଼ା,(ନି.ପ୍ର.): ନିମାପଡ଼ା-କାକଟପୁର ଅଞ୍ଚଳର ଅନ୍ୟତମ ସଂଗଠକ ତଥା କଂଗ୍ରେସ ଓ ବିଜୁ ଜନତା ଦଳକୁ ସୁସଂଗଠିତ କରି ଆସିଥିବା ନେତା ସତ୍ୟବ୍ରତ ପାତ୍ର (ରମ୍ପୁ) ବହୁ କଂଗ୍ରେସ କର୍ମୀ, ସମର୍ଥକ ଓ ଶୁଭେଚ୍ଛୁଙ୍କ ସହ କଂଗ୍ରେସ ଦଳରେ ଯୋଗ ଦେଇଥିବାରୁ ନିମାପଡ଼ା ନିର୍ବାଚନ ମଣ୍ଡଳୀ, କଂଗ୍ରେସ ମହଲରେ ଆନନ୍ଦର ଲହରୀ ଖେଳି ଯାଇଛି । ଗତ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ସିଦ୍ଧାର୍ଥ ରାଉତରାୟ ଏହି ଅବସରରେ ସମସ୍ତ କର୍ମୀଙ୍କୁ ସହଯୋଗ ପାଇଁ ନିବେଦନ କରି ରମ୍ପୁ ବାବୁଙ୍କ ନେତୃତ୍ୱରେ କଂଗ୍ରେସ ସଂଗଠନ ମଜବୁତ ହେବା ସୁନିଶ୍ଚିତ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଶ୍ରୀ ପାତ୍ର ଜନସାଧାରଣଙ୍କ ସମସ୍ୟା ସମାଧାନ ସହିତ ବିଭିନ୍ନ ନିର୍ବାଚନ (ଗ୍ରା.ପ. ଏନ୍ଏସି ସମବାୟ ସମିତି)ରେ କଂଗ୍ରେସ ଦଳର ସ୍ଥିତିକୁ ମଜବୁତ କରିବା ସହିତ ଅନେକ ପ୍ରତିନିଧିଙ୍କୁ ଜିତାଇ ଥିବା ଉଲ୍ଲେଖଯୋଗ୍ୟ । ଶ୍ରୀ ପାତ୍ର ୨୦୦୯ ମସିହାରେ ନିମାପଡ଼ା ବିଧାନସଭା ନିର୍ବାଚନରେ ଅଂଶଗ୍ରହଣ କରି ୪୧ ହଜାରରୁ ଅଧିକ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିଲେ । ସେବେଠାରୁ ସେ ସାଂଗଠନିକ କାର୍ଯ୍ୟକୁ ଗୁରୁତ୍ୱ ଦେଇ ଆସୁଥିଲେ । ଏନ୍ଏସି ନିର୍ବାଚନ (୨୦୧୩)ରେ କଂଗ୍ରେସ ପ୍ରାର୍ଥୀଙ୍କୁ ଜିତାଇ ଥିବା ବେଳେ ସେବେଠାରୁ ନିମାପଡ଼ା-ଗୋପ ଅଞ୍ଚଳରେ ସାଂଗଠନିକ କାର୍ଯ୍ୟାଳୟ ଖୋଲି କର୍ମୀଙ୍କୁ ଏକତ୍ରିତ କରି ରଖିଥିବା ଲକ୍ଷ୍ୟ କରାଯାଇଛି । ୨୦୧୪ ନିର୍ବାଚନରେ ଶ୍ରୀ ପାତ୍ରଙ୍କୁ କଂଗ୍ରେସ ଟିକେଟ୍ ନ ମିଳିବାର ଡ଼ଃ ବିଶ୍ୱ ରଂଜନ ମହାନ୍ତି କଂଗ୍ରେସ ଟିକେଟ୍‌ରେ ନିର୍ବାଚନ ଲଢ଼ି ୨୦ ହଜାର ଭୋଟ ପାଇ କଂଗ୍ରେସ ସଂଗଠନକୁ ଦୁର୍ବଳ କରିବାରେ ସହାୟକ ହୋଇଥିଲେ । ତେବେ ରାଜ୍ୟ କଂଗ୍ରେସ ଉଚ୍ଚ କର୍ତ୍ତୃପକ୍ଷ ଏହି ବିପର୍ଯ୍ୟୟ ପାଇଁ ଗଭୀର ଚିନ୍ତା କରି ଅନ୍ୟତମ ସଂଗଠକ ତଥା କର୍ମୀ ବତ୍ସଳ ନେତା ସତ୍ୟବ୍ରତ ପାତ୍ରଙ୍କୁ ଦଳରେ ସାମିଲ କରି ଥିବାରୁ ନିମାପଡ଼ା ନିର୍ବାଚନ ମଣ୍ଡଳୀ କଂଗ୍ରେସ ମହଲରେ ଉତ୍ସାହ ଓ କର୍ମୀଙ୍କ ମନୋବଳ ବୃଦ୍ଧି ପାଇଥିବା କର୍ମୀ ଓ ବିଭିନ୍ନ ଗ୍ରା.ପ.ର ନେତୃବୃନ୍ଦ ସୂଚନା ଦେଇଥିଲେ ।

## ବାଣପୁରରେ ପଞ୍ଚୁଦୋଳ ଉତ୍ସବ ଉଦ୍‌ଯାପିତ

ବାଲୁଗାଁ,(ନିପ୍ର): ଐତିହାସିକ ବାଣପୁର ପଞ୍ଚୁଦୋଳ ସୋମବାର ସନ୍ଧ୍ୟାରେ ୮୦ ହଜାରରୁ ଉର୍ଦ୍ଧ୍ୱ ଭକ୍ତଙ୍କ ସମାରୋହରେ ଉଦ୍‌ଯାପିତ ହୋଇଯାଇଛି। ରବିବାର ବିଳମ୍ବିତ ରାତ୍ରରେ ସ୍ଥାନାଧିପତି ଶ୍ରୀ ଶ୍ରୀ ଚରଣ ଚକାଦେବଙ୍କ ନିମନ୍ତ୍ରଣ କ୍ରମେ ଶ୍ରୀ ଶ୍ରୀ ଦକ୍ଷେଶ୍ୱର ଦେବ, ମା ଭଗବତୀ, ଆଠ ଶାସନର ମୁଖ୍ୟ ରଙ୍କନାଥ ଦେବ, ନଅ ଦେଉଳର ମୁଖ୍ୟ ଉମାମହେଶ୍ୱର ଦେବ, ଭେଟିନାଥ ଦେବ ପ୍ରମୁଖ ଦେବା ଦେବୀଙ୍କ ସହିତ କପିଳେଶ୍ୱର ଦେବ, ଗୋପୀନାଥ ଦେବ, ବାଲୁଙ୍କେଶ୍ୱର ଦେବ, ରଘୁନାଥ ଦେବ, ଗତିଶ୍ୱର, ଗୁପ୍ତେଶ୍ୱର, ରାମେଶ୍ୱର, ସ୍ୱପ୍ନେଶ୍ୱର ଦେବ, ଝାଡେଶ୍ୱର ଦେବ ପ୍ରଭୃତି ଆଖପାଖ ଶତାଧିକ ଗ୍ରାମର ୧୭୦ ଠାକୁରଙ୍କ ବିଜେ ପ୍ରତିମା ବୃଷଭ, ସିଂହ, ଗରୁଡ, ହନୁମାନ ଓ ଚଉଦୋଳ ପ୍ରଭୃତି ବିମାନରେ ସୁସଜିତ ହୋଇ ବାଜା ରୋଷଣୀ ପଟୁଆର ଆତସବାଜି ଶଙ୍ଖ ଘଣ୍ଟା କାହାଳୀ ନାଦରେ ଏକ ଆଧାତ୍ମିକ ପରିବେଶରେ ବିଭିନ୍ନ ଗ୍ରାମ ପରିକ୍ରମା କରି ପଲଟଣ ପଡିଆରେ ଏକତ୍ରିତ ହୋଇଥିଲେ । ପାଇକ ଆଖଡା, ଘୋଡାନାଚ, ଯୋଡି ଶଙ୍ଖ ସହ ଡିଜେ ଭକ୍ତି ଓ ହର୍ଷ ଉଲ୍ଲାସ ରେ ପ୍ରକମ୍ପିତ ହୋଇ ଉଠିଥିଲା ପଲଟଣ ପଡିଆ । ମା ଭଗବତୀ, ଚରଣ ଚକାଦେବ, ରଙ୍କନାଥ ଦେବ, ଉମା ମହେଶ୍ୱର ଦେବ ପ୍ରମୁଖ ଦେବାଦେବୀ ଆସନ ଗ୍ରହଣ କରିବା ପରେ ଅନ୍ୟାନ୍ୟ ଦେବାଦେବୀ ମାନେ ନିଜ ନିଜର ଆସନରେ ଉପବେସନ କରିଥିଲେ । ଏହା ପରେ ବାଦ୍ୟଯନ୍ତ୍ର, ରୋଷଣୀ ଓ ଶୋଭାଯାତ୍ରା ପ୍ରଭୃତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଚଉଦୋଳରେ ଶ୍ରୀ ଶ୍ରୀ ଉମାମହେଶ୍ୱର ଦେବ ବାଲୁଗାଁ, ସିଂହରେ କନକ ଦୁର୍ଗା ଦେବୀ ପାଟପୁର, ବୃଷଭରେ ଶ୍ରୀ ଶ୍ରୀ କପିଳେଶ୍ୱର ଦେବ ଅଚ୍ୟୁତରାଜପୁର, ଗରୁଡରେ ଶ୍ରୀ ଶ୍ରୀ କୁଞ୍ଜବିହାରୀ ଦେବ ସାନ ହନୁଆଡ, ହନୁମାନରେ ଶ୍ରୀ ଶ୍ରୀ ରାମଚନ୍ଦ୍ର ଦେବ ଭୀମପୁର, ଶୋଭାଯାତ୍ରାରେ ଗାଲୁଆର ଶ୍ରୀ ଶ୍ରୀ ଗୁପ୍ତେଶ୍ୱର ଦେବ, ବାଲିପଦରର ଶ୍ରୀ ଶ୍ରୀ ଲୋକନାଥ ଦେବ ଏବଂ ଭେଟେଶ୍ୱରର ଶ୍ରୀ ଶ୍ରୀ ଭେଟିନାଥ ଦେବଙ୍କ ସମେତ ପୁଞ୍ଜିଆମାର ଶ୍ରୀ ଶ୍ରୀ କନକ ଦୁର୍ଗା ଦେବୀ ଓ ଶ୍ରୀ ଶ୍ରୀ ଭେଟିନାଥ ଦେବଙ୍କ ମାର୍ଫତଦାରଙ୍କୁ ସ୍ୱତନ୍ତ୍ର ଆକର୍ଷଣ ପୁରସ୍କାରରେ ସମ୍ମାନୀତ କରାଯାଇଥିଲା । ବୁଧବାର ମଧ୍ୟାହ୍ନରୁ ପଡିଆରେ ଲୋକଙ୍କ ଭିଡ ଲାଗି ରହିଥିବା ବେଳେ ସନ୍ଧ୍ୟାରେ ତୁଳସୀ ସନ୍ଧ୍ୟା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଗୁରୁବାର ଭୋରରୁ ଶୋଭାଯାତ୍ରା, ଆତସବାଜୀ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା । ପୂର୍ବାହ୍ନ ୯ଟାରୁ ଅପରାହ୍ନ ଯାଏଁ ଠାକୁରଙ୍କ ନୀତିକାନ୍ତି ସମେତ ସଂକୀର୍ତ୍ତନ, ଭୋଗଲାଗି ହେବା ସହ ଦିନ ତମାମ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଲାଗି ରହିଥିଲା । ସନ୍ଧ୍ୟାରେ ମେଳଣ ଦର୍ଶନ କରିବାକୁ ୫୦ହଜାରରୁ ଉର୍ଦ୍ଧ୍ୱ ଭକ୍ତଙ୍କ ସମାବେଶ ହୋଇଥିଲା ।

## ସାମ୍ବାଦିକ ପେନସନ ଓ ସୁରକ୍ଷା ଦାବି କଲା ଉତ୍କଳ ସାମ୍ବାଦିକ ସଂଘ

ବ୍ରହ୍ମପୁର,(ନିପ୍ର) : ଭାରତ ବର୍ଷର ୨୨ଟି ରାଜ୍ୟରେ ସାମ୍ବାଦିକ ମାନଙ୍କୁ ପେନସନ ବ୍ୟବସ୍ଥା ଲାଗୁ ହୋଇଥିଲେ ମଧ ଓଡ଼ିଶାରେ ଦୀର୍ଘ ଚାରି ଦଶନ୍ଧି ଧରି ଏହି ବ୍ୟବସ୍ଥା ପ୍ରତିଶ୍ରୁତିରେ ହିଁ ରହିଛି ବୋଲି ଉତ୍କଳ ସାମ୍ବାଦିକ ସଂଘ ଗଞ୍ଜାମ ଶାଖାର ପ୍ରଥମ ବାର୍ଷିକ ଅଧିବେଶନରେ ବକ୍ତାମାନେ ପ୍ରକାଶ କରିବା ସହ ରାଜ୍ୟ ସରକାର ନିଜ ପ୍ରତିଶ୍ରୁତି ରକ୍ଷା କରନ୍ତୁ ବୋଲି ଦାବି କରିଥିଲେ ।ସ୍ଥାନୀୟ ଇଞ୍ଜିନିୟରିଂ ସ୍କୁଲ ଛକସ୍ଥିତ ରାଜସ୍ୱ ଡ଼ାକ ବଙ୍ଗଳା ପରିସରରେ ଆୟୋଜିତ ବାର୍ଷିକ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଉପସଭାପତି ରାମଚନ୍ଦ୍ର ପଣ୍ଡା, ବରିଷ୍ଠ ସାମ୍ବାଦିକ ତଥା ଆଡ଼ଭୋକେଟ୍ ଭଗବାନ ସାହୁ, ନବୀନର ସମ୍ପାଦକ ତଥା ଓଡ଼ିଶା କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ମହାସଂଘର ଅଧକ୍ଷ ରବି ରଥ, ଉତ୍କଳ ସାମ୍ବାଦିକ ସଂଘର ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା, କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ, ସମାଜସେବୀ ପ୍ରଶାନ୍ତ କୁମାର ପଣ୍ଡା ପ୍ରମୁଖ ଉଦବୋଧନ ଦେଇ ବିଜେପି ସରକାର କ୍ଷମତା ପାଇଲେ ସାମ୍ବାଦିକ ପେନସନ ଓ ସୁରକ୍ଷା ପାଇଁ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ମଧ ଅଦ୍ୟାବଧି କୌଣସି ଫଳପ୍ରଦ ହୋଇପାରିନାହିଁ । ଆଡ଼ଭୋକେଟ୍ ଶ୍ରୀ ସାହୁ କହିଲେ ବର୍ତ୍ତମାନ ସାମ୍ବାଦିକତାର ତରିକା ବଦଳିଗଲାଣି । ପୂର୍ବରୁ ଅନୁସନ୍ଧାନମୂଳକ ସାମ୍ବାଦିକତା ହେଉଥିଲା ତାହା ସମ୍ପୂର୍ଣ୍ଣ ଭାବେ ଉଭେଇ ଯାଇଛି । ସାଧାରଣ ଜନତାଙ୍କ ସମସ୍ୟା ସମ୍ପର୍କିତ ଖବର ସମ୍ବାଦପତ୍ରରେ ପ୍ରକାଶ ପାଉନଥିବାରୁ ଉଦବେଗ ପ୍ରକାଶ କରିଥିଲେ ।ଶ୍ରୀ ରଥ କହିଲେ, ପୂର୍ବରୁ ସାମ୍ବାଦିକମାନଙ୍କ ପ୍ରତି ଯଥେଷ୍ଟ ସମ୍ମାନ ଓ ସାଧାରଣ ଜନତାଙ୍କ ଭୟ ରହୁଥିଲା । କିନ୍ତୁ ଆଜି ତାହା ସମ୍ପୂର୍ଣ୍ଣ ଭାବେ ଲୋପ ପାଇଯାଇଛି । ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରିବା ଢ଼ଙ୍ଗ ପରିବର୍ତ୍ତନ ହୋଇଥିବା ଯୋଗୁଁ ଆଜି ସତ୍ୟ ଓ ନିରପେକ୍ଷ ସମ୍ବାଦ ପ୍ରକାଶିତ ହୋଇପାରୁନାହିଁ ।

## କାକଟପୁରରେ ଦୋଳ ମହୋତ୍ସବ ଉଦ୍‌ଘାଟିତ



କାକଟପୁର(ନିପ୍ର): କାକଟପୁର ନିର୍ବାଚନ ମଣ୍ଡଳୀରେ ଭାଇଚାରା ସୃଷ୍ଟି କରିବା ଏବଂ ଲୋପ ପାଉଥିବା ଲୋକକଳା, ସଂସ୍କୃତି, ପରମ୍ପରା,ପାରମ୍ପରିକ ସମରକଳାକୁ ଉଜ୍ଜୀବିତ କରିବା ତଥା ସ୍ଥାନୀୟ କାରିଗର ଏବଂ କଳାକାରମାନଙ୍କୁ ଉତ୍ସାହିତ କରିବାର ଲକ୍ଷ୍ୟ ନେଇ ତୃତୀୟ ବାର୍ଷିକୀ କାକଟପୁର ଦୋଳ ମହୋତ୍ସବ -୨୦୨୬ ସ୍ଥାନୀୟ ମୂଳାଗଡ଼ ମେଳଣ ପଡ଼ିଆ ଠାରେ ଉଦ୍‌ଘାଟିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମ ୩ ଦିନ ବ୍ୟାପୀ ଚାଲିବାକୁ ଥିବାବେଳେ ମଙ୍ଗଳବାର ଉଦ୍‌ଘାଟନୀ ସନ୍ଧ୍ୟାରେ ଜଗତସିଂହପୁର ସାଂସଦଙ୍କ ପୁରୀଜିଲ୍ଲା ପ୍ରତିନିଧି ଶ୍ରୀଯୁକ୍ତ ସୁଦର୍ଶନ ସ୍ୱାଇଁଙ୍କ ପୌରୋହିତ୍ୟରେ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସରକାରଙ୍କ ମାନ୍ୟବର ମନ୍ତ୍ରୀ-ଶିଳ୍ପ ଏବଂ ଦକ୍ଷତା ବିକାଶ, ସମ୍ପଦ ଚନ୍ଦ୍ର ସ୍ୱାଇଁ, ମାନ୍ୟବର ପିପିଲି-ଡେଲାଙ୍ଗ ବିଧାୟକ ଆଶ୍ରିତ ପଟ୍ଟନାୟକ,ରାଜ୍ୟ ବିଜେପି ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ବାଇଧର ମଲ୍ଲିକ, କାକଟପୁରର ପୂର୍ବତନ ବିଧାୟକ ସୁରେନ୍ଦ୍ର ସେଠି, ପ୍ରମୁଖ ଯୋଗଦେଇ ଏଭଳି ମହୋତ୍ସବ ସ୍ଥାନୀୟ ଅଞ୍ଚଳରେ ଏକତା,ଐତିହ୍ୟ, ପରମ୍ପରା,ଭାଇଚାରାକୁ ବଜାୟ ରଖିବାରେ ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ।

## ଥାନା ସାମ୍ନାରେ କ୍ଷତିଗ୍ରସ୍ତ ପରିବାରଙ୍କ ଧାରଣା




ନିମାପଡ଼ା,(ନି.ପ୍ର.): ଗତ ୯ ତାରିଖରେ ଡ଼ିହବାରୀ ଗ୍ରାମର ଯୁବକ ସୁବ୍ରତ ଭୋଇ (୧୮) ଆତ୍ମହତ୍ୟା ଘଟଣାରେ ପୋଲିସ ନିର୍ଯ୍ୟାତନା ଅଭିଯୋଗ ପ୍ରତି ପରିବାର ଓ ଗ୍ରାମବାସୀ ଅଙ୍ଗୁଳି ନିର୍ଦ୍ଦେଶ କରିବା ସହିତ ଥାନା ସାମ୍ନାରେ ଦିନ ତମାମ୍ ଧାରଣା ଦେଇଥିଲେ । ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ପୋଷ୍ଟ ମର୍ଟମ ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବା ପରେ ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ, ପୋଲିସ ଅଧିକାରୀଙ୍କ ବିରୁଦ୍ଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଏବଂ କ୍ଷତିପୂରଣ ଦାବି କରାଯାଇଥିଲା। ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଘଟଣା ସ୍ଥଳରେ ପହଞ୍ଚି କାର୍ଯ୍ୟାନୁଷ୍ଠାନ ପ୍ରତିଶ୍ରୁତି ଦେଇଥିଲେ । ୧୦ ତାରିଖ ଦିନ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ୧୧ ତାରିଖ ଦିନ ଗ୍ରାମବାସୀ ଓ ପରିବାର ବର୍ଗ ଥାନା ସାମ୍ନାରେ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରିଥିବା ଜଣାପଡ଼ିଛି । ଅଭିଯୋଗକାରୀଙ୍କ ଦାବିପତ୍ର ପୋଲିସ କର୍ଣ୍ଣପାତ କରୁ ନଥିବା ଧାରଣାକାରୀମାନେ ଗଣମାଧ୍ୟମକୁ ସୂଚନା ଦେଇଥିଲେ । ଯେଉଁମାନେ ସୁବ୍ରତକୁ ମାରିଛନ୍ତି ସେମାନଙ୍କୁ ଗିରଫ ସହ ପୋଲିସ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରି ୨୦-୨୫ ମସିହାଙ୍କ ସମେତ ପରିବାରବର୍ଗ ଥାନା ସାମ୍ନାରେ ବସିଥିଲେ ମଧ ଥାନାଧିକାରୀ ନଥିବାରୁ କୌଣସି ମତାମତ ମିଳି ନଥିଲା। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ଥିବା ଜଣାପଡ଼ିଛି ।

## କେବୁଲ ଚୋରି କରି ଦୁଇ ଗିରଫ

ଭୁବନେଶ୍ୱର(ନିପ୍ର): ଠିକାଦାରଙ୍କ କେବୁଲ ଚୋରି କରିବା ଅଭିଯୋଗରେ ଖାରବେଳନଗର ଥାନା ପୁଲିସ ଦୁଇ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ହାରୁନ ରସିଦ ଲାୟକ ଓ ମାନସ ବେହେରା। ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଏନେଇ ପ୍ରଦୀପ ମେହତା ଥାନାରେ ଅଭିଯୋଗ କରିଥିଲେ। ସୂଚ୍‌ନାଯୋଗ୍ୟ ଯେ, ଅଭିଯୋଗକାରୀ ପ୍ରଦୀପ ମେହତା ସତ୍ୟନଗର ୧୩୨/୩୩ କେଭି ଜିଆଇଏସ୍ ଗ୍ରୀଡ୍ ସବଷ୍ଟେସନ୍ ପ୍ରକଳ୍ପ ପାଇଁ ଭୂତଳ ବୈଦ୍ୟୁତିକ ତମ୍ବା କେବୁଲ୍ ବିଛାଇବା କାର୍ଯ୍ୟରେ ନିଯୋଜିତ ଜଣେ ଠିକାଦାର। ଅଭିଯୋଗ ଅନୁଯାୟୀ, ଗତକାଲି ସକାଳ ପ୍ରାୟ ୦୪.୦୦ ବେଳେ ଦୁଇଜଣ ଅଜଣା ବ୍ୟକ୍ତି ସତ୍ୟନଗର ଓଭରବ୍ରିଜ୍ ନିକଟରେ ଥିବା ପ୍ରକଳ୍ପ କାର୍ଯ୍ୟସ୍ଥଳରେ ବେଆଇନ ଭାବରେ ପ୍ରବେଶ କରି ସେଠାରେ ପ୍ରକଳ୍ପ କାମ ପାଇଁ ରଖାଯାଇଥିବା ପ୍ରାୟ ୪ ମିଟର ୬୩୦ ବର୍ଗମିଟର ଭୂତଳ କେବୁଲ୍ ଚୋରି କରି ନେଇଥିଲେ। ଚୋରି ହୋଇଥିବା କେବୁଲର ଆନୁମାନିକ ମୂଲ୍ୟ ପ୍ରାୟ ୧,୨୦,୦୦୦/- ଟଙ୍କା ବୋଲି ଉଲ୍ଲେଖ କରାଯାଇଛି। ଘଟଣା ସମୟରେ ସାଇଟ୍‌ରେ ଉପସ୍ଥିତ କର୍ମଚ଼ାରୀମାନେ ଏହି କାର୍ଯ୍ୟ ଦେଖି ଅପରାଧୀମାନଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ। ସେହି ସମୟରେ ଅଭିଯୁକ୍ତମାନେ ଜଣେ ଶ୍ରମିକଙ୍କୁ ଆକ୍ରମଣ କରିବାକୁ ଚେଷ୍ଟା କରିଥିଲେ ଏବଂ ପ୍ରକଳ୍ପ ସ୍ଥଳରୁ ଚୋରି ହୋଇଥିବା କେବୁଲକୁ କାଟି ଟ୍ରଲିରେ ନେଇ ଘଟଣାସ୍ଥଳରୁ ପଳାଇଯାଇଥିଲେ। ଏହା ଫଳରେ ସରକାରୀ ପ୍ରକଳ୍ପ ସମ୍ପତ୍ତିର କ୍ଷତି ହେବା ସହିତ ଚ଼ାଲୁଥିବା କାର୍ଯ୍ୟରେ ବାଧା ସୃଷ୍ଟି ହୋଇଥିଲା। ତଦନ୍ତ ସମୟରେ ଆଜି ବିଶ୍ୱସ୍ତ ସୂଚ୍‌ନା ଆଧାରରେ ପୋଲିସ ସତ୍ୟନଗର ଅଞ୍ଚଳ ନିକଟରୁ ଅଭିଯୁକ୍ତ ମାନସ କୁମାର ବେହେରାଙ୍କୁ ଗିରଫ କରିଥିଲା। ପଚ଼ରାଉଚ଼ରା ସମୟରେ ସେ ଚୋରିରେ ତାଙ୍କ ସମ୍ପୃକ୍ତି ସ୍ୱୀକାର କରିଥିଲେ ଏବଂ ତାଙ୍କ ସହଯୋଗୀ ହାରୁନ୍ ରସିଦ୍ ଲାୟକଙ୍କ ସହିତ ଏହି ଅପରାଧ କରିଥିବା ପ୍ରକାଶ କରିଥିଲେ। ପରବର୍ତ୍ତୀ ସମୟରେ ସହଯୋଗୀ ଅଭିଯୁକ୍ତ ହାରୁନ୍ ରସିଦ୍ ଲାୟକଙ୍କୁ ମଧ୍ୟ ଗିରଫ କରାଯାଇଥିଲା। ଅଧିକ ପଚ଼ରାଉଚ଼ରା ସମୟରେ ଅଭିଯୁକ୍ତମାନେ ପ୍ରକାଶିତ ବୟାନ ଦେଇଥିବାରୁ ଚୋରି ହୋଇଥିବା କେବୁଲ୍ ଏବଂ ଅପରାଧରେ ବ୍ୟବହୃତ ଟ୍ରଲି ଭୁବନେଶ୍ୱରର ୟୁନିଟ୍-୩ ଅଞ୍ଚଳରେ ଥିବା ପଣ୍ଡା ନର୍ସିଂ ହୋମ୍ ପଛପଟରୁ ଉଦ୍ଧାର ଓ ଜବତ କରାଯାଇଥିଲା। ପୂର୍ବ ଅପରାଧିକ ରେକର୍ଡ ଯାଞ୍ଚରୁ ଅଭିଯୁକ୍ତ ମାନସ କୁମାର ବେହେରା ଖାରବେଳନଗର ଥାନାର ଏକ ପୂର୍ବ ମାମଲାରେ ଜଡିତ ଥିବା ଜଣାପଡ଼ିଛି। ଅଭିଯୁକ୍ତଦୁହିଁଙ୍କ ବିରୋଧରେ ଅପରାଧ ସ୍ପଷ୍ଟ ହୋଇଥିବାରୁ ଆଇନଅନୁଯାୟୀ ଆଜି ସେମାନଙ୍କୁ କୋର୍ଟକୁ ଚ଼ାଲାଣ କରାଯାଇଛି।

## ଧର୍ମଗଡ଼ ଉପଖଣ୍ଡରେ ଯୋଗ ଦେଲେ ଆଇପିଏସ



ଧର୍ମଗଡ(ନିପ୍ର): କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଉପଖଣ୍ଡରେ ନୂତନ ଭାବେ ଯୋଗଦାନ ଦେଲେ ମହିଳା ଆଇପିଏସ ସୂଶ୍ରୀ ଭର୍ଷିଥା ଅଡେପୂ । ମହିଳା ଡିଏସପି ସୂଶ୍ରୀ ଭର୍ଷିଥା ଅଡେପୂ ଧର୍ମଗଡ ଉପଖଣ୍ଡ ପୋଲିସ ଅଧିକାରିଣୀ ଭାବେ ଯୋଗଦାନ ଦେଇ କାର୍ଯ୍ୟଭାର ଗ୍ରହଣ କଲାପରେ ଥାନା ପକ୍ଷରୁ ଅଧିକାରୀ, କର୍ମଚାରି ମାନେ ଡିଏସପିଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ । ନୂତନ ମହିଳା ଡିଏସପି ଯୋଗଦାନ କରିବା ପୂର୍ବରୁ ଡିଏସ୍‌ପି ଡୋଳାମଣୀ ଭୋଇ ଉପଖଣ୍ଡ ଥାନାର କାର୍ଯ୍ୟର ଦାୟିତ୍ୱ ତୁଲାଉ ଥିଲେ । ସେ ପଦୋନ୍ନତି ହୋଇ ଜିଲ୍ଲା ହେଡ଼ କ୍ୱାଟରକୁ ଅତିରିକ୍ତ ଏସ୍‌ପି ଭାବେ ବଦଳି ହେବା ପର ଦିନ ଠାରୁ ସୂଶ୍ରୀ ଭର୍ଷିଥା ଅପେଡୁ ଧର୍ମଗଡ ଉପଖଣ୍ଡ ପୋଲିସ ଅଧିକାରିଣୀ ଭାବେ ଯୋଗଦାନ କରି ଦାୟିତ୍ୱ ନେଇଛନ୍ତି । ଏହା ପୂର୍ବରୁ ସୂଶ୍ରୀ ଅଡେପୁ ତେଲେଙ୍ଗାନା ରାଜ୍ୟର ଜନ୍ମିତ ୨୦୨୧ ବ୍ୟାଚ ଓଡିଶା କ୍ୟାଡରର ଆଇପିଏସ ଅନୁଗୁଳ ଜିଲ୍ଲାରେ ପ୍ରୋବେଶନରେ କାର୍ଯ୍ୟରତ ଥାଇ ନିକଟରେ ହୋଇଥିବା ନୂଆପଡା ଉପନିର୍ବାଚନରେ ଗୁରୁ ଦାୟିତ୍ୱ ନିଭାଇ ଥିଲେ।

## ଜିଲ୍ଲାସ୍ତରୀୟ ଆଶା ଓ ଗାଁ କଲ୍ୟାଣ ସମିତି ସମ୍ମିଳନୀ




କଟକ(ନିପ୍ର): ଜିଲ୍ଲାସ୍ତରୀୟ ଆଶା ଓ ଗାଁକଲ୍ୟାଣ ସମିତି ସମ୍ମିଳନୀ ଆଜି ନେତାଜୀ ସଂସ୍କୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗର ମିଳିତ ପ୍ରୟାସରେ ଆୟୋଜିତ ଏହି ସମ୍ମିଳନୀରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ଆଶାକର୍ମୀ, ଗାଁ କଲ୍ୟାଣ ସମିତି ସଦସ୍ୟ ଓ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ସେବାକୁ ଲୋକଙ୍କ ନିକଟରେ ପହଞ୍ଚାଇବାରେ ଆଶାକର୍ମୀମାନଙ୍କ ଭୂମିକା ଅତ୍ୟନ୍ତ ପ୍ରଶଂସନୀୟ ବୋଲି ଜିଲ୍ଲାପାଳ ମତବ୍ୟକ୍ତ କରିଥିଲେ । ସେହିପରି ଗାଁ କଲ୍ୟାଣ ସମିତି ମାଧ୍ୟମରେ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ସେବାକୁ ଆହୁରି ସୁଦୃଢ଼ କରିବା ସହ ଏକ ମାସ ପୂର୍ବରୁ ଗର୍ଭବତୀ ମହିଳାମାନଙ୍କୁ ଦାୟିତ୍ୱପୂର୍ଣ୍ଣ ଭାବେ ଡାକ୍ତରଙ୍କ ନିକଟକୁ ନେଇ ରିର୍ପୋଟ ସଂଗ୍ରହ କରିବାକୁ ଉପସ୍ଥିତ ଆଶାକର୍ମୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ଜିଲ୍ଲାର ସ୍ୱାସ୍ଥ୍ୟକେନ୍ଦ୍ର, ଆଶାକର୍ମୀଙ୍କ ସମେତ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଉତ୍କୃଷ୍ଟ କାର୍ଯ୍ୟ ନିମନ୍ତେ କାର୍ଯ୍ୟକର୍ତ୍ତାମାନଙ୍କୁ ଜିଲ୍ଲାପାଳଙ୍କ ଦ୍ୱାରା ସମ୍ମାନୀତ କରାଯାଇଥିଲା। ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ ପ୍ରଶାନ୍ତ ହୋତା କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସମ୍ମିଳନୀରେ ଜିଲ୍ଲା ସଂଯୋଜକ କମ୍ୟୁନିଟି ପ୍ରୋସେସ ନୃସିଂହ ଚରଣ ସ୍ୱାଇଁ ସରକାରଙ୍କ ବିଭିନ୍ନ ଯୋଜନା ସଂପର୍କରେ ଆଲୋକପାତ କରିଥିଲେ ।

ତିଥି :(ନବମୀ): (ମୂଳା ଧନୁ)
ଅମୃତ ବେଳା:ରାତ୍ରୀ ଘ ୧।୨ ଗତେ ଘ ୩।୨୬ ମଧ୍ୟେ

## ଆଜିର ଅନୁଚିନ୍ତନ

ସମସ୍ତ ପ୍ରାଣୀ ହୃଦେ ମୁହିଁ, ଜୀବ ସ୍ୱରୂପେ ବିରାଜଇ
ବେଦାନ୍ତ ଜ୍ଞାନ ଜାତ ମୁହିଁ, ବେଦାର୍ଥ ମୁଁ ଅଟଇ।।
- ଶ୍ରୀମଦ୍ ଭଗବଦ୍ ଗୀତା

# ହେଲାଣି ଅଚଳାବସ୍ଥା

ନାନା ଭାବରେ ସାଧାରଣ ଲୋକଙ୍କ ଉପରେ ସଂକଟ ଓ ଅର୍ଥବୋଝ ଏବେ ଅଧିକ ଲକ୍ଷ୍ୟ କରାଯାଉଛି। ଏ ସମସ୍ୟା ଲୋକଙ୍କର ନିଜସ୍ୱ ନୁହେଁ,ବରଂ ଇରାନ ଉପରେ ଆମେରିକା ଓ ଇସ୍ରାଏଲ ପକ୍ଷରୁ ମିଳିତ ଆକ୍ରମଣ କାରଣରୁ। ଚର୍ଚ୍ଚିତ ହର୍ମୁଜ ଜଳପଥ ଦେଇ ଅଶୋଧିତ ତୈଳ ଓ ପ୍ରାକୃତିକ ବାଷ୍ପ ଆସିପାରୁ ନ ଥିବାରୁ ଭାରତ ସମେତ ବିଭିନ୍ନ ଦେଶରେ ପ୍ରଭାବ ପଡିଲାଣି। ଆମ ଦେଶ କଥା ଦେଖିଲେ ସ୍ଥିତି ନାକେଦମ୍ ହେଲାଣି। ଯୁଦ୍ଧ କାରଣରୁ ମାର୍ଚ୍ଚ ୭ ରେ ଘରୋଇ ଓ ବ୍ୟାବସାୟିକ ଗ୍ୟାସ ସିଲିଣ୍ଡର ପିଛା ଦରବୃଦ୍ଧି ଯଥାକ୍ରମେ ୬୦ ଟଙ୍କା ଏବଂ ୧୫୦ ଟଙ୍କା ବଢ଼ିସାରିଛି। ଯଦି ଏଲପିଜି କଥା ଦେଖାଯିବ ଏହାକୁ ମହଜୁଦ ରଖି ଅସାଧୁ ଗୋଷ୍ଠୀ କଳାବଜାର କରୁଥିବା ଅଭିଯୋଗ ସାଙ୍ଗକୁ ସ୍ଥିତି ଏପରି ହୋଇଛି ଯେ ଖାଉଟିମାନେ ଗ୍ୟାସ ଏଜେନସି ଆଗରେ ଖାତା ଧରି ଲମ୍ବା ଧାଡି ଲଗାଇବାକୁ ବାଧ୍ୟ ହେଉଛନ୍ତି। କେବଳ ସେତିକି ନୁହେଁ ବ୍ୟବସାୟ କରୁଥିବା ବିଭିନ୍ନ ସହରର ରୋଷ୍ଟୋରାଁ ଓ ହୋଟେଲଗୁଡ଼ିକୁ ଗ୍ୟାସ ଯୋଗାଣ ଠିକ୍ ଭାବରେ ହୋଇପାରୁ ନଥିବାରୁ ସେମାନେ ଚିନ୍ତାରେ ପଡିଲେଣି। ଅଚଳାବସ୍ଥା ଊଣାଅଧିକେ ସର୍ବତ୍ର ପରିଲକ୍ଷିତ।

ଆମ ରାଜ୍ୟରେ କୁହାଯାଉଛି ଯେ ୯୩୯ ଟଙ୍କା ଘରୋଇ ଗ୍ୟାସ ସିଲିଣ୍ଡର ଦାମ୍ ହୋଇଥିଲେ ହେଁ କିଛି ଅଞ୍ଚଳରେ ତାହା ୧୫ଶହ ଅବା ଦୁଇ ହଜାର ଟଙ୍କାରେ କଳାବଜାର ହେଲାଣି। ଯେଉଁଠୁ ଅଭିଯୋଗ ଆସୁ ନା କାହିଁକି ତାହା ଉପରେ ତୁରନ୍ତ ଅନୁସନ୍ଧାନ ପୂର୍ବକ କାର୍ଯ୍ୟାନୁଷ୍ଠାନ କିଛି ସଂଖ୍ୟାରେ ହେଲେ କଳାବଜାରୀ ଚେତନ୍ତେ। ରାଜ୍ୟରେ ଯଥେଷ୍ଟ ଏଲ୍‌ପିଜି ଉପଲବ୍ଧ ଥିବା ସରକାରୀ ଭାବରେ କୁହାଯାଉଛି, ମାତ୍ର ତୃଣମୂଳରେ ସୃଷ୍ଟ ଅବ୍ୟବସ୍ଥା ଲାଗି କାହାକୁ ଦାୟୀ କରାଯିବ ? ଅଚଳାବସ୍ଥା ଓ ଉପଲବ୍‌ଧତାର ଗୋଲକ ଧନ୍ଦାରେ ଯାହା ଖାଉଟି ହନ୍ତସନ୍ତ ହେବା ସାର ହେଉଛି। ପୂର୍ବରୁ ଖାଇବା ତେଲ ମହଙ୍ଗା ହୋଇସାରିଛି। ଏବେ ପୁଣି ବିଧାନସଭା ଅଧିବେଶନରେ ଯାହା ସୂଚନା ଦିଆଯାଇଛି।ତାହା ହେଉଛି ପଶ୍ଚିମବଙ୍ଗ, ୟୁପିରୁ ଆଳୁ ଆସୁଛି, ଚିନି ଆସୁଛି ମହାରାଷ୍ଟ୍ର,ଆନ୍ଧ୍ର ଓ କର୍ଣ୍ଣାଟକରୁ। ସେହିଭଳି ଗୁଜରାଟ,ତାମିଲନାଡୁର ଆସୁଛି ଲୁଣ। ଯଦିଓ ଆମ ରାଜ୍ୟରେ ସୁଦୀର୍ଘ ଉପକୂଳ ରହିଛି।

ଭଲ ଭାବରେ ଜଣାଶୁଣା ଯେ ଆଳୁ ଦର ବଢ଼ିବା ସମୟରେ ଏବଂ ପଶ୍ଚିମବଙ୍ଗ ପଠାଇବା ବେଳେ ଦିଦିଙ୍କ ଫୁଟାଣି ଆମ ରାଜ୍ୟବାସୀଙ୍କ ମନରୁ ପାସୋର ଯାଇନାହିଁ। ସୁତରାଂ ଏବର ପରିସ୍ଥିତି ସୁଧାରିବାରେ ସରକାର ଯଥାର୍ଥ ଧ୍ୟାନ ଦେବା ଜରୁରୀ।

# ସାମାଜିକ ଗଣମାଧ୍ୟମ : ସୁଯୋଗ ଓ ସାମାଜିକ ପୁଞ୍ଜି

**ମନସିଜ୍ ଦାସ**

ବର୍ତ୍ତମାନର ସମୟରେ ସାମାଜିକ ଗଣମାଧ୍ୟମ ଏକ ଅପରିହାର୍ଯ୍ୟ ବନ୍ଧୁ ହୋଇସାରିଛି। ସାମାଜିକ ଗଣମାଧ୍ୟମ ଏକ ଡିଜିଟାଲ ଲୋକାଭିମୁଖୀ ମଞ୍ଚ। ଯାହା ମାଧ୍ୟମରେ ବ୍ୟବହାର କରୁଥିବା ଜଣଙ୍କ ବିଭିନ୍ନ ସତ୍ୟ ଆଧାରିତ ତଥ୍ୟ ଓ ଉତ୍ତମ ଭାବନାକୁ ସହଜରେ ଆଦାନ ପ୍ରଦାନ କରି ନୂତନ କାର୍ଯ୍ୟ ସମ୍ପର୍କ ଆଦି ଯୋଡ଼ିବା ସହ ଏକ ଉଜ୍ଜ୍ୱଳ ଅଭିବୃଦ୍ଧି ସମ୍ପନ୍ନ ଉତ୍ତମ ଭବିଷ୍ୟତ ଗଠନର ରାସ୍ତା ଦେଖାଇଥାଏ। ଭାରତର ବିଶାଳ ସାମାଜିକ ଅର୍ଥନୈତିକ ବିବିଧତା ମଧ୍ୟରେ, ସାମାଜିକ ଗଣମାଧ୍ୟମ ଏକାଧିକ ସହାୟକ ଭୂମିକା ଗ୍ରହଣ କରେ। ଦୁର୍ଗମ, ଆଦିବାସୀ କିମ୍ବା ଆର୍ଥିକ ଦୃଷ୍ଟିରୁ ସୀମିତ ଅଞ୍ଚଳର ଛାତ୍ରଛାତ୍ରୀମାନଙ୍କ ପାଇଁ ସାମାଜିକ ଗଣମାଧ୍ୟମ ପ୍ରାୟତଃ ଆନୁଷ୍ଠାନିକ ଭିତ୍ତିଭୂମିରେ ଥିବା ଶୂନ୍ୟସ୍ଥାନକୁ ପୂରଣ କରିଥାଏ।

ସାମାଜିକ ଗଣମାଧ୍ୟମ, ପରିଚୟ ଅନ୍ୱେଷଣ ଏବଂ ସୃଜନଶୀଳ ଅଭିବ୍ୟକ୍ତି ପାଇଁ ଏକ ଶକ୍ତିଶାଳୀ ମାଧ୍ୟମ ଭାବେ ଉଭା ହୋଇଛି। ଯୁବାବସ୍ଥା ବା କିଶୋରାବସ୍ଥା ହେଉଛି ଅନୁସନ୍ଧାନର ଏକ ସମୟ। ସାମାଜିକ ଗଣମାଧ୍ୟମ ଯୁବକମାନଙ୍କୁ ସୃଜନଶୀଳତା ପ୍ରଦର୍ଶନ କରିବାକୁ, ନିଜ କାହାଣୀ ବାଣ୍ଟିବାକୁ, କଳା ଓ ଦକ୍ଷତା ପ୍ରଦର୍ଶନ କରିବାକୁ ଏବଂ ବୈଧତା ଗ୍ରହଣ କରିବାକୁ ଏକ ବିଶାଳ ଓ ବିବିଧ ସୁଯୋଗ ଯୋଗାଇ ଦିଏ। ଅନେକ ଯୁବକମାନଙ୍କ ପାଇଁ ବିଶେଷକରି ଝିଅ ମାନଙ୍କ ପାଇଁ, ଏଲଜିବିଟିକ୍ୟୁ , କିଶୋର, ଭିନ୍ନକ୍ଷମ ବ୍ୟକ୍ତି ଏବଂ ଅବହେଳିତ ସାମାଜିକ ପୃଷ୍ଠଭୂମିର ଛାତ୍ରଛାତ୍ରୀଙ୍କ ପାଇଁ ସାମାଜିକ ଗଣମାଧ୍ୟମ ଏକ ନିଶ୍ଚିନ୍ତ ଏବଂ ଭାବପ୍ରବଣ ସୁରକ୍ଷା ପ୍ରଦାନ କରିଥାଏ। ଜଳବାୟୁ ସଚେତନତା, ମାନସିକ ସ୍ୱାସ୍ଥ୍ୟ ଅଭିଯାନ, ଛାତ୍ର ଆନ୍ଦୋଳନ ଏବଂ ଲିଙ୍ଗ ନ୍ୟାୟ ବାର୍ତ୍ତାଳାପକୁ, ସାମାଜିକ ଗଣମାଧ୍ୟମ ଜରିଆରେ ଦୃଢ଼ ଭାବରେ ମଧ୍ୟସ୍ଥତା କରାଯାଇପାରୁଅଛି ଓ ସାମାଜିକ ସଚେତନତା ଅଣାଯାଇପାରୁଛି। ଆନୁଷ୍ଠାନିକ ଗଣତାନ୍ତ୍ରିକ ଭାବେ ସାମାଜିକ ଗଣମାଧ୍ୟମ, ଯୁବକମାନଙ୍କୁ ମତାମତ ବ୍ୟକ୍ତ କରିବା, ସାଥୀମାନଙ୍କୁ ଏକତ୍ରିତ କରିବା ଏବଂ ରାଜନୈତିକ ବିଚାର ପାଇଁ ଏକ ପ୍ଲାଟଫର୍ମ ଯୋଗାଇ ଦେଇଛି। ଆଜି ସାମାଜିକ ଗଣମାଧ୍ୟମ ବହୁ ପରିମାଣରେ ରାଜନୈତିକ ସଚେତନତା, ଅର୍ଥନୈତିକ ସାକ୍ଷରତା, ରୋଜଗାର ପନ୍ଥା ଏବଂ ସାମାଜିକ ଚେତନା ସୃଷ୍ଟି କରିପାରିଛି। ସେଥିପାଇଁ ଆଜି ବଣମଲ୍ଲୀଟିଏ ବଣରେ ଫୁଟି ଆଉ ବଣରେ ମଉଳୁ ନାହିଁ, ବରଂ ନିଜ ବାସ୍ନା ଓ ସୌନ୍ଦର୍ଯ୍ୟରେ ସମସ୍ତଙ୍କୁ ଲାଭାନ୍ୱିତ କରୁଛି, ସମସ୍ତଙ୍କ ମନକୁ ମୁଗ୍ଧ କରି ନିଜର ଚାହିଦା ବିସ୍ତାର କରୁଛି। ବର୍ତ୍ତମାନର ଡିଜିଟାଲ ଯୁଗରେ ହ୍ୱାଟସ୍ ଆପ୍ ଠାରୁ ଟେଲିଗ୍ରାମ, ଇନଷ୍ଟାଗ୍ରାମ ଠାରୁ ୟୁଟ୍ୟୁବ, ଏକ୍ସ ପ୍ରମୁଖ ଭାରତର ଲକ୍ଷାଧିକ ଯୁବ ବର୍ଗ, ବିଦ୍ୟାର୍ଥୀଙ୍କ ନୂଆ ପାଠଶାଳା, ଶିକ୍ଷାକେନ୍ଦ୍ର ମାଧ୍ୟମରେ ଉପଲବ୍ଧ। କୃଷି ବିଭାଗ ଠାରୁ ଉଦ୍ଭାବନ, କୃତ୍ରିମ ବୁଦ୍ଧିମତ୍ତା ଠାରୁ ଡାଟା ସାଇନ୍ସ, ଆଇଆଇଟି ଠାରୁ ଜେଇ, ନିଟ୍ ୟୁପିଏସସି ଆଦି ଶିକ୍ଷାବର୍ଗ କ୍ଷେତ୍ରରେ ବିଦ୍ୟାର୍ଥୀମାନେ ନିଜ ଘରେ ବସି ହାତପାହାନ୍ତାରେ ଏହି ସୁଯୋଗ ପାଇପାରୁଛନ୍ତି। କେବଳ ସେତିକି ନୁହେଁ ଅନେକ ଫିଲାନ୍ସର, ଡିଜିଟାଲ ମେକର, କଣ୍ଟେଣ୍ଟ ରାଇଟର, ୟୁଟ୍ୟୁବ କ୍ରିଏଟର, ଇନଷ୍ଟାଗ୍ରାମ ଇନଫ୍ଲୁଏନସର, ଷ୍ଟାରମେକର ଆଦି କେବଳ ଖୁସିବାସି ନୁହେଁ ବରଂ ଯୁବ ବର୍ଗଙ୍କ ଏକ ସମ୍ମାନଜନକ ଜୀବିକା ଭାବେ ଆମ ସାମ୍ନାରେ ପ୍ରତୀୟମାନ। ଆର୍ଥିକ ସ୍ତରରେ ସ୍ୱାବଲମ୍ବନଶୀଳ କରିବା ସହ କେବଳ ଗ୍ରାମୀଣ ଯୁବ ବର୍ଗ ନୁହଁନ୍ତି ସ୍ୱୟଂ ସହାୟକ ଗୋଷ୍ଠୀମାନେ ମଧ୍ୟ ସାମାଜିକ ଗଣମାଧ୍ୟମ ଦ୍ୱାରା ଅନଲାଇନ ବ୍ୟବସାୟ, ସେମାନଙ୍କ ହସ୍ତ ଉତ୍ପାଦିତ ଖାଦ୍ୟ ଆଦି ବିଶ୍ୱର ବିଭିନ୍ନ ସ୍ଥାନରେ ପହଞ୍ଚାଇ ପାରୁଛନ୍ତି। କହିବାକୁଗଲେ ଜୀବନରେ ସୃଜନ ଶୀଳତା ବଢ଼ାଇବାରେ ମଧ୍ୟ ସାମାଜିକ ଗଣମାଧ୍ୟମ ଏକ ପ୍ରମୁଖ, ପ୍ରଭାବୀ ଓ ରୂପାନ୍ତରକାରୀ ଶକ୍ତି ଭାବେ ଅସୀମିତ ଓ ପ୍ରେରଣା ଦାୟକ। ଭାରତୀୟ ଯୁବକମାନଙ୍କ ଉପରେ ସାମାଜିକ ଗଣମାଧ୍ୟମର ପ୍ରଭାବ ସମ୍ପୂର୍ଣ୍ଣ ଭାବେ ଲାଭଦାୟକ ବା ସମ୍ପୂର୍ଣ୍ଣ ଭାବେ କ୍ଷତିକାରକ, ତାହା ନୁହେଁ। ଏହା ଏକ ଜଟିଳ ପରିସଂସ୍ଥା, ଯାହା ଜ୍ଞାନ ଏବଂ ସମ୍ପ୍ରଦାୟର ପ୍ରବେଶକୁ ବିସ୍ତାର କରେ ଏବଂ ଜ୍ଞାନାମୂଳ ଅଭ୍ୟାସ ଓ ସାମାଜିକ ଆଶାକୁ ରୂପ ଦିଏ। ବିଶ୍ୱର ସର୍ବବୃହତ୍ ଯୁବ ଜନସଂଖ୍ୟା ଥିବା ଦେଶ, ଭାରତରେ ଏହାର ପରିଣାମ ଅସାଧାରଣ ଭାବେ ଅଧିକ। ଏହି ସମସ୍ୟାର ସମାଧାନ ନିମନ୍ତେ ଲୋଡ଼ା। ବିଦ୍ୟାଳୟ ପାଠ୍ୟକ୍ରମରେ ଡିଜିଟାଲ ଏବଂ ଭାବନାମୂଳ ସାକ୍ଷରତାକୁ ଏକୀଭୂତ କରିବା ଯେଉଁଥିରେ ଆଲଗୋରିଦମ୍, ଅନଲାଇନ ସୁରକ୍ଷା ଏବଂ ସୁସ୍ଥ ଧ୍ୟାନ ଅଭ୍ୟାସ ବିଷୟରେ ସଚେତନତା ଅନ୍ତର୍ଭୁକ୍ତ। ତାଲିମ ପ୍ରାପ୍ତ ପରାମର୍ଶଦାତା, ନିୟମିତ ସ୍କ୍ରିନିଂ ଏବଂ ଶିକ୍ଷକଙ୍କ ଦକ୍ଷତା ବୃଦ୍ଧି ସହିତ ବିଦ୍ୟାଳୟ ଭିତ୍ତିକ ମାନସିକ ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସୁଦୃଢ଼ କରିବା। ପିତାମାତାଙ୍କ ଭୂମିକାକୁ ଉତ୍ସାହିତ କରିବା। ଯୁବ କୈନ୍ଦ୍ରିକ ନିୟନ୍ତ୍ରଣ ସୁନିଶ୍ଚିତ କରିବା, ନିଶା ପ୍ରବଣ ଢାଞ୍ଚା ଏବଂ ଆଲଗୋରିଦମ ସ୍ୱଚ୍ଛତାକୁ ସମାଧାନ କରିବା। ଯତ୍ନର ନିରନ୍ତରତା ପାଇଁ ଟେଲି ମାନସ ଏବଂ ଯୁବ ହେଲପଲାଇନ ଭଳି ଜାତୀୟ ମାନସିକ ସ୍ୱାସ୍ଥ୍ୟ ପଦକ୍ଷେପ ସହିତ ଶିକ୍ଷା ବ୍ୟବସ୍ଥାକୁ ସମନ୍ୱିତ କରିବା।

ଏହି ପରିବର୍ତ୍ତନ ଭାରତର ଯୁବକମାନଙ୍କୁ ସଶକ୍ତ କରିବ ଓ ଶିକ୍ଷା ନିୟନ୍ତ୍ରଣ, ନୈତିକତା ଏବଂ ଯତ୍ନ ସହିତ ସାମାଜିକ ଗଣମାଧ୍ୟମର ବ୍ୟବହାରକୁ ପ୍ରୋତ୍ସାହନ ଦେବ, ଯେଉଁଠି ବଦଳୁଥିବା ପ୍ରଯୁକ୍ତିବିଦ୍ୟା ଚିନ୍ତା ବା ସମସ୍ୟାର କାରଣ ନ ହୋଇ, ସମାଧାନ ଓ ନୂତନ ଚିନ୍ତନର ମାଧ୍ୟମ ହୋଇପାରିବ।

**ଗୁରୁଗ୍ରାମ, ହରିୟାନା**

# ମଧ୍ୟପ୍ରାଚ୍ୟ ଯୁଦ୍ଧ ଓ ଭାରତର ସମସ୍ୟା

**ଡା. ରାଜ କିଶୋର ପଣ୍ଡା**

“ଦେଶର ପଚାଶ ପ୍ରତିଶତରୁ ଅଧିକ ତୈଳ ଆମଦାନି ଏହି ମାର୍ଗ ଦେଇ ହୋଇଥାଏ। ଯଦି ଦୀର୍ଘ ସମୟ ପାଇଁ ଇରାନ ଏହାକୁ ବନ୍ଦ କରେ ତେବେ ସମଗ୍ର ବିଶ୍ୱ ବିଶେଷ କରି ଭାରତରେ ତୈଳର ମୂଲ୍ୟ ବଢ଼ିବ। ବିଶେଷଜ୍ଞମାନେ ଯଦିଓ ଏକଥାରେ ସନ୍ଦିହାନ ଅଛନ୍ତି ଯେ, ଦୀର୍ଘକାଳ ପର୍ଯ୍ୟନ୍ତ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌କୁ ବନ୍ଦ କରି ରଖିବାର କ୍ଷମତା ଇରାନ ପାଖରେ ଅଛି, ଆମେ କିନ୍ତୁ ଏକଥା ଭୁଲିବା ଉଚିତ ନୁହେଁ, ଇରାନର ନୌବାହିନୀ ସୁବିକଶିତ ଓ ଚାଇନା ଦ୍ୱାରା ପ୍ରଦତ୍ତ ଅତ୍ୟାଧୁନିକ ଯୁଦ୍ଧ ବୁଡ଼ାଜାହାଜ ଏହା ପାଖରେ ଅଛି। ଆହୁରି ଇରାନ ଆଲୋଚିତ ପଥରେ ଗରିଲା ପଦ୍ଧତିରେ ଆମେରିକା ଓ ଇସ୍ରାଏଲ୍ ଉପରେ ଆକ୍ରମଣ କରିପାରେ।

ଆମେରିକା ଓ ଇସ୍ରାଏଲ୍ ମିଳିତ ଭାବରେ ଫେବୃୟାରୀ ଅଠେଇଶ ତାରିଖରେ ଇରାନ ଉପରେ ଆକ୍ରମଣ କରି ଏହାର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲ୍ଲୀ ଖାମେନେଇ ଓ ତାଙ୍କ ପରିବାରବର୍ଗଙ୍କୁ ହତ୍ୟା କରିବା ପରଠାରୁ ମଧ୍ୟ ପ୍ରାଚ୍ୟ ତଥା ସମଗ୍ର ବିଶ୍ୱ, ବାରୁଦ ଗଦା ଉପରେ ବସିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ତୃତୀୟ ବିଶ୍ୱଯୁଦ୍ଧ ଆଡ଼କୁ ଏହା ବାଟ କଢ଼ାଇ ନେବ ବୋଲି ବିଶ୍ୱ ରାଜନୀତିର ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି। ଖାମେନେଇଙ୍କ ନିଧନ ପରଠାରୁ ଗୋଟିଏ ବିଶିଷ୍ଟ ଘଟଣା ଲୋକଲୋଚନକୁ ଆସିଅଛି, ସେଇଟି ହେଲା ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ଦେଇ ତୈଳ ତଥା ଅନ୍ୟାନ୍ୟ ସାମଗ୍ରୀର ପରିବହନ ବନ୍ଦ ହେବା। ଏହି ସଂଘର୍ଷ ଏବେ ଥମିବାର କୌଣସି ଲକ୍ଷଣ ଦିଶୁ ନାହିଁ ବରଂ ଆମେରିକା ଓ ଇସ୍ରାଏଲ୍, ଇରାନକୁ କ୍ରମାଗତ ଭାବରେ ଦୁର୍ବଳ କରିବା ପାଇଁ ଏହି ଯୁଦ୍ଧକୁ ଲମ୍ବା ସମୟ ପର୍ଯ୍ୟନ୍ତ ଟାଣିବେ। ଏଣୁ ଭାରତ ପାଇଁ ମଧ୍ୟ ଏହି ଯୁଦ୍ଧ ବହୁତ ସମସ୍ୟା ଡାକି ଆଣିବାର ସମ୍ଭାବ୍ୟତା ବଢ଼ାଇସାରିଛି। ସମସ୍ୟାଗୁଡ଼ିକ ହେଉଛି ଅଶୋଧିତ ତୈଳର ମୂଲ୍ୟବୃଦ୍ଧି, ଶେୟାର ବଜାରରେ ବିପର୍ଯ୍ୟୟ, ନୌପରିବହନ ଖର୍ଚ୍ଚର ବୃଦ୍ଧି, ଖାଦ୍ୟ ସାମଗ୍ରୀ ଦରରେ ବୃଦ୍ଧି, ଭାରତରୁ ଇରାନକୁ ରପ୍ତାନି ଦେଉଥିବା ସାମଗ୍ରୀ ଯଥା ବାସମତୀ ଚାଉଳ, ଚାହା, ଯନ୍ତ୍ରାଂଶ ଇତ୍ୟାଦିରେ ହ୍ରାସ, ରପ୍ତାନିଜନିତ ସୁରକ୍ଷା ବୀମାର ମୂଲ୍ୟ ବୃଦ୍ଧି, ମଧ୍ୟପ୍ରାଚ୍ୟରେ ରହୁଥିବା ଭାରତୀୟମାନଙ୍କର ସୁରକ୍ଷା ଚିନ୍ତା ଓ ଇସ୍ରାଏଲ ଏବଂ ଅନ୍ୟ ମଧ୍ୟପ୍ରାଚୀୟ ଦେଶ ସହିତ ଦ୍ୱିପାକ୍ଷିକ ବାଣିଜ୍ୟରେ ହ୍ରାସ ଇତ୍ୟାଦି ପ୍ରମୁଖ। କ୍ରମାନ୍ୱୟରେ ଏଗୁଡ଼ିକ ଉପରେ ସାମାନ୍ୟ ଆଲୋଚନା ଏଠାରେ କରାଯାଇପାରେ।

ଷ୍ଟ୍ରେଟ୍ ଅଫ୍ ହରମୁଜ ସମସ୍ୟା :
ଏହି ଯୁଦ୍ଧ ଆରମ୍ଭ ହେବାର କିଛିଦିନ ଆଗରୁ ପରୀକ୍ଷାମୂଳକ ଭାବେ ଏକ ସମରାଭ୍ୟାସରେ ଇରାନର ନୌସେନା ‘ଇସଲାମିକ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ ନାଭ’ ଏହି ଷ୍ଟେଟ୍ ଅଫ୍ ହର୍ମୁଜ୍‌କୁ କିଛି ଘଣ୍ଟା ପାଇଁ ବନ୍ଦ କରିଥିଲା। ଉଦ୍ଦେଶ୍ୟ ଥିଲା ନୂଆ ପ୍ରତିରକ୍ଷା ଡକଟ୍ରାଇନ୍‌କୁ ପରୀକ୍ଷା କରିବା ତଥା ବିଶ୍ୱକୁ ଇରାନର ସାମର୍ଥ୍ୟ ବିଷୟରେ ସୂଚନା ଦେବା। ପ୍ରତିଦିନ ପାଖାପାଖି କୋଡ଼ିଏ ମିଲିଅନ ବ୍ୟାରେଲରୁ ଅଧିକ ଅଶୋଧିତ ତୈଳର ରପ୍ତାନି ଏହି ବାଟ ଦେଇ ହୋଇଥାଏ। ଯାହାକି ସମଗ୍ର ବିଶ୍ୱର ତୈଳ ରପ୍ତାନିର ପଚିଶ ପ୍ରତିଶତ। ଭାରତ ସକାଶେ ଏହି ପଥର ମହତ୍ତ୍ୱ ଆହୁରି ବେଶି, କାରଣ ଦେଶର ପଚାଶ ପ୍ରତିଶତରୁ ଅଧିକ ତୈଳ ଆମଦାନି ଏହି ମାର୍ଗ ଦେଇ ହୋଇଥାଏ। ଯଦି ଦୀର୍ଘ ସମୟ ପାଇଁ ଇରାନ ଏହାକୁ ବନ୍ଦ କରେ ତେବେ ସମଗ୍ର ବିଶ୍ୱ ବିଶେଷ କରି ଭାରତରେ ତୈଳର ମୂଲ୍ୟ ବଢ଼ିବ। ବିଶେଷଜ୍ଞମାନେ ଯଦିଓ ଏକଥାରେ ସନ୍ଦିହାନ ଅଛନ୍ତି ଯେ, ଦୀର୍ଘକାଳ ପର୍ଯ୍ୟନ୍ତ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌କୁ ବନ୍ଦ କରି ରଖିବାର କ୍ଷମତା ଇରାନ ପାଖରେ ଅଛି, ଆମେ କିନ୍ତୁ ଏକଥା ଭୁଲିବା ଉଚିତ ନୁହେଁ, ଇରାନର ନୌବାହିନୀ ସୁବିକଶିତ ଓ ଚାଇନା ଦ୍ୱାରା ପ୍ରଦତ୍ତ ଅତ୍ୟାଧୁନିକ ଯୁଦ୍ଧ ବୁଡ଼ାଜାହାଜ ଏହା ପାଖରେ ଅଛି। ଆହୁରି ଇରାନ ଆଲୋଚିତ ପଥରେ ଗରିଲା ପଦ୍ଧତିରେ ଆମେରିକା ଓ ଇସ୍ରାଏଲ୍ ଉପରେ ଆକ୍ରମଣ କରିପାରେ। ତେଣୁ ଏହି ଅଞ୍ଚଳ ଦେଇ ଯାଉଥିବା ଜାହାଜଗୁଡ଼ିକର ସୁରକ୍ଷା ବୀମାର ମଧ୍ୟ ମୂଲ୍ୟବୃଦ୍ଧି ଘଟିବ। ଯାହାକି ବାଟ କଢ଼ାଇ ନେବ ତୈଳର ମୂଲ୍ୟ ବୃଦ୍ଧିକୁ। ସର୍ବେକ୍ଷଣରୁ ଜଣା ପଡୁଛି ଯେ ଷ୍ଟ୍ରେଟ୍ ଅଫ୍ ହରମୁଜ୍‌ରେ ଦୀର୍ଘ ସମୟ ପର୍ଯ୍ୟନ୍ତ ସମସ୍ୟା ଲାଗି ରହିଲେ ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ଅଧିକ ବଢ଼ିପାରେ। ଶହେ ଡଲାରକୁ ବୃଦ୍ଧି ପାଇ ଏବେ ପୁଣି କମିଛି। କେବଳ ଅଶୋଧିତ ତୈଳ ନୁହେଁ, ଏହା ଏକ ପ୍ରମୁଖ ନୌବାଣିଜ୍ୟ ପଥ ହୋଇଥିବାରୁ ଅନ୍ୟାନ୍ୟ ଦ୍ରବ୍ୟର ମଧ୍ୟ ମୂଲ୍ୟବୃଦ୍ଧି ହେବାର ଆଶଙ୍କା କରାଯାଉଛି। ଇରାନ ପୃଥିବୀର ବୃହତ୍ତମ ତୈଳ ଉତ୍ପାଦନକାରୀ ଦେଶମାନଙ୍କ ମଧ୍ୟରେ ଅନ୍ୟତମ ଓ ବର୍ତ୍ତମାନ ଏହା ସଂଗ୍ରାମ ଜର୍ଜରିତ। ଅଶୋଧିତ ତୈଳର ମୂଲ୍ୟରେ ଅହେତୁକ ବୃଦ୍ଧି ଯଦି ଆଗକୁ ଅଧିକ ହୁଏ ତେବେ ଭାରତ ରୁଷ୍ ଉପରେ ଅଧିକ ନିର୍ଭର କରିବ।

ସେୟାର ମାର୍କେଟ୍ ସମସ୍ୟା :
ଏହି ଯୁଦ୍ଧ ଯୋଗୁଁ ବୈଶ୍ୱିକ ତଥା ଭାରତୀୟ ଶେୟାର ମାର୍କେଟ ଉପରେ ଏକ ବଡ଼ ପ୍ରଭାବ ପଡ଼ିପାରେ। ଲକ୍ଷ୍ୟକଲେ ଆମେ ଜାଣି ପାରିବା ଯେ ଆମେରିକା ଓ ଇରାନ ମଧ୍ୟରେ କଥାବାର୍ତ୍ତା ଆରମ୍ଭ ହେବା ସମୟରୁ ହିଁ ବିଗତ ଏକ ସପ୍ତାହ ମଧ୍ୟରେ ଭାରତୀୟ ସେୟାର ମାର୍କେଟର ସୂଚକାଙ୍କ ‘ସେନ୍‌ସେକ୍ସ’ ପାଖାପାଖି ତିନି ହଜାର ପଏଣ୍ଟ୍ ତଳକୁ ଖସିଛି। ନିକଟ ଭବିଷ୍ୟତରେ ଏହା ଆହୁରି ଖସିବାର ଆଶଙ୍କା କରାଯାଉଛି। ବିଦେଶୀ ତଥା ଭାରତୀୟ ନିବେଶକମାନେ ବିପୁଳ ପରିମାଣରେ ସେୟାର ବିକ୍ରି କରୁଥିବାରୁ ଏପରି ପରିସ୍ଥିତି ଉପୁଜିଛି। ଏହା ମନେପକାଇ ଦେଉଛି ୨୦୨୦ ମସିହାର କୋଭିଡ୍ ବେଳର ଷ୍ଟକ ମାର୍କେଟ୍ ଅବସ୍ଥାକୁ। ତାହା ମଧ୍ୟ ଏହି ମାର୍ଚ୍ଚ ମାସରେ ହିଁ ହୋଇଥିଲା। ସେୟାରକୁ ବିକ୍ରୟ କରି ନିବେଶକମାନେ ଅପେକ୍ଷାକୃତ ସୁରକ୍ଷିତ ସୁନାରେ ନିବେଶ କରୁଥିବାରୁ ସମଗ୍ର ବିଶ୍ୱ ତଥା ଭାରତରେ ସୁନାର ଚାହିଦା ଓ ମୂଲ୍ୟରେ ବୃଦ୍ଧି ଘଟିବ। ଏହି କାରଣରୁ ଖାମେନେଇଙ୍କ ମୃତ୍ୟୁପରେ ବୈଶ୍ୱିକ ସ୍ୱର୍ଣ୍ଣ ଦାମ୍‌ରେ ଦୁଇ ପ୍ରତିଶତ ବୃଦ୍ଧି ଘଟିଛି ବୋଲି ସମ୍ବାଦ ସରବରାହ ସଂସ୍ଥା ରଏଟର୍ସ ଦର୍ଶାଇଛି। ଏହାର ଅନ୍ୟଏକ କାରଣ ହେଉଛି ଘମାଘୋଟ ଯୁଦ୍ଧ ହେତୁ ଦୁବାଇରୁ ପ୍ଲେନ୍ ଯୋଗେ ସୁନା ରପ୍ତାନିରେ ମଧ୍ୟ ବାଧା ସୃଷ୍ଟି ହେଉଛି।

ଭାରତୀୟଙ୍କ ସୁରକ୍ଷା ସମସ୍ୟା
ପାଖାପାଖି ଏକ କୋଟି ଭାରତୀୟ, ମଧ୍ୟପ୍ରାଚ୍ୟରେ ନିଜର ବୃତ୍ତି ଓ ବ୍ୟବସାୟ ହେତୁ ଅବସ୍ଥାନ କରୁଛନ୍ତି। ସେମାନଙ୍କୁ ସୁରକ୍ଷିତ ଭାବରେ ଦେଶକୁ ଫେରାଇ ଆଣିବା ବର୍ତ୍ତମାନ ଏକ ବଡ଼ ଚ୍ୟାଲେଞ୍ଜ। ଏହି ସମସ୍ୟା ପରିପ୍ରେକ୍ଷୀରେ ଆମେ ସ୍ମୃତି ଚାରଣ କରି ପାରିବା ଭାରତ ସରକାରଙ୍କର ଏକ ଅତ୍ୟନ୍ତ ସାହସିକ ପଦକ୍ଷେପକୁ। ୧୯୯୦ ମସିହାରେ ଗଲଫ୍ ଯୁଦ୍ଧରେ ଯେତେବେଳେ ସଦ୍ଦାମ ହୁସେନ୍ କୁଏତ୍ ଆକ୍ରମଣ କରିଥିଲେ, ସେଠାରେ ଥିବା ଏକଲକ୍ଷ ସତୁରି ହଜାର ଭାରତୀୟଙ୍କୁ ଏୟାର ଇଣ୍ଡିଆ ୪୮୮ ଟି ଫ୍ଲାଇଟ୍‌ରେ ଅଣଷଠି ଦିନରେ ଉଦ୍ଧାର କରି ଏକ ରେକର୍ଡ କରିଥିଲା ଓ ଗିନିଜ୍ ବୁକ୍‌ରେ ସ୍ଥାନ ପାଇଥିଲା। ବଲିଉଡ୍ ଅଭିନେତା ଅକ୍ଷୟ କୁମାରଙ୍କ ଏୟାରଲିଫ୍ଟ ଚଳଚ୍ଚିତ୍ର ଏହା ଉପରେ ହିଁ ପର୍ଯ୍ୟବସିତ।



ବିମାନ ଚଳାଚଳରେ ସମସ୍ୟା :
ଭାରତରୁ ଲକ୍ଷାଧିକ ଟୁରିଷ୍ଟ, ତୀର୍ଥଯାତ୍ରୀ ଓ ଅନ୍ୟାନ୍ୟ ବୃତ୍ତିଧାରୀ ବ୍ୟକ୍ତି ପ୍ରତିଦିନ ବିମାନଯୋଗେ ମଧ୍ୟପ୍ରାଚ୍ୟ ଅଞ୍ଚଳକୁ ଯାଇଥାନ୍ତି। ୟୁରୋପକୁ ଯିବାପାଇଁ ମଧ୍ୟ ଭାରତୀୟ ବିମାନ ମଧ୍ୟପ୍ରାଚ୍ୟ ଆକାଶମାର୍ଗକୁ ବ୍ୟବହାର କରିଥାଏ। ଏହି ସମୟରେ ଇରାନ୍ ଯୁଦ୍ଧ ଯୋଗୁଁ ସୁରକ୍ଷା ଜନିତ କାରଣରୁ ମଧ୍ୟପ୍ରାଚୀୟ ମାର୍ଗକୁ ବ୍ୟବହାର ନ କରିବା ପାଇଁ ଡିଜିସିଏ. ମାର୍ଗଦର୍ଶିକା ଜାରକରିଛି। ପାକିସ୍ଥାନ ଆକାଶ ମାର୍ଗ ମଧ୍ୟ ଚିରାଚରିତ ଭାବେ ଭାରତର ବ୍ୟବହାର ପାଇଁ ବନ୍ଦ। ତେଣୁ ବିମାନ ଚଳାଚଳ ବ୍ୟବସ୍ଥା ବର୍ତ୍ତମାନ ଭାରତ ପାଇଁ ଗମ୍ଭୀର ସମସ୍ୟା ସୃଷ୍ଟି କରିଛି।

ଗ୍ରୋସରୀ ସାମଗ୍ରୀର ମୂଲ୍ୟବୃଦ୍ଧି
ଭାରତ ପ୍ରତିବର୍ଷ ପ୍ରାୟ ୫.୬ ମିଲିଅନ୍ ଟନ୍ ଡାଲିର ଆମଦାନି କରିଥାଏ। ଏଗୁଡ଼ିକ ମୁଖ୍ୟତଃ କାନାଡ଼ା ଓ ଆଫ୍ରିକୀୟ ଦେଶରୁ ଆସିଥାଏ। ଇରାନ ସଙ୍କଟ ଏକ ସପ୍ତାହରୁ ଅଧିକ ସମୟ ଲାଗି ରହିଥିବା ପରିପ୍ରେକ୍ଷୀରେ ତେବେ ପରିବହନରେ ବାଧା ଯୋଗୁଁ ଦେଶରେ ଡାଲିର ମୂଲ୍ୟ ବଢ଼ିବ ବୋଲି ଡାଲି ବ୍ୟବସାୟୀ ସଂଘର ସଭାପତି ସୁରେଶ ଅଗ୍ରୱାଲ କହିଛନ୍ତି। ସେହିପରି ଭାରତରୁ ଇରାନକୁ ବାସମତୀ ଚାଉଳର ରପ୍ତାନି ରେ ମଧ୍ୟ ବାଧା ଉପୁଜିବ। ତେବେ ଇତିମଧ୍ୟରେ ରିଫାଇନ ଓ ପାମୋଲିନ ତେଲ ଦର ବଢ଼ିସାରିଛି।

ଏଫ.ଏମ୍.ସି.ଜି. କ୍ଷେତ୍ରରେ ସମସ୍ୟା
ସାବୁନ୍, ସାମ୍ପୋ, କ୍ରିମ୍, ବିଭିନ୍ନ ପ୍ରକାରର ସୌଖୀନ ତୈଳ, ବଟଲ ଓ ଟ୍ୟୁବ୍ ଆଦିର ନିର୍ମାଣରେ ପେଟ୍ରୋକେମିକାଲ ରାସାୟନିକର ବହୁଳ ଉପଯୋଗ ଥାଏ। ଗୃହନିର୍ମାଣରେ ବ୍ୟବହୃତ ହେଉଥିବା ରଙ୍ଗରେ ମଧ୍ୟ ଏହି ପେଟ୍ରୋକେମିକାଲ୍‌ର ବ୍ୟାପକ ବ୍ୟବହାର ହୋଇଥାଏ। ତେଣୁ ଅଶୋଧିତ ତୈଳର ମୂଲ୍ୟ ବୃଦ୍ଧି ଘଟିଲେ ପେଟ୍ରୋକେମିକାଲ ଦ୍ରବ୍ୟର ମଧ୍ୟ ମୂଲ୍ୟବୃଦ୍ଧି ହେବ। ଫଳରେ କି ଉପରୋକ୍ତ ଏଫ୍.ଏମ୍.ସି.ଜି. ଦ୍ରବ୍ୟଗୁଡ଼ିକର ନିର୍ମାଣ ଜନିତ ଖର୍ଚ୍ଚ ବଢ଼ି ସାଧାରଣ ଲୋକ ଏହାଦ୍ୱାରା ହଇରାଣ ହେବେ।

ଇରାନ୍‌ର ଇସଲାମିକ ରିଭୋଲ୍ୟୁସ୍‌ନାରୀ ଗାର୍ଡ କର୍ପସ ଏହା ଧମକ ଦେଇଛି କି ଏହା ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌କୁ ବନ୍ଦ କରିବ ଓ ଯେକୌଣସି ଜାହାଜ ଏହାର ପାଖାପାଖି ହେଲେ ଏଥିରେ ଅଗ୍ନି ସଂଯୋଗ କରିବ। ତେଣୁ ଆନ୍ତର୍ଜାତିକ ପରିବହନ ଓ ଲଜିଷ୍ଟିକ୍ କମ୍ପାନୀମାନେ ଏହି ପଥରେ କାର୍ଗୋ ଆଦିର ପରିବହନ କୁ ହ୍ରାସ କରି ଉତ୍ତମାଶା ଅନ୍ତରୀପ ମାର୍ଗର ବ୍ୟବହାର କରୁଛନ୍ତି। ବିଶେଷଜ୍ଞମାନଙ୍କ କହିବା କଥା ଏହାଦ୍ୱାରା ଆମେରିକା ପ୍ରଭୃତି ଦେଶକୁ କାର୍ଗୋ ଆଦିର ପହଞ୍ଚିବାର ସମୟ ବିଳମ୍ବିତ ହେଉଛି। ଅଧିକ ପଥ ଅତିକ୍ରମ କରିବାକୁ ପଡୁଥିବାରୁ ଏହାର ମୂଲ୍ୟରେ ମଧ୍ୟ ବୃଦ୍ଧି ଘଟୁଛି, ଯାହା କି ସାଧାରଣ ଲୋକଙ୍କୁ ବହନ କରିବା ପାଇଁ ପଡୁଛି।

ପରିଶେଷରେ ଜଳପଥ ହେଉ କି ଆକାଶପଥ, ଯୁଦ୍ଧର ଘନଘଟା ହେତୁ ଯାତ୍ରୀ, ଦ୍ରବ୍ୟ, ତୈଳ ଓ କାର୍ଗୋ ଆଦିର ପରିବହନ ଜନିତ ସୁରକ୍ଷା ବୀମାରେ ମଧ୍ୟ ବୃଦ୍ଧି ନିଶ୍ଚିତ ଭାବରେ ଘଟିବ।

ଏବେ ଭାରତ ପାଖରେ ପ୍ରାୟ ଅଶୀ ଦିନ ପାଇଁ ତୈଳ ମହଜୁଦ୍ ଅଛି। ଆଗରୁ ଭାରତ ସତେଇଶୀଟି ଦେଶରୁ ତୈଳର ଆମଦାନୀ କରୁଥିବା ବେଳେ ଏବେ ଅଣଚାଳିଶଟି ଦେଶରୁ ଆମଦାନୀ କରୁଛି। ତେଣୁ ଇରାନ ଯୁଦ୍ଧ ପରିପ୍ରେକ୍ଷୀରେ ଭାରତ ପାଖରେ ତୈଳପାଇଁ ବିକଳ୍ପର ଅଭାବ ନାହିଁ।

ମୋ:୮୧୪୪୦ ୪୨୯୯୭

# ଇରାନ ସଂକଟରେ ବ୍ରିକ୍ସର ଭୂମିକା !

**ଅସିତ ମହାନ୍ତି**

“ଯଦି ଭାରତ ଏହି ପଦକ୍ଷେପରେ ସଫଳ ହୁଏ, ତେବେ ଏହା କେବଳ ବ୍ରିକ୍ସ ମଧ୍ୟରେ ନୁହେଁ ବରଂ ଜାତିସଂଘ ଏବଂ ଅନ୍ୟାନ୍ୟ ଅନ୍ତର୍ଜାତୀୟ ଫୋରମରେ ଏକ ଦାୟିତ୍ୱପୂର୍ଣ୍ଣ ଶକ୍ତି ଭାବରେ ଉଭା ହେବ। ଏହା ଭାରତର ‘ବିଶ୍ୱଗୁରୁ’ ହେବାର ଦୃଷ୍ଟିକୋଣକୁ ସାକାର କରିବା ଦିଗରେ ଏକ ଠୋସ୍ ପଦକ୍ଷେପ ମଧ୍ୟ ହେବ। ଭାରତ ପ୍ରଦର୍ଶନ କରିପାରିବ ଯେ ଏହା କେବଳ ଆର୍ଥିକ ବିକାଶର ପ୍ରତୀକ ନୁହେଁ ବରଂ ଶାନ୍ତି ଏବଂ ନ୍ୟାୟର ଏକ ମୁଖଦୂତ।

ଇରାନ ଉପରେ ଆମେରିକା ଏବଂ ଇସ୍ରାଏଲର ସମ୍ଭାବ୍ୟ ସାମରିକ ଆକ୍ରମଣକୁ ରୋକିବାରେ ବ୍ରିକ୍ସ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରେ। ଭାରତ ବର୍ତ୍ତମାନ ବ୍ରିକ୍ସର ସଭାପତିତ୍ୱରେ ଅଛି, ଯାହା ଏହାକୁ ଏକ ନିର୍ଣ୍ଣାୟକ ପଦକ୍ଷେପ ନେବାର ସୁଯୋଗ ପ୍ରଦାନ କରେ। ଯଦି ଭାରତ ତୁରନ୍ତ ବ୍ରାଜିଲ, ରୁଷ, ଇରାନ, ଚୀନ୍ ଏବଂ ଦକ୍ଷିଣ ଆଫ୍ରିକାକୁ ନେଇ ଏକ ଜରୁରୀକାଳୀନ ବୈଠକ ଡାକେ, ତେବେ ଏହା ବିଶ୍ୱ ସ୍ତରରେ ଆମେରିକା ଏବଂ ଇସ୍ରାଏଲ ଉପରେ ଚାପ ପ୍ରୟୋଗ କରିବାର ଏକ ପ୍ରଭାବଶାଳୀ ମାଧ୍ୟମ ହୋଇପାରେ। ଏହା ସେହି ମୁହୂର୍ତ୍ତ ଯେତେବେଳେ ବ୍ରିକ୍ସ ଏହାର ମୂଲ୍ୟ ଏବଂ ପ୍ରାସଙ୍ଗିକତା ପ୍ରମାଣିତ କରିପାରିବ। ବ୍ରିକ୍ସ ମୂଳତଃ ଆର୍ଥିକ ସହଯୋଗ ଏବଂ ବିକାଶ ପାଇଁ ପ୍ରତିଷ୍ଠିତ ହୋଇଥିଲା, କିନ୍ତୁ ସମୟ ସହିତ, ଏହି ଗୋଷ୍ଠୀ ରାଜନୈତିକ ଏବଂ ରଣନୈତିକ ପ୍ରସଙ୍ଗରେ ମଧ୍ୟ ସ୍ୱର ଉଠାଇବା ଆରମ୍ଭ କରିଛି। ପାଶ୍ଚାତ୍ୟ ପ୍ରଭୁତ୍ୱକୁ ଚ୍ୟାଲେଞ୍ଜ କରିବା ଏବଂ ଏକ ବହୁଧ୍ରୁବୀୟ ବିଶ୍ୱ ବ୍ୟବସ୍ଥାକୁ ମଜବୁତ କରିବାରେ ବ୍ରିକ୍ସର ଭୂମିକା ନିରନ୍ତର ବୃଦ୍ଧି ପାଉଛି। ଯଦି ଇରାନ ବିରୁଦ୍ଧରେ ସାମରିକ କାର୍ଯ୍ୟାନୁଷ୍ଠାନ ହୁଏ, ତେବେ ଏହାର ପ୍ରଭାବ ମଧ୍ୟପ୍ରାଚ୍ୟ ପର୍ଯ୍ୟନ୍ତ ସୀମିତ ରହିବ ନାହିଁ, ବରଂ ବିଶ୍ୱ ଶକ୍ତି ବଜାର, ଅନ୍ତର୍ଜାତୀୟ ବାଣିଜ୍ୟ ଏବଂ ଭୂରାଜନୈତିକ ସନ୍ତୁଳନ ଉପରେ ମଧ୍ୟ ପ୍ରଭାବ ପକାଇବ। ତେଣୁ, ବ୍ରିକ୍ସର ହସ୍ତକ୍ଷେପ କେବଳ ଇରାନର ସୁରକ୍ଷା ପାଇଁ ନୁହେଁ ବରଂ ବିଶ୍ୱ ଶାନ୍ତି ଏବଂ ସ୍ଥିରତା ପାଇଁ ମଧ୍ୟ ଜରୁରୀ। ଏହି ପରିସ୍ଥିତିରେ ଭାରତର ସ୍ଥିତି ବିଶେଷ ଗୁରୁତ୍ୱ ରଖେ। ଭାରତ ଆମେରିକା ଏବଂ ଇସ୍ରାଏଲ ସହିତ ରଣନୈତିକ ସହଭାଗିତା ବଜାୟ ରଖିଥିବାବେଳେ, ଏହା ରୁଷ, ଚୀନ୍ ଏବଂ ଇରାନ ସହିତ ମଧ୍ୟ ଘନିଷ୍ଠ ସମ୍ପର୍କ ବଜାୟ ରଖିଛି। ଏହି ସନ୍ତୁଳନ ଭାରତକୁ ଏକ ଆଦର୍ଶ ମଧ୍ୟସ୍ଥି କରିଥାଏ। ଯଦି ଭାରତ ଏହି ପଦକ୍ଷେପ ନେଇଥାଏ ଏବଂ ଇଜଓଉଝ ଦେଶଗୁଡ଼ିକୁ ଏକାଠି କରିଥାଏ, ତେବେ ଏହା ଏକ ବାର୍ତ୍ତା ପଠାଇବ ଯେ ବିଶ୍ୱ ଦକ୍ଷିଣ କେବଳ ଦର୍ଶକ ନୁହେଁ ବରଂ ଶାନ୍ତି ଏବଂ ସ୍ଥିରତା ପାଇଁ ସକ୍ରିୟ ଭାବରେ ପ୍ରୟାସ କରୁଛି। ଭାରତର ରାଷ୍ଟ୍ରପତିତ୍ୱ ଏହି ପଦକ୍ଷେପକୁ ଆହୁରି ବୈଧ କରିଥାଏ।ଇରାନ ଉପରେ ଆକ୍ରମଣ ତୈଳ ଯୋଗାଣକୁ ବାଧା ଦେବ, ଯାହା ବିଶ୍ୱ ଅର୍ଥନୀତିକୁ ଗୁରୁତର ଭାବରେ ପ୍ରଭାବିତ କରିବ। ଭାରତ ଭଳି ଶକ୍ତି-ନିର୍ଭରଶୀଳ ଦେଶଗୁଡ଼ିକ ପାଇଁ ଏହି ସଙ୍କଟ ଆହୁରି ଗମ୍ଭୀର ହେବ। ତେଣୁ, ଯୁଦ୍ଧକୁ ରୋକିବା ଏବଂ ଏକ କୂଟନୈତିକ ସମାଧାନ ଖୋଜିବା ଭାରତର ସ୍ୱାର୍ଥରେ। ବ୍ରିକ୍ସ ବୈଠକ ଡାକି ଭାରତ ଏହା ପ୍ରଦର୍ଶନ କରିପାରିବ ଯେ ଏହା କେବଳ ନିଜ ସ୍ୱାର୍ଥକୁ ରକ୍ଷା କରୁଛି ନାହିଁ ବରଂ ବିଶ୍ୱ ଶାନ୍ତିରେ ଏକ ଦାୟିତ୍ୱପୂର୍ଣ୍ଣ ଭୂମିକା ମଧ୍ୟ ଗ୍ରହଣ କରୁଛି। ଏହା ବ୍ୟତୀତ, ବ୍ରିକ୍ସ ସଂହତି ଆମେରିକା ଏବଂ ଇସ୍ରାଏଲକୁ ଏକ ବାର୍ତ୍ତା ପଠାଇପାରେ ଯେ ବିଶ୍ୱ ଆଉ ଏକଧ୍ରୁବୀୟ ନୁହେଁ। ଯଦି ବ୍ରାଜିଲ, ରୁଷ, ଚୀନ୍, ଦକ୍ଷିଣ ଆଫ୍ରିକା ଏବଂ ଇରାନ ମିଳିତ ଭାବରେ ଏକ ବିବୃତ୍ତି ଜାରି କରନ୍ତି, ତେବେ ଏହା ପଶ୍ଚିମ ଶକ୍ତି ଉପରେ ଚାପ ପକାଇବ। ଏହି ଚାପ କେବଳ ରାଜନୈତିକ ହେବ ନାହିଁ ବରଂ ଅର୍ଥନୈତିକ ଏବଂ ରଣନୈତିକ ସ୍ତରରେ ମଧ୍ୟ ପ୍ରଭାବ ପକାଇବ। ଉଦାହରଣ ସ୍ୱରୂପ, ରୁଷ ଏବଂ ଚୀନର ସାମରିକ ଏବଂ ଆର୍ଥିକ ଶକ୍ତି, ଇରାନର ଶକ୍ତି ସମ୍ଭାବନା, ଭାରତର ବିଶ୍ୱ କୂଟନୈତିକ ପ୍ରଭାବ ଏବଂ ଦକ୍ଷିଣ ଆଫ୍ରିକା ଏବଂ ବ୍ରାଜିଲର ଆଞ୍ଚଳିକ ଗୁରୁତ୍ୱ ଏକ ଶକ୍ତିଶାଳୀ ମୋର୍ଚ୍ଚା ଗଠନ ପାଇଁ ମିଳିତ ହୋଇପାରେ। ଏହା ଭାରତ ପାଇଁ ଏହାର ବିଶ୍ୱ ପ୍ରତିଛବିକୁ ଆହୁରି ଉନ୍ନତ କରିବାର ଏକ ସୁଯୋଗ। ଯଦି ଭାରତ ଏହି ପଦକ୍ଷେପରେ ସଫଳ ହୁଏ, ତେବେ ଏହା କେବଳ ବ୍ରିକ୍ସ ମଧ୍ୟରେ ନୁହେଁ ବରଂ ଜାତିସଂଘ ଏବଂ ଅନ୍ୟାନ୍ୟ ଅନ୍ତର୍ଜାତୀୟ ଫୋରମରେ ଏକ ଦାୟିତ୍ୱପୂର୍ଣ୍ଣ ଶକ୍ତି ଭାବରେ ଉଭା ହେବ। ଏହା ଭାରତର ‘ବିଶ୍ୱଗୁରୁ’ ହେବାର ଦୃଷ୍ଟିକୋଣକୁ ସାକାର କରିବା ଦିଗରେ ଏକ ଠୋସ୍ ପଦକ୍ଷେପ ମଧ୍ୟ ହେବ। ଭାରତ ପ୍ରଦର୍ଶନ କରିପାରିବ ଯେ ଏହା କେବଳ ଆର୍ଥିକ ବିକାଶର ପ୍ରତୀକ ନୁହେଁ ବରଂ ଶାନ୍ତି ଏବଂ ନ୍ୟାୟର ଏକ ମୁଖଦୂତ। ବ୍ରିକ୍ସ କେବଳ ଆର୍ଥିକ ସହଯୋଗରେ ସୀମିତ ନ ରହି ବିଶ୍ୱ ସଙ୍କଟରେ ସକ୍ରିୟ ଭୂମିକା ଗ୍ରହଣ କଲେ ହିଁ ପ୍ରକୃତରେ ଅର୍ଥପୂର୍ଣ୍ଣ ହେବ। ଇରାନ ସହିତ ଏକ ସମ୍ଭାବ୍ୟ ଯୁଦ୍ଧକୁ ରୋକିବା ଏପରି ଏକ ସୁଯୋଗ। ଯଦି ବ୍ରିକ୍ସ ଏହି ଦିଗରେ ଠୋସ୍ ପଦକ୍ଷେପ ନିଏ, ତେବେ ଏହାର ବିଶ୍ୱସନୀୟତା ଏବଂ ପ୍ରଭାବ ବହୁଗୁଣ ବୃଦ୍ଧି ପାଇବ। ଏହି ଗୋଷ୍ଠୀ କେବଳ ଏକ ଆର୍ଥିକ ମେଣ୍ଟ ରହିବ ନାହିଁ ବରଂ ନିଜକୁ ଏକ ବିକଳ୍ପ ବିଶ୍ୱ ଶକ୍ତି କେନ୍ଦ୍ର ଭାବରେ ମଧ୍ୟ ପ୍ରତିଷ୍ଠିତ କରିବ।ଶେଷରେ, ଭାରତକୁ ଏହାର ରାଷ୍ଟ୍ରପତିତ୍ୱ ବ୍ୟବହାର କରି ତୁରନ୍ତ ପଦକ୍ଷେପ ନେବାକୁ ପଡିବ। ବ୍ରିକ୍ସ ଦେଶଗୁଡ଼ିକୁ ଏକତ୍ର କରିବା ଏବଂ ଆମେରିକା ଏବଂ ଇସ୍ରାଏଲ ଉପରେ ଚାପ ପକାଇବା ପାଇଁ ଏକ ଜରୁରୀକାଳୀନ ବୈଠକ ଡାକିବା ବର୍ତ୍ତମାନର ସବୁଠାରୁ ଜରୁରୀ ଆବଶ୍ୟକତା।




ଏହା ହେଉଛି ସେହି ମୁହୂର୍ତ୍ତ ଯେତେବେଳେ ବ୍ରିକ୍ସ ବିଶ୍ୱକୁ ତାର ପ୍ରକୃତ ଶକ୍ତି ଏବଂ ଉଦ୍ଦେଶ୍ୟ ପ୍ରଦର୍ଶନ କରିପାରିବ। ଯଦି ଏହି ପଦକ୍ଷେପ ସଫଳ ହୁଏ, ତେବେ କେବଳ ଇରାନ ସୁରକ୍ଷିତ ରହିବ ନାହିଁ, ବରଂ ବିଶ୍ୱ ଶାନ୍ତି ଏବଂ ସ୍ଥିରତା ମଧ୍ୟ ସୁନିଶ୍ଚିତ ହେବ। ଏହା ହେଉଛି ବ୍ରିକ୍ସର ସାର ଏବଂ ଭାରତର ନେତୃତ୍ୱର ପ୍ରମାଣ। କିନ୍ତୁ ଭାରତ ଏହି ପ୍ରସଙ୍ଗରେ ନୀରବ। ଯଦି ଭାରତ ନୀରବ ରହେ, ତେବେ ଭାରତ କାହିଁକି ବ୍ରିକ୍ସରେ ଅଂଶଗ୍ରହଣ କଲା ? ଭାରତର ନୀରବତାର ଅସୁବିଧା: ଏହାର ବିଶ୍ୱ ନେତୃତ୍ୱ ପ୍ରତିଛବିକୁ ଦୁର୍ବଳ କରିବ। ଯଦି ଭାରତ ଏହାର ବ୍ରିକ୍ସ ରାଷ୍ଟ୍ରପତିତ୍ୱ ସମୟରେ ପଦକ୍ଷେପ ନ ନିଏ, ତେବେ ‘ବିଶ୍ୱ ନେତା’ ଏବଂ ଏକ ଦାୟିତ୍ୱବାନ ଶକ୍ତି ଭାବରେ ଏହାର ପ୍ରତିଛବି ଦୁର୍ବଳ ହୋଇପାରେ। ବିଶ୍ୱ ଦକ୍ଷିଣରେ ଅସନ୍ତୋଷ – ରୁଷ, ଚୀନ୍ ଏବଂ ଇରାନ ଭଳି ଦେଶ ଚାହାଁନ୍ତି ଯେ ଭାରତ ଖୋଲାଖୋଲି ଭାବରେ ଆମେରିକା ଏବଂ ଇସ୍ରାଏଲକୁ ବିରୋଧ କରୁ। ଭାରତର ନୀରବ ସେମାନଙ୍କୁ ଅସନ୍ତୁଷ୍ଟ କରିପାରେ ଏବଂ ବ୍ରିକ୍ସ ସଂହତିକୁ ପ୍ରଭାବିତ କରିପାରେ। ଘରୋଇ ସମାଲୋଚନା – ଭାରତର ଭିତରେ ଅନେକ ରାଜନୈତିକ ଏବଂ ସାମାଜିକ ଗୋଷ୍ଠୀ ବିଶ୍ୱାସ କରିପାରନ୍ତି ଯେ ସରକାର ଆମେରିକାର ଚାପରେ ଅଛି ଏବଂ ଏକ ସ୍ୱାଧୀନ ବୈଦେଶିକ ନୀତି ଅନୁସରଣ କରୁନାହିଁ। ଭାରତର ନୀରବତା ଏହାର ସନ୍ତୁଳନ ବୈଦେଶିକ ନୀତିର ଏକ ଅଂଶ। ଏହା ରଣନୈତିକ ଏବଂ ଆର୍ଥିକ ସୁବିଧା ପ୍ରଦାନ କରେ, କିନ୍ତୁ ଅସୁବିଧା ହେଉଛି ଏହାର ବିଶ୍ୱ ନେତୃତ୍ୱ କ୍ଷମତା ଉପରେ ପ୍ରଶ୍ନ ଉଠାଯାଏ। ଭାରତକୁ ନିଷ୍ପତ୍ତି ନେବାକୁ ପଡିବ ଯେ ସେ କେବଳ ସନ୍ତୁଳନ ବଜାୟ ରଖିବାକୁ ଚାହୁଁଛି ନା ଶାନ୍ତି ଏବଂ ନ୍ୟାୟ ପାଇଁ ପ୍ରକୃତରେ ସକ୍ରିୟ ପଦକ୍ଷେପ ନେବାକୁ ଚାହୁଁଛି।

ଏବେ ପ୍ରଶ୍ନ ହେଉଛି ଏହି ବୈଠକ ଏପର୍ଯ୍ୟନ୍ତ କାହିଁକି ଡକାଯାଇ ନାହିଁ ? ସଂଗଠନ ଭିତରେ ରାଜନୈତିକ ମତଭେଦ ଏବଂ ଏକ ସାମୂହିକ ମତ ପ୍ରତିଷ୍ଠା କରିବାରେ ଅସୁବିଧା ହେତୁ ଯୁଦ୍ଧ ପରିସ୍ଥିତିରେ ବ୍ରିକ୍ସ ଏକ ଆନୁଷ୍ଠାନିକ ବୈଠକ ଡାକି ନାହିଁ। ଇରାନ ବିରୋଧରେ ସାମ୍ପ୍ରତିକ ଆମେରିକା ଏବଂ ଇସ୍ରାଏଲୀ କାର୍ଯ୍ୟାନୁଷ୍ଠାନ ପରେ ମଧ୍ୟ, ବ୍ରିକ୍ସ ଦେଶଗୁଡ଼ିକ ଏକ ମିଳିତ ବିବୃତ୍ତି ଜାରି କରିନାହାଁନ୍ତି, ଯାହା ସ୍ପଷ୍ଟ କରିଛି ଯେ ଏହି ଗୋଷ୍ଠୀ ସାମରିକ ସଙ୍କଟର ସମନ୍ୱିତ ପ୍ରତିକ୍ରିୟା ଦେବାକୁ ଅସମର୍ଥ। ବ୍ରିକ୍ସ ଦେଶଗୁଡ଼ିକ ମଧ୍ୟରେ ମଧ୍ୟ ଆଭ୍ୟନ୍ତରୀଣ ଦ୍ୱନ୍ଦ୍ୱ ରହିଛି, ବିଶେଷକରି ଯୁଦ୍ଧ ସମ୍ପର୍କରେ।

ସୁଜନପୁର, ଯାଜପୁର
୯୪୩୭୨୮୮୦୨୮

## ପୋଲିସ ନିର୍ଯାତନା ସହି ନ ପାରି ଯୁବକଙ୍କ ଆତ୍ମହତ୍ୟା !

ପୁରୀ,୧୧।୩ (ନିପ୍ର); ପୁରୀ ଜିଲ୍ଲା ନିମାପଡା ଥାନା ଆଗରେ ଦେଖିବାକୁ ମିଳିଛି ଅଭାବନୀୟ ଘଟଣା। ମୃତଦେହ ଥାନା ଆଗରେ ରଖି ନ୍ୟାୟ ଦାବିରେ ବସିଛନ୍ତି ଶତାଧିକ ଗ୍ରାମବାସୀ। ସୂଚନା ଅନୁସାରେ ନିମାପଡା ଡ଼ିହବାରୀ ଅଞ୍ଚଳର ଯୁବକ ସୁବ୍ରତ ଭୋଇକୁ ଜଣେ ନାବାଳିକା ଅପହରଣ ମାମଲାରେ ପୋଲିସ ଥାନାକୁ ଉଠାଇ ଆଣିଥିଲା । ସକାଳେ ଗାଁ ପଡିଆର ଏକ ଗଛରୁ ଝୁଲନ୍ତା ଅବସ୍ଥାରେ ଯୁବକଙ୍କ ମୃତ ଦେହ ମିଳିଥିଲା। ପୋଲିସର ନିର୍ଯାତନା ସହିନପାରି ଯୁବକ ଜଣଙ୍କ ଦଉଡ଼ି ଦେଇ ଆତ୍ମ ହତ୍ୟା କରିଛି ବୋଲି ପରିବାର ଲୋକେ ଅଭିଯୋଗ କରିଥିବା ବେଳେ ନ୍ୟାୟଦାବିରେ ମୃତ ଯୁବକଙ୍କୁ ନିମାପଡା ଥାନା ସମ୍ମୁଖରେ ରଖି ବସି ରହିଛନ୍ତି ଶତାଧିକ ଗ୍ରାମବାସୀ। ଅନ୍ୟପଟେ ଅପରପକ୍ଷର ଅଭିଯୋଗ ହୋଇଥିଲା,କିନ୍ତୁ ଯୁବକ ଜଣଙ୍କୁ ଆମେ ଥାନାକୁ ଆଣିନୁ ମିଛ ଅଭିଯୋଗ କରୁଛନ୍ତି ପରିବାର ଲୋକେ କରୁଛନ୍ତି ବୋଲି ନିମାପଡାର ଜଣେ ପଦାଧିକାରୀ କହିଛନ୍ତି । ଏହି ଘଟଣାକୁ ନେଇ ଥାନା ମୁଖ୍ୟ ଗେଟ ତାଲା ପକାଇବା ସହ ନିମାପଡା ଥାନାରେ ଉତ୍ତେଜନା ଦେଖା ଦେଇଛି।

## ନିଆଁ ଲାଗିବା ଦ୍ୱାରା ପ୍ରକୃତି ଭାରସାମ୍ୟ ହରାଉଛି

କୁଚିଣ୍ଡା,୧୧।୩ (ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ ଗୋଛରା ପଞ୍ଚାୟତ କାର୍ଯ୍ୟାଳୟରେ ମଙ୍ଗଳବାର କୁଚିଣ୍ଡା ବନ୍ୟପ୍ରାଣୀ ରେଞ୍ଜ ପକ୍ଷରୁ ପଞ୍ଚାୟତସ୍ତରୀୟ ବନାଗ୍ନି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଥାନେଶ୍ୱର ନାଏକଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ଏମପି ପ୍ରତିନିଧି ରୁଦ୍ରପ୍ରତାପ ଦେଓ, ବିଧାୟକ ପ୍ରତିନିଧି ଉଦିତ ପ୍ରତାପ ଦେଓ,କୁଚିଣ୍ଡା ବନ୍ୟପ୍ରାଣୀ ରେଞ୍ଜର ଲେଖାରାଣୀ ମହାନନ୍ଦ,ଫରେଷ୍ଟର ବିଶାଳ ନାୟକ, ଫରେଷ୍ଟର ରଜନୀକାନ୍ତ ପଟେଲ,ଫରେଷ୍ଟ ଗାର୍ଡ ଝସକେତନ ପୃଷ୍ଠେ ପ୍ରମୁଖ ଯୋଗ ଦେଇଥିଲେ। ରେଞ୍ଜର ମହାନନ୍ଦ ତାଙ୍କ ବକ୍ତବ୍ୟରେ କହିଥିଲେ ଅଜ୍ଞାନତା ବଶତଃ କିମ୍ବା ଜାଣିଶୁଣି କେତେକ ବ୍ୟକ୍ତି ଜଙ୍ଗଲରେ ନିଆଁ ଲଗାଇ ଦେଇଥାନ୍ତି। ଫଳରେ ଜଙ୍ଗଲ ନଷ୍ଟ ହେବା ସହ ବହୁ ମୂଲ୍ୟବାନ ଔଷଧୀୟ ବୃକ୍ଷଲତା ନଷ୍ଟ ହୋଇଥାଏ। ଏହା ବ୍ୟତୀତ ବନ୍ୟପ୍ରାଣୀ ମାନେ ମଧ୍ୟ ମୃତ୍ୟୁ ମୁଖରେ ପଡିଥାନ୍ତି। ଯାହା ଦ୍ୱାରା ପ୍ରକୃତି ତାର ଭାରସାମ୍ୟ ହରାଇବା ଦ୍ୱାରା ବିଭିନ୍ନ ସମସ୍ୟା ଉପୁଜି ହୋଇଥାଏ ।ଏହାର ପ୍ରଭାବ ସିଧାସଳଖ ମଣିଷ ଉପରେ ପଡ଼ିଥାଏ। ତେଣୁ ନିଆଁ ଲଗାଇବା ନାହିଁ ଓ ଜଙ୍ଗଲରେ ନିଆଁ ଲାଗିଲେ ବନ ବିଭାଗକୁ ସୂଚନା ଦେଇ ନିଆଁକୁ ଲିଭାଇବାକୁ ଉଦ୍ୟମ କରିବା ବୋଲି ସେ ସମସ୍ତଙ୍କୁ ଅନୁରୋଧ କରିଥିଲେ।

## ୧୦ ବର୍ଷରୁ କମ୍ ଟେନିସ ପ୍ରତିଯୋଗିତା

ଭୁବନେଶ୍ୱର,୧୧।୩ : ଓଡ଼ିଶା ସରକାରଙ୍କ କ୍ରୀଡା ଏବଂ ଯୁବ ସେବା ବିଭାଗ ସହାୟତାରେ ଓଡ଼ିଶା ଟେନିସ୍ ଆସୋସିଏସନ୍ ୯ ରୁ ୧୧ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ ଟେନିସ୍ କମ୍ପ୍ଲେକ୍ସରେ ଟେନିସ୍ ୧୦ ଏବଂ ୧୦ ବର୍ଷରୁ କମ୍ ପ୍ରତିଯୋଗିତା ସଫଳତାର ସହ ଆୟୋଜନ କରିଥିଲା। ଚାରୋଟି ରାଜ୍ୟ - ପଶ୍ଚିମବଙ୍ଗ, ଆନ୍ଧ୍ର ପ୍ରଦେଶ, କର୍ଣ୍ଣାଟକ ଏବଂ ଓଡ଼ିଶାରୁ ମୋଟ ୨୧ ଜଣ ଖେଳାଳି ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଥିଲେ। ୧୦ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସ ଫାଇନାଲରେ, କାର୍ତ୍ତିକେୟ ପଗାଡାଲା (ଆନ୍ଧ୍ର ପ୍ରଦେଶ) ଆଶୁତୋଷ ବର୍ମା (ଆନ୍ଧ୍ର ପ୍ରଦେଶ)ଙ୍କୁ ୪-୨, ୧-୪, ୪-୨ ସ୍କୋରରେ ପରାସ୍ତ କରି ଟାଇଟଲ ହାସଲ କରିଥିଲେ। ୧୦ ବର୍ଷରୁ କମ୍ ବାଳିକା ସିଙ୍ଗଲ୍ସ




ଫାଇନାଲରେ, ପ୍ରାପ୍ତି ପଦ୍ମାବତୀ (ଓଡିଶା) ୪-୧, ୪-୧ ସ୍କୋରରେ ଅବିକା ମହାପାତ୍ର (ଓଡିଶା)ଙ୍କୁ ପରାସ୍ତ କରି ଚାମ୍ପିଅନସିପ୍ ଜିତିଥିଲେ। ଫାଇନାଲିଷ୍ଟମାନଙ୍କୁ ଟ୍ରଫିଗୁଡ଼ିକ ସଞ୍ଜୀବ ପଣ୍ଡା, ଆଇପିଏସ, ସଚିବ, ଓଟିଏ ଏବଂ ବିନୋଦ ସେଠ, ମୁଖ୍ୟ ପ୍ରଶିକ୍ଷକ, ଓଟିଏ ମିଳିତ ଭାବରେ ବଣ୍ଟନ କରିଥିଲେ। ଟୁର୍ଣ୍ଣାମେଣ୍ଟଟି ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ସତ୍ୟଜିତ ମହାନ୍ତି (ରୁବୁନା) ଏବଂ ଟୁର୍ଣ୍ଣାମେଣ୍ଟ ରେଫରି ଶିବଶଙ୍କର ପରିଡାଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା।

## ନଗର ଉନ୍ନୟନ ପ୍ରମୁଖ ସଚିବଙ୍କ ସମୀକ୍ଷା

ପୁରୀ,୧୧।୩ (ନିପ୍ର): ଆଗାମୀ ରଥଯାତ୍ରା ସମୟରେ ପୁରୀକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ପାଇଁ ନଗର ଉନ୍ନୟନ ବିଭାଗ ସର୍ବଦା ସତର୍କ ରହିଛି। ଏହା ଏକ ସାମୂହିକ ଦାୟିତ୍ୱ ।ମହାପ୍ରଭୁଙ୍କ ପ୍ରତି ଏହି ସ୍ୱଚ୍ଛତା ହିଁ ଏକ ବଡ ସେବା ବୋଲି ବିବେଚନା କରିବାକୁ ଆହ୍ୱାନ ଦେଇଛନ୍ତି ନଗର ଉନ୍ନୟନ ଓ ସହରାଞ୍ଚଳ ଗୃହ ନିର୍ମାଣ ବିଭାଗର ପ୍ରମୁଖ ସଚିବ ଉଷା ପାଢୀ ।ଆଜି ଅପରାହ୍ନରେ ସର୍କିଟ ହାଉସ ଠାରେ ଆଗାମୀ ରଥଯାତ୍ରା ପାଇଁ ନଗର ଉନ୍ନୟନ ବିଭାଗର ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧକ୍ଷତା କରି ପ୍ରମୁଖ ସଚିବ ଶ୍ରୀମତୀ ପାଢ଼ୀ ସହରର ବିଭିନ୍ନ ଗଳି ରାସ୍ତା, ବଡଦାଣ୍ଡ, ବେଳାଭୂମିକୁ ସ୍ୱଚ୍ଛ ରଖିବା ସହ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ବୈଜ୍ଞାନିକ ପଦ୍ଧତି ଓ ଅତ୍ୟାଧୁନିକ ପ୍ରକ୍ରିୟାରେ ବ୍ୟବସ୍ଥା ପାଇଁ ପରାମର୍ଶ ଦେଇଥିଲେ ।ରଥଯାତ୍ରା ସମୟରେ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମଧ୍ୟ ସଫେଇ ପାଇଁ ଆଗେଇ ଆସିଥାନ୍ତି ।ସେମାନେ ପୌରାଞ୍ଚଳ ସହ ଯୋଗାଯୋଗ କରି ଅନୁମତି ନେବେ ।ସେମାନଙ୍କ ପାଇଁ ଏକ ମାର୍ଗଦର୍ଶିକା ପ୍ରସ୍ତୁତ ସହ ସୁପରଭିଜନ କରିବା, କାର୍ଯ୍ୟ ର ସମୀକ୍ଷା କରିବା, ସଚେତନ କରାଇବା ପାଇଁ ଶ୍ରୀମତୀ ପାଢ଼ୀ ପରାମର୍ଶ ଦେଇଥିଲେ।

## ଉପଖଣ୍ଡସ୍ତରୀୟ ଓଡ଼ିଶା ଦିବସ ପାଳନ ନିମନ୍ତେ ପ୍ରସ୍ତୁତି

ଗୁଣପୁର,୧୧।୩ (ନିପ୍ର): ଗୁଣୁପୁର ଉପଜିଲ୍ଲାପାଳ ଦୁଧାଲ ଅଭିଷେକ ଦୀଲିପଙ୍କ ନିର୍ଦ୍ଦେଶକ୍ରମେ ଡେପୁଟି କଲେକ୍ଟର ଶୁଭ୍ରସ୍ମାତ ରାଉତଙ୍କ ଅଧ୍ୟକ୍ଷତାରେ ଉପଖଣ୍ଡ ସ୍ତରୀୟ ଓଡିଶା ଦିବସ ୨୦୨୬ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ସଭାବନା ସଭା ଗୃହଠାରେ ଅନୁଷ୍ଠିତ ହୋଇଥିଲା । ଡେପୁଟି କଲେକ୍ଟର ଯୋହନ ବଡ଼ଭୂୟାଁଙ୍କ ଆତିଥ୍ୟରେ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଧନଞ୍ଜୟ ବେହେରା ସଂଯୋଜନା କରିଥିଲେ । ଓଡିଶା ଦିବସ ପାଳନ ପୂର୍ବରୁ ୧୯ ଓ ୨୩ ମାର୍ଚ୍ଚ୨୦୨୬ ଦୁଇ ଦିନ ଧରି ଓଡିଶୀ ସଙ୍ଗୀତ, ଚିତ୍ରାଙ୍କନ, ଶୁଦ୍ଧ ଓଡ଼ିଆ ଲିଖନ, ପଠନ ଭଳି ବିଭିନ ପ୍ରତିଯୋଗିତା ସ୍ଥାନୀୟ ଗୋଷ୍ଠୀ ଶିକ୍ଷା ତାଲିମ କେନ୍ଦ୍ର ଠାରେ ଅନୁଷ୍ଠିତ ହେବ । ଅପ୍ରେଲ ପହିଲା ଓଡିଶା ଦିବସ ଦିନ ସକାଳ ୦୭-୩୦ ସମୟରେ ଗୋଷ୍ଠୀ ଶିକ୍ଷା ତାଲିମ କେନ୍ଦ୍ର ଠାରୁ ଶୋଭାଯାତ୍ରା ଆରମ୍ଭ ହୋଇ ପୁନଶ୍ଚ ସେହିଠାରେ ଶେଷ ହେବ । ଅପରାହ୍ନରେ ଟାଉନ ହଲଠାରେ ଝୋଟି ପ୍ରତିଯୋଗିତା ସହ ସାଂସ୍କୃତିକ କାର୍ଯ୍ୟକ୍ରମ, ସାଧାରଣ ସଭା, ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।

## ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ, ଭଦ୍ରକ ଟିମ୍ ଚମ୍ପିଅନ୍

ବୁଗୁଡା,୧୧।୩ (ନିପ୍ର): ବୁଗୁଡ଼ା ବିଜ୍ଞାପିତ ପରିଷଦ ଅନ୍ତର୍ଗତ ଷୋଳମାଇଲସ୍ଥିତ ପାଣିଟାଙ୍କି ପଡିଆରେ ବଜରଙ୍ଗି କ୍ରିକେଟ କ୍ଲବ ପକ୍ଷରୁ ଆୟୋଜିତ ଗଞ୍ଜାମ କପ୍-୨୦୨୬ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏହି ରାଜ୍ୟ ସ୍ତରୀୟ ଟୁର୍ଣ୍ଣାମେଣ୍ଟରେ ମୋଟ ୮ଟି ଟିମ୍ ଅଂଶ ଗ୍ରହଣ କରିଥିଲା ବେଳେ ତାଳଚେର ସିଆରଏନ୍ ଇଲେଭେନ୍ ଟିମ୍ , ଭୁବନେଶ୍ୱର ନୋ-କମ୍ପ୍ରମାଇଜ୍ ଟିମ୍, ପୁରୀ ଷ୍ଟାର ଇଲେଭେନ୍ ଟିମ୍ , କେନ୍ଦ୍ରାପଡା ଡିସିସି ସନ୍ଥପୁର ଟିମ୍ କ୍ୱାଟର ଫାଇନାଲ ମ୍ୟାଚରେ ପରାସ୍ତ ବରଣ କରି ସେମିଫାଇନାଲ ମ୍ୟାଚରୁ ବଞ୍ଚିତ ହୋଇଥିଲେ। ତେବେ ପ୍ରଥମ ସେମିଫାଇନାଲ୍ ମ୍ୟାଚରେ ଭଦ୍ରକର ଇମେଜ୍ ଇଲେଭେନ୍ ଟିମ୍ ଓ୍ୱେଷ୍ଟ ବେଙ୍ଗଲର ସୁହାନି ଇଲେଭେନ୍ ଟିମକୁ ହରାଇ ଏବଂ ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ଗଞ୍ଜାମର ଗ୍ୟାଙ୍ଗଷ୍ଟାର ଟିମକୁ ଭୁବନେଶ୍ୱରର କମାଣ୍ଡୋ ଇଲେଭେନ ଟିମ ପରାସ୍ତ କରି ଫାଇନାଲରେ ପହଞ୍ଚିଥିଲା ।

ଫାଇନାଲ୍ ମ୍ୟାଚରେ ଭଦ୍ରକ ଟିମ୍ ଭୁବନେଶ୍ୱର ଟିମକୁ ପରାସ୍ତ କରି ଗଞ୍ଜାମ କପ୍-୨୦୨୬ର ଚମ୍ପିଆନ୍ ହୋଇଥିଲା। ଫାଇନାଲ ମ୍ୟାଚଟିକୁ ଆମ୍ପାୟର ଜ୍ଞାନ ରଞ୍ଜନ ସ୍ୱାଇଁ ଓ ସନ୍ତୋଷ ସାହାଣି ପରିଚାଳନା କରିଥିବା ବେଳେ ରାକେଶ ବେହେରା ମ୍ୟାଚର ଧାରା ବିବରଣୀ ପାଠ କରିଥିଲେ। ଏହି ତ୍ରିଦିବସୀୟ ଟୁର୍ଣ୍ଣାମେଣ୍ଟର ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏବଂ ସମ୍ମାନିତ ଅତିଥି ଭାବେ କୁଲୁ ଭୂୟାଁ ଯୋଗ ଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଏ ଅବସରରେ ଅତିଥିଙ୍କ ଦ୍ୱାରା ଟୁର୍ଣ୍ଣାମେଣ୍ଟର ଅନ୍ତିମ ମ୍ୟାଚ ବିଜେତା ଭଦ୍ରକ ଟିମକୁ ୱିନର ଟ୍ରଫି ସହ ୭୦,୦୦୦ଟଙ୍କା ପୁରସ୍କାର ରାଶି ଏବଂ ଉପବିଜେତା ଭୁବନେଶ୍ୱର ଟିମକୁ ୫୦,୦୦୦ଟଙ୍କା ପୁରସ୍କାର ରାଶି ସହ ରନର୍ସଅପ ଟ୍ରଫି ପ୍ରଦାନ କରାଯାଇଥିଲା। ଏଥି ସହ ଭଦ୍ରକ ଦଳର ବବୁଲ୍ ଦାଶ ଓ ସ୍ୱାଧୀନ ସେଠୀଙ୍କୁ ଯଥାକ୍ରମେ ବେଷ୍ଟ ବ୍ୟାଟ୍ସମ୍ୟାନ୍ ଓ ବୋଲର୍ ଭାବେ ପୁରସ୍କୃତ କରାଯାଇଥିଲା।

# ରେଢ଼ାଖୋଲ ବନଖଣ୍ଡର ବିଭିନ୍ନ ରେଞ୍ଜର ଜଙ୍ଗଲରେ ଲାଗିଛି ନିଆଁ



ରେଢ଼ାଖୋଲ,୧୧।୩ (ନିପ୍ର): ପତ୍ରଝଡିବା ସମୟ ଆସିବା ମାତ୍ରେ ଚାରିଆଡେ ହୁତୁହୁତୁ ହୋଇ ନିଆଁ ଜଳୁଛି ।ଗାଁ ମୁଣ୍ଡ ଚାଷଜମି, ବୁଦା ଜଙ୍ଗଲ ସଂରକ୍ଷିତ ଜଙ୍ଗଲ ସବୁଠି ନିଆଁ ଜଳୁଛି। କିଏ ନିଜ ଚାଷ ଜମିରୁ ନଡା ଓ ଅନାବନା ଘାସ ମଞ୍ଜି ନଷ୍ଟ କରିବାକୁ ନିଆଁ ଲଗେଇ ଦେଉଛି ତ କିଏ କେନ୍ଦୁପତ୍ର ଓ ମହୁଲଫୁଲ ସଂଗ୍ରହ ପାଇଁ ବେପରୁଆ ଭାବେ ନିଆଁ ଲଗେଇ ଦେଉଛି। ଶୁଖିଲା ପତ୍ର ଓ ନଡା ଆଦିରେ ନିଆଁ ଲାଗି ଆଖି ପିଛୁଳା କେ ଭୟଙ୍କର ରୂପ ଧାରଣ କରି ଚାରିଆଡେ ବ୍ୟାପିଯାଇ ଜାଳିପୋଡି ସବୁ ଛାରଖାର କରିଦେଉଛି। ଏହାର ପ୍ରଭାବରେ ଛୋଟବଡ ବହୁ ମୂଲ୍ୟବାନ ଗଛ ନଷ୍ଟ ହୋଇ ଯାଉଥିବା ବେଳେ ଛୋଟଛୋଟ ଜୀବଜନ୍ତୁ ମଧ୍ୟ ଅକାରଣେ ମୃତ୍ୟୁବରଣ କରୁଛନ୍ତି। ଏଭଳି ନିଆଁକୁ ନିୟନ୍ତ୍ରଣ କରିବାକୁ ବନ କର୍ମଚାରୀଙ୍କ ପାଇଁ ଏକ ବଡ ଚ୍ୟାଲେଞ୍ଜ ସୃଷ୍ଟି ହୋଇଛି।

ଯଥାସାଧ ବନାଗ୍ନି ରୋକିବା, ସାଧାରଣ ଜନତାଙ୍କ ମଧ୍ୟରେ ସଚେତନତା ସୃଷ୍ଟି ସହିତ ଦୋଷୀଙ୍କ ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବନବିଭାଗ ସ୍ପଷ୍ଟ କରିଥିଲେ ମଧ୍ୟ ନିଆଁ ଲାଗିବା କମୁନାହିଁ। ଏଭଳି କିଛି ଦୃଶ୍ୟ ବର୍ତ୍ତମାନ ରେଢ଼ାଖୋଲ ବନଖଣ୍ଡ ଅନ୍ତର୍ଗତ ଗିରିଶ୍ଚନ୍ଦ୍ରପୁର, ଚାରମାଳ, ବଡମାଳରେଞ୍ଜ, ନାକଟିଦେଉଳ, ବଡବାହାଲ ବନାଞ୍ଚଳର ସଂରକ୍ଷିତ ଜଙ୍ଗଲ ଅଞ୍ଚଳରେ ଦେଖିବାକୁ ମିଳିଛି ।କିଛିଦିନ ପୂର୍ବରୁ ଏହି ଠାରେ ନିଆଁର ପ୍ରକୋପ ଏପରି ଥିଲା ଯେ ପୂରା ଗାଁ ଜଳିପୋଡି ଛାରଖାର ହେବା ଭଳି ସ୍ଥିତି ଉପୁଜି ହୋଇଥିଲା ।ସୌଭାଗ୍ୟ ବନ କର୍ମଚାରୀ ଓ ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ନିଆଁକୁ ଆୟତ୍ତ କରିବାରେ ସକ୍ଷମ ହୋଇ ପାରିଥିଲେ । ଏଥିରେ ବହୁ ମୂଲ୍ୟବାନ ଶାଳ ପିଆଶାଳ ଗଛ ସବୁ ପୋଡି ନଷ୍ଟ ହୋଇ ଯାଉଥିଲା ।ଖବର ଲେଖାହେବା ଯାଏ କୌଣସି ବନ କର୍ମଚାରୀ ପହଞ୍ଚି ନ ଥିବା ଜଣା ପଡିଥିଲା। ଏଠାରେ କେହି ଦୁର୍ବୃତ୍ତ ମହୁଲଫୁଲ ସଂଗ୍ରହ ପାଇଁ ହେଉ ନତୁବା ମଦ୍ୟପ ମାନଙ୍କ ଜଳନ୍ତା ସିଗାରେଟରୁ ଏଭଳି କାଣ୍ଡ ଘଟିଥାଇ ପାରେ ବୋଲି ଅନୁମାନ କରାଯାଉଛି। ଏ ନେଇ ବନ ବିଭାଗ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

# ଅନିଶ୍ଚିତତା ଘେରରେ ବନମାଳିପୁର ଜଳ ଅମଳ ପ୍ରକଳ୍ପ



ଭାପୁର,୧୧।୩ (ନିପ୍ର): ଗ୍ରୀଷ୍ମ ପ୍ରବାହ ଅବକାଶରେ ଭାପୁର ଅଞ୍ଚଳବାସୀ ପାନୀୟ ଜଳ ପାଇଁ କଷ୍ଟ ଭୋଗିବା ଆରମ୍ଭ କଲେଣି। କିନ୍ତୁ, ରାଜ୍ୟ ସରକାରଙ୍କ ବସୁଧା ଯୋଜନାରେ ପ୍ରତ୍ୟେକଙ୍କ ଘରକୁ ଚବିଶି ଘଣ୍ଟିଆ ଜଳ ଯୋଗାଣ ବ୍ୟବସ୍ଥା ଅବଧି ପରେ ଅବଧି ଘୁଞ୍ଚିଘୁଞ୍ଚି ୭ ବର୍ଷ ଗତ ହେଲାଣି। କିନ୍ତୁ ଜନସାଧାରଣ ପାଣି ଟୋପେ ପାଇବାର ନାହିଁ ।ଉଲ୍ଲେଖଯୋଗ୍ୟ, ବିଜେଡି ସରକାର ସମୟରେ ୨୦୧୯ ମସିହାରେ ଫତେଗଡ଼ ଥାନା ଅନ୍ତର୍ଗତ ବନମାଳିପୁର ଗ୍ରାମର ପୁରାତନ ହେଲିପ୍ୟାଡ଼ ପଡିଆରେ ନୟାଗଡ଼ ଜିଲ୍ଲାର ବୃହତ ମେଗା ଜଳ ଅମଳ ପ୍ରକଳ୍ପ ୬୦୩.୪୪ କୋଟି ଟଙ୍କାର ବ୍ୟୟ ଅଟକଳରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ବସୁଧା ଯୋଜନାରେ ନିର୍ମାଣାଧୀନ ଏହି ପ୍ରକଳ୍ପ ଭାପୁର ବ୍ଲକ ସମେତ ନୟାଗଡ଼, ଖଣ୍ଡପଡା, ନୂଆଗାଁ ବ୍ଲକରୁ ୭୯ ପଞ୍ଚାୟତର ୪୯୮ଗୋଟି ଗ୍ରାମବାସୀ ପାନୀୟ ଜଳ ପାଇପାରିବେ ବୋଲି ସ୍ଥିରୀକୃତ ହୋଇଥିଲା। ସେଥିପାଇଁ ଭାପୁର ବ୍ଲକର ସମସ୍ତ ହିତାଧିକାରୀଙ୍କ ଦୁଆର ମୁହଁରେ ଦୁଇ ବର୍ଷ ହେଲା ପାଇପ ଷ୍ଟାଣ୍ଡ ନିର୍ମାଣ ହୋଇଥିବା ବେଳେ ଏହା ଧୀରେଧୀରେ ଭାଙ୍ଗିରୁଜି ଗଲାଣି ପଛେ କିନ୍ତୁ ପାଣି ବୁନ୍ଦେ ପାଇଲେ ନାହିଁ। ଏହି ମେଗା ପ୍ରକଳ୍ପ ୨୦୨୧ ମସିହା ଡିସେମ୍ବର ମାସ ୫ ତାରିଖରେ ସମାପ୍ତ ହେବ ବୋଲି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ଇତି ମଧ୍ୟରେ ଦୁଇଟି ଅବଧି ଶେଷ ହୋଇଥିଲେ ସୁଦ୍ଧା ପ୍ରକଳ୍ପ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇପାରୁ ନାହିଁ। ବିଶେଷକରି, ବିଦ୍ୟୁତ ସମସ୍ୟା ଏବଂ ପୋତା ଯାଇଥିବା ପାଇପରୁ ପାଣି ଠିକ ରୂପେ ନ ଆସିବା ଯୋଗୁଁ ମହାନଦୀରୁ ପାଣି ଉଠେଇବା ସମସ୍ୟା ଉପୁଜିଛି କିନ୍ତୁ,ଚଳିତ ବର୍ଷ ଶେଷ ସୁଦ୍ଧା ଏହା କାର୍ଯ୍ୟକ୍ଷମ ହେବ ବୋଲି ଶୁଣା ଯାଉଛି।

## ଆତ୍ମ ସୁରକ୍ଷା ଶିବିର ଉଦ୍‌ଯାପନ କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି,୧୧।୩ (ନିପ୍ର): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିଠାରେ ମହିଳା ସ୍ନାତକ ମହାବିଦ୍ୟାଳୟରେ ଛାତ୍ରୀମାନଙ୍କର ଆତ୍ମସୁରକ୍ଷା ତାଲିମ ଶିବିର ଅଧ୍ୟକ୍ଷା ଡ଼ ରୀନା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇସାରିଛି । ଉଦ୍‌ଯାପନୀ ଦିବସ ଉପଲକ୍ଷେ ପ୍ରାରମ୍ଭିକ ସୂଚନା ସୁଶ୍ରୀ ମଧୁସ୍ମିତା ପ୍ରଦାନ କରିଥିବା ବେଳେ, ଅଧ୍ୟକ୍ଷା ଡ଼ ରୀନା ସାହୁ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ସୋସିଆଲ ମିଡିଆ ପ୍ରଭାବରେ ଆଜିକାଲି ଝିଅମାନେ ଆଧୁନିକତାକୁ ଆପଣେଇ ନେଇ ଏହାର ଦୁରୁପଯୋଗ କରୁଛନ୍ତି । ଫଳରେ ସେମାନେ ବିଭିନ୍ନ ଶାରୀରିକ ଶୋଷଣର ଶିକାର ହୋଇଛନ୍ତି । ଏଣୁ ଆତ୍ମ ସୁରକ୍ଷା ଏବଂ ଆତ୍ମ ଶୃଙ୍ଖଳା ଦ୍ୱାରା ନିଜକୁ ସୁରକ୍ଷିତ ରଖିବା ପାଇଁ ରାଜ୍ୟ ସରକାର ଛାତ୍ରୀମାନଙ୍କ ନିମନ୍ତେ ଯେଉଁ ଉଚିତ ପଦକ୍ଷେପ ନେଇଛନ୍ତି ତାହା ସ୍ୱାଗତଯୋଗ୍ୟ । ଏହା ପରେ ଇଂରାଜୀ ଅଧ୍ୟାପିକା ବରଦା ଆଚାର୍ଯ୍ୟ ନିଜ ବକ୍ତବ୍ୟରେ କହିଥିଲେ ଯେ ଛାତ୍ରୀମାନଙ୍କର ମାନସିକ ଓ ଶାରୀରିକ ସ୍ତରରେ ସୁସ୍ଥ ରହିଲେ ନିଜ ଉପରେ ହେଉଥିବା ଆକ୍ରମଣକୁ ମଧ ମୁକାବିଲା କରିପାରିବେ ତେଣୁ ସମସ୍ତ ଛାତ୍ରୀ ଆତ୍ମରକ୍ଷା କୌଶଳ ଶିକ୍ଷା କରିବା ଅନିର୍ବାଯ୍ୟ ଅଟେ । ଏହା ସହ ଅନ୍ୟ ଅଧାପକ ଏବଂ ଅଧାପିକା ଯଥା ଡ଼ କଲ୍ୟାଣୀ ମିଶ୍ର, ମଧୁସ୍ମିତା ପ୍ରଧାନ, କୃଷ୍ଣଚନ୍ଦ୍ର ପଣ୍ଡିତ ଏବଂ ତ୍ରିଲୋଚନ ବାରିକ ସମେତ, ଛାତ୍ରୀମାନଙ୍କ ଭବିଷ୍ୟତ ଏବଂ ଆତ୍ମସୁରକ୍ଷା କୌଶଳର ଆବଶ୍ୟକ ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଏସ୍, ମାଧୁରୀ ଦୀକ୍ଷିତ ଏବଂ କୁମାରୀ ପ୍ରିୟା ଶର୍ମା ମୁଖ୍ୟ ପ୍ରଶିକ୍ଷକ ଭାବରେ କୌଶଳ ଶିକ୍ଷା ପ୍ରଦାନ କରିଥିଲେ ଏବଂ ଏଲ୍.ଦୁର୍ଯ୍ୟୋଧନ ଏହି ଶିବିରକୁ ତତ୍ତ୍ୱାବଧାନ କରିଥିଲେ । ମହାବିଦ୍ୟାଳୟର ଛାତ୍ରୀଙ୍କୁ ପ୍ରମାଣ ପତ୍ର ପ୍ରଦାନ କରିଥିଲେ ଅନ୍ୟ ସମସ୍ତ କର୍ମଚାରୀ ଗଣ କାର୍ଯ୍ୟକ୍ରମର ସଫଳତା ନିମନ୍ତେ ପୂର୍ଣ୍ଣ ସହଯୋଗ କରିଥିଲେ ।

## ଚିକିତ୍ସାଳୟରୁ ଗର୍ଭବତୀ ମହିଳା ନିଖୋଜ

ରାୟଗଡା,୧୧।୩ (ନିପ୍ର); ରାୟଗଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଗର୍ଭବତୀ ମହିଳା ନିଖୋଜ। ଖବର ନେବାରେ ଜଣାପଡିଛି ଯେ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଜଣେ ଗର୍ଭବତୀ ନିଖୋଜ ନେଇ ଟାଉନ ଥାନାରେ ଏତଲା ହୋଇଛି। ଜେ.କେ.ପୁର ଅଞ୍ଚଳର ଜଣେ ଗର୍ଭବତୀ ଦୁଇଦିନ ତଳେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପ୍ରସୂତି ବିଭାଗରେ ଭର୍ତ୍ତି ହୋଇଥିଲେ। ସେ ଚାରି ମାସର ଗର୍ଭବତୀ ଥିଲେ। ରାତିରେ ସେ କେଉଁ ଭଳି ଅବସ୍ଥାରେ ନିଖୋଜ ହେଲେ ତାହା ଜଣା ପଡିନଥିବା ବେଳେ ସେ ରାତ୍ର ସାଢ଼େ ୧୧ଟା ସମୟରେ ନିଜ ଶଯ୍ୟାରେ ଶୋଇଥିଲେ। ତାପରେ ତାଙ୍କୁ ଚିକିତ୍ସା କରୁଥିବା ସେବିକା ତାଙ୍କୁ ଦେଖିବାକୁ ନପାଇ ଚିକିତ୍ସାଳୟ କର୍ତ୍ତୃପକ୍ଷଙ୍କୁ ଅବଗତ କରିଥିଲେ। ତାପରେ ମେଡିକାଲ ଅଧିକାରୀ ଥାନରେ ଏତଲା ଦେଇଥିଲେ। ଏ ବିଷୟରେ ଥାନା ଅଧିକାରୀ ପ୍ରସନ୍ନ କୁମାର ବେହେରା ଚିକିତ୍ସାଳୟ କର୍ତ୍ତୃପକ୍ଷ ଥାନାରେ ଏତଲା ଦାୟର କରାଯାଇଥିବା କହିଛନ୍ତି।

# କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବାହିନୀର ୫୭ତମ ପ୍ରତିଷ୍ଠା ଦିବସ



ଦାମନଯୋଡି, ୧୧/୩(ନିପ୍ର): କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବାହିନୀ (ସି ଆଇ ଏସ ଏଫ୍) ୧୯୬୯ ମସିହା ମାର୍ଚ୍ଚ ୧୦ ତାରିଖରେ ପ୍ରତିଷ୍ଠା ହେବା ପରଠାରୁ ଦୀର୍ଘ ୫୭ବର୍ଷ ଧରି ନିରବଚ୍ଛିନ୍ନ ଭାବରେ ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ଦାୟିତ୍ୱରେ ନିୟୋଜିତ ହୋଇ ଉତ୍କର୍ଷ ସେବା ପ୍ରଦାନ କରି ସ୍ୱତନ୍ତ୍ର କୀର୍ତ୍ତିମାନ ସ୍ଥାପନ କରିବାରେ ସଫଳ ହୋଇପାରିଛି ।

ଏହି ପରିପ୍ରେକ୍ଷୀରେ ମାର୍ଚ୍ଚ ୧୦ ତାରିଖରେ ଦାମନଯୋଡି ସ୍ଥିତ ନବରତ୍ନ ଉଦ୍ୟୋଗ ନାଲକୋ ସୁରକ୍ଷା ଦାୟିତ୍ୱରେ ଥିବା ସି ଆଇ ଏସ ଏଫ୍ ପକ୍ଷରୁ ନିଜସ୍ୱ ପଡ଼ିଆରେ ୫୭ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଥିଲା । ବରିଷ୍ଠ କମାଣ୍ଡାଣ୍ଟ ସତ୍ୟଦେବ ଆର୍ଯ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ନାଲକୋର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅମରେନ୍ଦ୍ର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପରେଡ୍ ଅଭିବାଦନ ଗ୍ରହଣ କରିଥିଲେ ।

ଇନ୍ସପେକ୍ଟର ଏ କେ ସାମନ୍ତରାୟଙ୍କ ନିର୍ଦ୍ଦେଶନାରେ ୫ପ୍ଲାଟୁନ ଜୱାନ ପ୍ୟାରେଡରେ ଅଂଶଗ୍ରହଣ କରିଥିଲେ । ଶ୍ରୀ ଆର୍ଯ୍ୟ ଉତ୍କର୍ଷର ୫୭ ବର୍ଷର ଗରିମାମୟ ବିବରଣୀ ପ୍ରଦାନ କରିବା ସହିତ ୩୫୦ରୁ ଉର୍ଦ୍ଧ୍ୱ ଦେଶର ଆଭ୍ୟନ୍ତରୀଣ ସଂଗଠନ, ପ୍ରତିଷ୍ଠାନ, ଉଦ୍ୟୋଗ ଆଦିର ସୁରକ୍ଷା ଦାୟିତ୍ୱ କୁ ସୁଚାରୁ ରୂପେ ତୁଲାଉଥିବା ନିଜ ଅଭିଭାଷଣରେ କହିଥିଲେ । ମୁଖ୍ୟ ଅତିଥି ଶ୍ରୀ ମିଶ୍ର ସି ଆଇ ଏସ ଏଫ୍‌ର କାର୍ଯ୍ୟ ଶୈଳୀ ଓ ସୁରକ୍ଷା କୁଶଳତା କୁ ଭୂୟସୀ ପ୍ରଶଂସା କରିଥିଲେ । ଯବାନ ମାନେ ବିଭିନ୍ନ ଚିତ୍ତାକର୍ଷକ କୌଶଳ ପ୍ରଦର୍ଶନ କରି ପ୍ରଶଂସିତ ହୋଇଥିଲେ । ଇନ୍ସପେକ୍ଟର ଏମ ରହମାନ ଙ୍କ ସହିତ ବରିଷ୍ଠ କନେଷ୍ଟବଳ ଆଞ୍ଚଲ୍ ଦେବୀ ମଞ୍ଚ ସଂଯୋଜନା ଓ ଧାରା ବିବରଣୀ ପ୍ରଦାନ କରିଥିଲେ ।

## ମଦ ବ୍ୟବସାୟୀ ନିକଟରେ ବନ୍ଧା ପଡିଛି ଅବକାରୀ ବିଭାଗ!

ପାରଳାଖେମୁଣ୍ଡି,୧୧।୩ (ନିପ୍ର); ଗଜପତି ଜିଲ୍ଲାରେ ବେଆଇନ ମଦ କାରବାର ଜାଣିଶୁଣି ଚୁପ ଅବକାରୀ ବିଭାଗ। ଅଭିଯୋଗ ପରେବି ହେଉନି କାର୍ଯ୍ୟ ଅନୁଷ୍ଠାନ। ବରଂ ଅଭିଯୋଗକାରୀଙ୍କୁ ମିଳୁଛି ଧମକ। ଏଭଳି ସ୍ଥିତି ଗଜପତି ଜିଲ୍ଲାରେ ଦେଖିବାକୁ ମିଳିଛି। ଅବକାରୀ ଆଇନ ଅନୁସାରେ ମଦ ବିକ୍ରି ସ୍ଥାନରେ ଦର ତାଲିକା ଷ୍ଟକ୍ ବିବରଣୀ କର୍ମଚାରୀଙ୍କ ତଥ୍ୟ ସହ ସିସିଟିଭି କ୍ୟାମେରା ଲଗାଇବା ଜରୁରୀ। ହେଲେ ତାହା କାର୍ଯ୍ୟକାରୀ ହେଉନାହିଁ। କୌଣସି ବିକ୍ରି ଉପରେ ବିଲ୍ ଦିଆଯାଉନାହିଁ। ସେହିଭଳି ପ୍ରିଣ୍ଟ ଦର ଠାରୁ ଅଧିକା ନେବା ନିୟମିତ ହୋଇଗଲାଣି। ଗୋଟିଏ କିମ୍ବା ଦୁଇଟି ଦୋକାନ ନୁହେଁ ଗଜପତି ଜିଲ୍ଲାରେ ରହିଥିବା ୧୯ଟି ଦୋକାନର ଯେଉଁଠିକୁ ଯାଅ ସେଠି ପ୍ରିଣ୍ଟ ଦରଠାରୁ ପ୍ରତ୍ୟେକ ବୋତଲ ଉପରେ ୨୦ ରୁ ୩୦ ଟଙ୍କା ଅଧିକ ଦେବାକୁ ପଡିବ । ସାର ଓଡ଼ିଶାରେ ଗୋଟିଏ ନିୟମ ଆଉ ଗଜପତି ଜିଲ୍ଲାରେ ନିୟମ ଅଲଗା କି ବୋଲି ଆଇନଜୀବୀ ପ୍ରଶାନ୍ତ ପ୍ରଧାନ ପ୍ରଶ୍ନ କରିଛନ୍ତି। ମଦ ମାଫିଆ ଓ ଅବକାରୀ ଅଧିକାରୀଙ୍କ ମଧୁଚନ୍ଦ୍ରିକାରେ ସାଧାରଣ ଲୋକ ବଳି ପଡୁଛନ୍ତି ବୋଲି ସମାଜସେବୀ ପ୍ରଣଜ ପଟ୍ଟନାୟକ ପ୍ରକାଶ କରିଛନ୍ତି। ବାହାରେ ମଧ ଏକାଧିକ ସ୍ଥାନରେ ଖୋଲାରେ ମଦ ବିକ୍ରି ହେଉଛି ।ସୀତାପୁରୁ ଠାରୁ ହାଡୁଭାଙ୍ଗି ପ୍ରତ୍ୟେକ ଛକରେ କେଉଁଠି ନା କେଉଁଠି ବେଆଇନ ମୋଦି ବିକ୍ରି ହେଉଛି। ସେହିଭଳି ଜଙ୍ଗଲପାଡୁ ଠାରୁ ଗାରବନ୍ଧା ପର୍ଯ୍ୟନ୍ତ ସବୁଠି ବେଆଇନ ମଦ କାରବାର ଚାଲିଛି। ତେବେ ଅଭିଯୋଗ ଆଧାରରେ ଚଢ଼ାଉ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯାଉଛି ବୋଲି ଅବକାରୀ ଥାନା ଅଧିକାରୀ ପ୍ରକାଶ କରିଛନ୍ତି ।

## ଅର୍ଥ ହଡପ ନେଇ ଜିଲ୍ଲାପାଳଙ୍କୁ ଅଭିଯୋଗ

ଭାପୁର,୧୧।୩ (ନିପ୍ର); ଭାପୁର ବ୍ଲକରେ ୧୫ ତମ ଅର୍ଥ କମିଶନ ପ୍ରକଳ୍ପର ଅର୍ଥ ହଡପ ହୋଇଥିବା ନେଇ ଦୁର୍ନୀତିର ଗନ୍ଧ ବେଶ୍ ବାରି ହୋଇପଡ଼ିଥିବା ବେଳେ ଏ ସମ୍ପର୍କରେ ଭାପୁର ବ୍ଲକ ଅଧ୍ୟକ୍ଷା ତଦନ୍ତ ପାଇଁ ନୟାଗଡ଼ ଜିଲ୍ଲାପାଳଙ୍କୁ ଲିଖିତ ଭାବରେ ଅଭିଯୋଗ କରିଛନ୍ତି। ଘଟଣାରୁ ପ୍ରକାଶ,୧୫ ତମ ଅର୍ଥ କମିଶନ ପ୍ରକଳ୍ପର ଅର୍ଥ ହଡପ କରିବା ପାଇଁ ବ୍ଲକ ଅଧକ୍ଷାଙ୍କ ସୁପାରିସ ବିନା ବିଭାଗୀୟ ଯନ୍ତ୍ରୀ ମାନଙ୍କ ସହାୟତାରେ ନିମ୍ନମାନର କାର୍ଯ୍ୟ କରି ବିଲ୍ କରିଥିବା ଅଭିଯୋଗ ହୋଇଛି। ପ୍ରକଳ୍ପ ଗୁଡିକର ପେମେଣ୍ଟ ନିମନ୍ତେ ବ୍ଲକ ଅଧକ୍ଷାଙ୍କ ବିନା ଅନୁମୋଦନରେ ସମସ୍ତ କାର୍ଯ୍ୟ ଚାଲୁଥିବା ବେଳେ ବାସ୍ତବିକ ପକ୍ଷେ ପ୍ରକଳ୍ପର ଅବସ୍ଥା,ମୂଲ୍ୟାୟନ ଓ ଫାଇଲ କିମ୍ବା କେସ ରେକର୍ଡ ଗୁଡିକର ସମ୍ପୂର୍ଣ୍ଣ ଯାଞ୍ଚ କରିବା ପରେ ବ୍ଲକ ଅଧକ୍ଷା ମତାମତ ପ୍ରଦାନ କରି ଡି.ଏସ.ସି. ମାଧ୍ୟମରେ କୌଣସି ପେମେଣ୍ଟ ପ୍ରକ୍ରିୟା ସମାପ୍ତ ହେବା କଥା କିନ୍ତୁ,ଭାପୁର ବିଡ଼ିଓ ବ୍ଲକ ଅଧକ୍ଷାଙ୍କୁ କୌଣସି କଥା ନ ଜଣେଇ ଅଣଦେଖା କରି ଅସାମ୍ବିଧାନିକ ପ୍ରକ୍ରିୟା ରେ ପେମେଣ୍ଟ ଦେଉଥିବାରୁ ଅର୍ଥ ହଡପ ନେଇ ସ୍ପଷ୍ଟ ବାରି ହୋଇପଡ଼ିଛି ।ବ୍ଲକ ବିଡ଼ିଓ କିମ୍ବା ବିଭାଗୀୟ ଯନ୍ତ୍ରୀ ପ୍ରକଳ୍ପ କାର୍ଯ୍ୟକାରିତା ସମ୍ବନ୍ଧରେ ବ୍ଲକ ଅଧକ୍ଷାଙ୍କୁ କୌଣସି ସୂଚନା ନ ଦେଇ ପ୍ରକଳ୍ପ ଗୁଡିକର ଯାଞ୍ଚ ବିନା ଡ଼ି.ଏସ.ସି ମାଧ୍ୟମରେ ପେମେଣ୍ଟ କରିବା ଅସାମ୍ବିଧାନିକ କିନ୍ତୁ, ଭାପୁର ବ୍ଲକରେ ଏହିପରି ଚାଲିଛି। ଭାପୁର ବିଡ଼ିଓଙ୍କ କାର୍ଯ୍ୟାଳୟ ପତ୍ରସଂଖ୍ୟା ୪୫୧୮/୧୫. ୧୧. ୨୫ ବ୍ଲକ ଅଧକ୍ଷାଙ୍କ ନିକଟକୁ ଆସିଥିବା ଚିଠି ର ପ୍ରତି ଉତ୍ତର ମାଧ୍ୟମରେ ମଗାଯାଇଥିବା ଫାଇଲ କିମ୍ବା କେସ ରେକର୍ଡ ଏ ପର୍ଯ୍ୟନ୍ତ ମିଳି ନ ଥିବାରୁ ଦୁର୍ନୀତି ହୋଇଥିବା ନେଇ ସତ୍ୟତା ପ୍ରକାଶ ପାଉଛି।

# 'ଶିଶୁ ପାଇଁ ଦିନଟିଏ' କାର୍ଯ୍ୟକ୍ରମ: ଡ୍ରପ ଆଉଟ ଶିଶୁଙ୍କୁ ବିଦ୍ୟାଳୟରେ ଭର୍ତ୍ତି

ପୁରୀ,୧୧।୩ (ନିପ୍ର): ସ୍ଥାନୀୟ ସ୍ୱତନ୍ତ୍ର ପ୍ରଦକ୍ଷିଣ ଗୃହ ଠାରେ 'ଶିଶୁ ପାଇଁ ଦିନଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଅଧୀନରେ ଜିଲ୍ଲା ଶିଶୁ ମଙ୍ଗଳ ଓ ସୁରକ୍ଷା କମିଟି, ବାଲ୍ୟ ବିବାହ ଓ ଶିଶୁ ଶ୍ରମିକ ନିଷେଧ ଜିଲ୍ଲା ସ୍ତରୀୟ ଟାସ୍କ ଫୋର୍ସ, ଚାଇଲଡ ହେଲ୍ପଲାଇନ ବୋର୍ଡ଼ର ସମସ୍ତ ସଦସ୍ୟ, ସଦସ୍ୟା ଓ ସମସ୍ତ ବିଭାଗର ନିମନ୍ତ୍ରିତ ପଦାଧିକାରୀ ଯୋଗ ଦେଇଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରାଙ୍କ ଅଧକ୍ଷତା କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶିକ୍ଷା ବିଭାଗ ଦ୍ୱାରା ଅନୁଷ୍ଠିତ 'ଆସ ସ୍କୁଲ ଯିବା' କାର୍ଯ୍ୟକ୍ରମରେ ଡ୍ରପ ଆଉଟ ଥିବା ସମସ୍ତ ପିଲାମାନଙ୍କୁ ବିଦ୍ୟାଳୟକୁ ଅଣାଯିବା ଉପରେ ପ୍ରାଧାନ୍ୟ ଦିଆଯାଇଥିଲା। ଜିଲ୍ଲାରେ ଥିବା ଡ୍ରପ ଆଉଟ ଶିଶୁଙ୍କୁ ବିଦ୍ୟାଳୟରେ ଭର୍ତ୍ତି କରାଯାଉଛି । ଅଦ୍ୟାବଧି ୧୩୦୦ରୁ ଉର୍ଦ୍ଧ୍ୱ ଶିଶୁମାନଙ୍କୁ ବିଦ୍ୟାଳୟ ପାଠପଢା ସହିତ ଯୋଡ଼ାଯାଇଛି ବୋଲି ଶିକ୍ଷା ବିଭାଗ ଅଧିକାରୀ ମତବ୍ୟକ୍ତ କରିଥିଲେ । ସେମାନଙ୍କ ମଧ୍ୟରୁ ଯେଉଁମାନେ ପିତୃମାତୃହୀନ ଓ ଏକକ ପିତାମାତା ବା ଅଭିଭାବକଙ୍କର ଶିଶୁ ହୋଇଥିବେ ତାର ତାଲିକା ଦେବେ । ଜିଲ୍ଲାରେ ସାମସ୍ ପୋର୍ଟାଲ ଉପରେ ପିତାମାତାଙ୍କୁ ଅବଗତ କରିବା ନିମନ୍ତେ ବିଦ୍ୟାଳୟ ସ୍ତରରେ କର୍ମଶାଳା ଆୟୋଜନ କରିବାକୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଦାୟିତ୍ୱ ପ୍ରଦାନ କରାଗଲା । ସେହିପରି ଜିଲ୍ଲାରେ ଥିବା ଔଷଧ ଦୋକାନ ଗୁଡିକରେ ଥିବା ରେଜିଷ୍ଟରକୁ ଡିଜିଟାଇଜେସନ କରିବା ଓ ସିସି ଟିଭି ଲଗାଇବା ସହିତ ଏଚ, ଏଚ୍ୱାନ , ଏକ୍ସ ଡ୍ରଗ ଗୁଡିକର ବିକ୍ରିବଟା ମନିଟରିଙ୍ଗ କରାଯିବାକୁ ଯାଇ ସମ୍ପୃକ୍ତ ବିଭାଗ ଏହି ବର୍ଷ ୩୨ ଟି କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି । ସେହିପରି ଜିଲ୍ଲାରେ ଥିବା ପ୍ରତି ବିଦ୍ୟାଳୟର ୧୦୦ ଗଜ ମଧ୍ୟରେ ମାଦକ ଦ୍ରବ୍ୟ ନିଷେଧ ବିଦ୍ୟାଳୟଠାରେ ଏକ ସର୍ବସାଧାରଣ ସୂଚନା ଫଳକ ଲଗାଇବାକୁ ନିଷ୍ପତ୍ତି ହୋଇଥିଲା । ସେହିପରି ଶିଶୁ ଶ୍ରମିକରେ ନିୟୋଜିତ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଆଇନଗତ ଦୃଢ କାର୍ଯ୍ୟାନୁଷ୍ଠାନ ଓ ଜରିମାନା ନିମନ୍ତେ ଜିଲ୍ଲା ଶ୍ରମ ଅଧିକାରୀ ପଦକ୍ଷେପ ନେବେ। ଜିଲ୍ଲା ଶିକ୍ଷା ବିଭାଗ ଓ ଶିଶୁ ସୁରକ୍ଷା ବିଭାଗ ସହ ସମନ୍ୱୟ ରକ୍ଷା କରି ଶିଶୁ ଶ୍ରମିକମାନଙ୍କ ଥଇଥାନ ନିମନ୍ତେ କାର୍ଯ୍ୟ କରିବେ । ତୃଣମୂଳ ସ୍ତରରେ ଅଙ୍ଗନବାଡି କର୍ମୀ, ବିଦ୍ୟାଳୟର ପ୍ରଧାନଶିକ୍ଷକ, ପଂଚାୟତ ସମ୍ପ୍ରସାରଣ ଅଧିକାରୀ ବାଲ୍ୟ ବିବାହ ନିଷେଧ ତଥା ଶିଶୁ ଅଧିକାର କ୍ଷୁଣ୍ଣ ହେଲେ ରିପୋର୍ଟ କରିବେ। ଏହା ସହିତ ନିଶାଯୁକ୍ତ ଶିଶୁ ମାନଙ୍କ ଥଇଥାନ ଓ ଶିଶୁ ଯତ୍ନ ଅନୁଷ୍ଠାନରେ ଥିବା ଦିବ୍ୟାଙ୍ଗ ଶିଶୁ ମାନଙ୍କ ପେନସନ, ଦିବ୍ୟାଙ୍ଗ ପ୍ରମାଣ ପତ୍ର ନିଶ୍ଚିତ କରିବାକୁ ସମ୍ପୃକ୍ତ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ଦାୟିତ୍ୱ ଦିଆଗଲା। ଏହି ବୈଠକରେ ଡାଃ ମାନସ ରଞ୍ଜନ ଦାଶ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଅନିତା ମିଶ୍ର, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଗୋବିନ୍ଦ ଚନ୍ଦ୍ର ହେମ୍ବ୍ରମ, ଉପଆରକ୍ଷୀ ଅଧିକ୍ଷକ ତିଲୋତ୍ତମା ରାଉତ, ମହାବୀର ରୁଦ୍ର ନାରାୟଣ ସାହୁ ଜେ ଜେ ବି ମେମ୍ବର, ସଦସ୍ୟ ଉପେନ୍ଦ୍ର ବିଶ୍ୱାଳ, ଚାଇଲ୍ଡ ହେଲପ ଲାଇନ୍ ସଂଯୋଜକ କୃଷ୍ଣ ଚନ୍ଦ୍ର ମିଶ୍ର ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ଗଲ୍ଫ ଦେଶଗୁଡ଼ିକ ଆମ ଲୋକଙ୍କୁ ଦେଉଛନ୍ତି ସୁରକ୍ଷା, କିନ୍ତୁ କଂଗ୍ରେସ କରୁଛି ରାଜନୀତି : ମୋଦି



ନୂଆଦିଲ୍ଲୀ,୧୧।୩ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କେରଳରେ ବୁଧବାର ଇରାନ-ଆମେରିକା ଯୁଦ୍ଧକୁ ନେଇ କଂଗ୍ରେସ ଉପରେ କରିଛନ୍ତି ଟାର୍ଗେଟ୍। ପିଏମ୍ ମୋଦି କହିଛନ୍ତି ଯେ, ଏହି ସମୟରେ ଗଲ୍ଫ ଦେଶ ଗୁଡ଼ିକର ସରକାର ଭାରତୀୟ ନାଗରିକଙ୍କୁ ସୁରକ୍ଷା ପ୍ରଦାନ କରୁଛନ୍ତି, କିନ୍ତୁ ଏମିତି ସମୟରେ କଂଗ୍ରେସ ରାଜନୀତି କରୁଛି। ସେ କହିଛନ୍ତି ମୁଁ ଏହି କଥାର ମଧ୍ୟ କୃତଜ୍ଞ ଯେ, ଉପସାଗରୀୟ (ଗଲ୍ଫ) ଦେଶଗୁଡ଼ିକର ସରକାର ଆମ ନାଗରିକଙ୍କୁ ସୁରକ୍ଷା ଦେଉଛନ୍ତି। ଆମ ଭାରତୀୟ ରାଷ୍ଟ୍ରଦୂତ ୨୪ ଘଣ୍ଟା ସେମାନଙ୍କର ସାହାଯ୍ୟରେ ଲାଗିଛନ୍ତି। ତାହା ଖାଦ୍ୟ ହେଉ କି ମେଡିକାଲ କିମ୍ବା ଆଇନଗତ ସାହାଯ୍ୟ, ସବୁ କିଛି ଦିଆଯାଉଛି। କିନ୍ତୁ ଦୁଃଖର କଥା ଯେ, ଏମିତି ଗ୍ଲୋବାଲ ସଙ୍କଟରେ ମଧ୍ୟ କଂଗ୍ରେସ ରାଜନୀତି କରୁଛି ଏବଂ ଏମିତି ବିବୃତ୍ତି ଦେଉଛନ୍ତି, ଯେଉଁଥିରେ ସ୍ଥିତି ଆହୁରି ସଙ୍ଗୀନ ହୋଇପାରେ। ଲୋକେ ମୁସ୍କିଲରେ ପଡ଼ି ଶେଷରେ ମୋଦିଙ୍କ ଉପରେ ଦୋଷ ଲଦିବେ। ପ୍ରଧାନମନ୍ତ୍ରୀ ମୋଦି କଂଗ୍ରେସ ଓ ତାଙ୍କ ନେତା ରାହୁଲ ଗାନ୍ଧୀଙ୍କ ଉପରେ ଆକ୍ରମଣ କରି ଅଭିଯୋଗ କରିଛନ୍ତି ଯେ, ତାଙ୍କୁ ଦେଶରେ ହେଉଥିବା ଡେଭଲପମେଣ୍ଟ ବିଷୟରେ ଜଣାନାହିଁ। କୋଚ୍ଚିରେ ଏନଡିଏର ରାଲିକୁ ସମ୍ବୋଧିତ କରି ପିଏମ୍ ମୋଦି କହିଛନ୍ତି ଯେ, ରାଜ୍ୟର ଫାଇଦା ପାଇଁ କେରଳରେ ଏଲଡିଏଫ୍ ଓ ୟୁଡିଏଫ୍ ସରକାରଙ୍କ ମଧ୍ୟରେ ବାରମ୍ବାର ଆସୁଥିବା ପାଟର୍ନ ବନ୍ଦ ହେବା ଉଚିତ। ସେ କେରଳର ଲୋକଙ୍କୁ ଅପିଲ କରିଛନ୍ତି ଯେ, ସେ ବିଜେପିର ପରିଚାଳନାରେ ଏନଡିଏକୁ ଆଗାମୀ ପାଞ୍ଚ ବର୍ଷ ଯାଏ ତାଙ୍କର ସେବା କରିବାର ସୁଯୋଗ ଦିଅନ୍ତୁ, କାରଣ ଏହା ମୋଦିଙ୍କ ଗ୍ୟାରେଣ୍ଟି ସହ ଅଛି। ପିଏମ୍ କହିଛନ୍ତି , ଲୋକେ ଏଲଡିଏଫ୍-ୟୁଡିଏଫର ପଲିଟିକ୍ସ ଠାରୁ ଦୂରେଇ ଯିବା ପାଇଁ ପ୍ରସ୍ତୁତ ଏବଂ କହିଛନ୍ତି ଏହା ହେଉଛି ୨୦୨୪ ରେ ତ୍ରିଶୂର ଲୋକସଭା ସିଟରେ ବିଜେପିର ବିଜୟ ଏବଂ ନିକଟରେ ତିରୁଅନନ୍ତପୁରମ୍ କର୍ପୋରେସନରେ ମଧ୍ୟ ବିଜେପିର ବିଜୟର ପ୍ରଭାବ ପୂରା କେରଳରେ ଦେଖିବାକୁ ମିଳିବ। ରାହୁଲ ଗାନ୍ଧୀଙ୍କୁ ଟାର୍ଗେଟ୍ କରି ମୋଦି ଦାବି କରିଥିଲେ ଯେ , କଂଗ୍ରେସର ଯୁବରାଜ (ରାଜକୁମାର)ଙ୍କୁ ଦେଶରେ ହେଉଥିବା ଡେଭଲପମେଣ୍ଟ ବିଷୟରେ ଜଣା ନାହିଁ , କାରଣ ସେ ଏ ବିଷୟରେ ଅବଗତ ନୁହନ୍ତି ଯେ, କେରଳ ସମେତ ଭାରତର ଯୁବବର୍ଗ ଓ ଅନେକ କମ୍ପାନୀମାନେ ଡ୍ରୋନ୍ ତିଆରି କରିବାର କାମ କରୁଛନ୍ତି। ମୋଦି ନିଜର ଭାଷଣରେ ଏହା ମଧ୍ୟ କହିଛନ୍ତି ଯେ, ବିଜେପି କେରଳରେ ଏଆଇ ଓ ଭବିଷ୍ୟତର ଟେକ୍ନୋଲଜିର ହବ୍ କରିବା ପାଇଁ କାମ କରିବେ। ୱେଷ୍ଟ ଏସିଆ ସଙ୍କଟର ଉଲ୍ଲେଖ କରି ସେ ଦାବି କରିଥିଲେ ଯେ, ଆଜିର ଭାରତ ନିଜର ନାଗରିକଙ୍କୁ କେଉଁଠି ଫସିବାକୁ ଦେବ ନାହିଁ ଏବଂ କେନ୍ଦ୍ର ସରକାର ଏହା ସ୍ପଷ୍ଟ କରିବା ପାଇଁ ଗଲ୍ଫ ଦେଶରେ ଫସି ଥିବା ଭାରତୀୟଙ୍କୁ ସବୁ ପ୍ରକାରର ସାହାଯ୍ୟ କରୁଛନ୍ତି। ସେ ୱେଷ୍ଟ ଏସିଆ ସଙ୍କଟ ମାମଲାରେ କଂଗ୍ରେସ ଉପରେ ମଧ୍ୟ ହମଲା କରିଥିଲେ ଏବଂ ଦାବି କରିଥିଲେ ଯେ, ବିରୋଧୀ ପାର୍ଟି ଏହି ପ୍ରସଙ୍ଗରେ ରାଜନୀତି କରୁଛନ୍ତି।

# ଜଳ ସଂରକ୍ଷଣକୁ ଅବିଚ୍ଛେଦ୍ୟ ଅଂଶ କରାଯାଉ : ରାଷ୍ଟ୍ରପତି



ନୂଆଦିଲ୍ଲୀ,୧୧।୩(ପିଆଇବି): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ନୂଆଦିଲ୍ଲୀରେ 'ଜଳ ମହୋତ୍ସବ ୨୦୨୬' କାର୍ଯ୍ୟକ୍ରମରେ ଯୋଗଦେଇ ଏହାକୁ ସମ୍ବୋଧିତ କରିଥିଲେ। ଏହି ଅବସରରେ, ଭାରତରେ ଜଳ କେବଳ ଏକ ମୌଳିକ ଆବଶ୍ୟକତା ନୁହେଁ, ବରଂ ଏହା ଆମର ସଂସ୍କୃତି, ପରମ୍ପରା, ଜୀବିକା ଏବଂ ସାମୂହିକ ଜୀବନ ସହିତ ଗଭୀର ଭାବରେ ଜଡିତ ବୋଲି ରାଷ୍ଟ୍ରପତି କହିଛନ୍ତି । ଏତେ ବର୍ଷ ଧରି, ଗ୍ରାମବାସୀ, ବିଶେଷ କରି ମହିଳା ଏବଂ ପିଲାମାନଙ୍କୁ ଦୂର ସ୍ଥାନରୁ ପାନୀୟ ଜଳ ଆଣିବାକୁ ପଡୁଥିଲା। ସ୍ୱଚ୍ଛ ଜଳ ଯୋଗାଣ କେବଳ ସୁବିଧା ପ୍ରଦାନ କରିବାର ବିଷୟ ନଥିଲା ; ଏହା ସମୟ, ସ୍ୱାସ୍ଥ୍ୟ ଏବଂ ମର୍ଯ୍ୟାଦାର ବିଷୟ ଥିଲା। ଏହି ଆହ୍ୱାନ ଗୁଡ଼ିକର ମୁକାବିଲା କରିବା ପାଇଁ, ଭାରତ ସରକାର 'ଜଳ ଜୀବନ ମିଶନ' ଆରମ୍ଭ କରିଥିଲେ। ପାନୀୟ ଜଳ ପାଇବା ପାଇଁ ସଂଘର୍ଷ କରୁଥିବା ଗ୍ରାମବାସୀମାନେ ଏବେ ସେମାନଙ୍କ ଘରେ ସ୍ୱଚ୍ଛ ଏବଂ ସୁରକ୍ଷିତ ଜଳ ପାଇପାରୁଛନ୍ତି। କେବଳ ସରକାର ନୁହଁନ୍ତି, ଯେତେବେଳେ ସମଗ୍ର ସମୁଦାୟ ଏକ ସମ୍ପଦର ଦାୟିତ୍ୱ ଗ୍ରହଣ କରେ, ସେତେବେଳେ ଏହାର ସଂରକ୍ଷଣ ଅଧିକ ପ୍ରଭାବଶାଳୀ ଏବଂ ସ୍ଥାୟୀ ହୋଇଯାଏ ବୋଲି ରାଷ୍ଟ୍ରପତି କହିଛନ୍ତି । ଜଳ ପରିଚାଳନା ଏବଂ ସଂରକ୍ଷଣରେ ସାମୁହିକ ମାଲିକାନା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ସେ ବିଶ୍ୱାସ ପ୍ରକାଶ କରିଥିଲେ ଯେ, 'ଜଳ ଅର୍ପଣ ଦିବସ' ପାଳନ କରିବା ଦ୍ୱାରା ଗ୍ରାମ ପଞ୍ଚାୟତକୁ ଜଳ ଯୋଗାଣ ଭିତ୍ତିଭୂମିର ଆନୁଷ୍ଠାନିକ ହସ୍ତାନ୍ତର ସାମୁଦାୟିକ ମାଲିକାନା ଭାବନାକୁ ସୁଦୃଢ଼ କରିବ। ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ଜଳ ପରୀକ୍ଷା, ପରିଚାଳନା ଏବଂ ଅନ୍ୟାନ୍ୟ ରକ୍ଷଣାବେକ୍ଷଣ କାର୍ଯ୍ୟକଳାପରେ ସାମିଲ ଅଛନ୍ତି ଜାଣି ରାଷ୍ଟ୍ରପତି ଖୁସି ବ୍ୟକ୍ତ କରିଥିଲେ । ସେ ଉଲ୍ଲେଖ କରିଥିଲେ ଯେ, ଏପରି ଅନେକ ଉଦାହରଣ ଅଛି ଯେଉଁଠାରେ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକର ପ୍ରତିବଦ୍ଧତା ଏବଂ ସମର୍ପଣ ମହିଳା ଏବଂ ସମାଜର ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିଥାଏ। ଜଳ ସୁରକ୍ଷା ସମସ୍ୟାର ସମାଧାନ ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ମହିଳାମାନଙ୍କ ଦକ୍ଷତାକୁ ଉପଯୋଗ କରିବା ବହୁତ ଲାଭଦାୟକ ହେବ ବୋଲି ସେ ବିଶ୍ୱାସ ପ୍ରକାଶ କରିଥିଲେ।

## କ୍ଲଷ୍ଟର ବୋମା ଆକ୍ରମଣର ଭିଡିଓ ଜାରି କଲା ଇରାନ

ନୂଆଦିଲ୍ଲୀ,୧୧।୩ : ଦିନ ବିତିବା ସହିତ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଅଧିକ ଘାତକ ହେବାରେ ଲାଗିଛି । ଏବେ ଏହା ସାମ୍ନାକୁ ଆସିଛି, ଇରାନ ଇସ୍ରାଏଲ ଉପରେ ଆକ୍ରମଣ କରିବା ପାଇଁ କ୍ଲଷ୍ଟର ବୋମା ବ୍ୟବହାର କରୁଛି। ଇସ୍ରାଏଲ ଦାବି କରିଛି, ଇରାନ ପ୍ରଥମ ଦିନରୁ କ୍ଲଷ୍ଟର ବୋମା ମାଡ଼ କରିଆସୁଛି । ଇରାନର ରାଷ୍ଟ୍ରାୟତ୍ତ ପ୍ରସାରକ ଇସଲାମିକ ରିପବ୍ଲିକ ଅଫ୍ ଇରାନ ବ୍ରଡକାଷ୍ଟିଂ/ଆଇଆରଆଇବି ଆକ୍ରମଣର ଏକ ଭିଡିଓ ଜାରି କରିଛି। ଯେଉଁଥିରେ ଦର୍ଶାଯାଇଛି, କ୍ଲଷ୍ଟର ବୋମା ଇସ୍ରାଏଲୀ ଆକାଶ ଉପରେ କିପରି ବିସ୍ଫୋରଣ ହେଉଛି। ଏହା ପରେ ବିସ୍ଫୋରଣ ଭିତରୁ ବହୁ ଛୋଟ ବୋମା ବାହାରି ଯାଉଛି। ଏହି ଛୋଟ ବୋମାଗୁଡ଼ିକ ଏକ ବଡ଼ ଅଞ୍ଚଳ ଉପରେ ବିସ୍ଫୋରଣ କରି ଧ୍ୱଂସ ଘଟାଉଛି। ଛୋଟ ବୋମାଗୁଡ଼ିକ ରାତିର ଆକାଶରେ ଅଗ୍ନି ପିଣ୍ଡୁଳା ପରି ଦେଖାଯାଉଛି। ଇସ୍ରାଏଲର ଆଇରନ ଡୋମ୍ ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ସତ୍ତ୍ୱେ ଏଗୁଡ଼ିକୁ ଅଟକାଇବା କଷ୍ଟକର ହୋଇପଡ଼ିଥିବା କୁହାଯାଉଛି। ଏହା ବେଶ୍ ଘାତକ ପ୍ରମାଣିତ ହୋଇଛି। ଇରାନ ଘୋଷଣା କରିଛି, ଆମେରିକା ଏବଂ ଇସ୍ରାଏଲୀ ଆକ୍ରମଣ ଦ୍ୱାରା ଯୁଦ୍ଧ ଆରମ୍ଭ ହେବାର ଜବାବରେ, ଦକ୍ଷିଣ ତେଲ ଅଭିଭରେ ଥିବା ହେଇଲା

## କେନ୍ଦ୍ର ବୟନଶିଳ୍ପ ମନ୍ତ୍ରୀଙ୍କ ଦ୍ୱାରା 'ଭାରତ ଟେକ୍ସ ୨୦୨୬' ଶୁଭାରମ୍ଭ

ନୂଆଦିଲ୍ଲୀ,୧୧।୩(ପିଆଇବି): କେନ୍ଦ୍ର ବୟନଶିଳ୍ପ ମନ୍ତ୍ରୀ ଗିରିରାଜ ସିଂହ ଆଜି ଭାରତର ପ୍ରମୁଖ ବିଶ୍ୱସ୍ତରୀୟ ବୟନ କାର୍ଯ୍ୟକ୍ରମ 'ଭାରତ ଟେକ୍ସ ୨୦୨୬'ର ଶୁଭାରମ୍ଭ କରିଛନ୍ତି, ଯାହା ବିଶ୍ୱ ବୟନ ଅର୍ଥନୀତିରେ ଦେଶର ବଢୁଥିବା ନେତୃତ୍ୱକୁ ସୂଚାଉଛି। ଶିଳ୍ପ, ସରକାର ଏବଂ ବାଣିଜ୍ୟିକ ସଂସ୍ଥାର ଅଂଶୀଦାରମାନଙ୍କୁ ସମ୍ବୋଧିତ କରି ମନ୍ତ୍ରୀ କହିଛନ୍ତି ଯେ, ଭାରତ ଟେକ୍ସକୁ ଏକକ ବୃହତ୍ତମ ବିଶ୍ୱସ୍ତରୀୟ ପ୍ଲାଟଫର୍ମ ଭାବରେ କଳ୍ପନା କରାଯାଇଛି, ଯାହା ଫାଇବର ଏବଂ ସୂତାଠାରୁ ଆରମ୍ଭ କରି କପଡ଼ା, ପୋଷାକ, ବୈଷୟିକ ବୟନ ଏବଂ ସ୍ଥାୟୀ ନବସୃଜନ ପର୍ଯ୍ୟନ୍ତ ସମଗ୍ର ବୟନ ଶୃଙ୍ଖଳାକୁ ଏକାଠି କରିବ। ପୂର୍ବର ଦୁଇଟି ସଂସ୍କରଣର ଚମତ୍କାର ସଫଳତାକୁ ଭିତ୍ତି କରି ଏହି ସଂସ୍କରଣ କଳ୍ପନା କରାଯାଇଛି । ଏହା ଏପର୍ଯ୍ୟନ୍ତର ସବୁଠାରୁ ବଡ଼ ଏବଂ ପ୍ରଭାବଶାଳୀ ସଂସ୍କରଣ ହେବାକୁ ଯାଉଛି। ଏହା ୧୪-୧୭ ଜୁଲାଇ ୨୦୨୬ ପର୍ଯ୍ୟନ୍ତ ନୂଆଦିଲ୍ଲୀର ଭାରତ ମଣ୍ଡପମଠାରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଏହି ସଂସ୍କରଣରେ ୩,୫୦୦ ରୁ ଅଧିକ ବ୍ୟବସାୟିକ ପ୍ରଦର୍ଶନକାରୀ, ୧୪୦ରୁ ଅଧିକ ଦେଶର ୭,୦୦୦ ରୁ ଅଧିକ ଅନ୍ତର୍ଜାତୀୟ କ୍ରେତା ଏବଂ ୧,୩୦,୦୦୦ ରୁ ଅଧିକ ବାଣିଜ୍ୟିକ ଦର୍ଶକ ଅଂଶଗ୍ରହଣ କରିବେ ବୋଲି ଆଶା କରାଯାଉଛି।

## ଯୁଦ୍ଧକୁ ପ୍ରବେଶ କଲା ପାକିସ୍ତାନ

ଇସଲାମାବାଦ,୧୧।୩; ଦକ୍ଷିଣ ଏସିଆ ଧୀରେ ଧୀରେ ଇସ୍ରାଏଲ-ଇରାନ ବିବାଦରେ ଜଡିତ ହେଉଛି। ଏସୀୟ ଦେଶଗୁଡ଼ିକର ଜାହାଜଗୁଡ଼ିକ ହରମୁଜ ପ୍ରଣାଳୀରେ ଫସି ରହିଛି, ଯେତେବେଳେ ପଡ଼ୋଶୀ ପାକିସ୍ତାନ ମଧ୍ୟ ଉପସାଗରରେ ଫସି ରହିଛି। ଯେତେବେଳେ ପାକିସ୍ତାନ ସାଉଦି ଆରବ ସହିତ ଏକ ପ୍ରତିରକ୍ଷା ଚୁକ୍ତି କରିଥିଲା, ସେତେବେଳେ ସେ କେବେ କଳ୍ପନା କରିନଥିଲା ଯେ ଏତେ ଶୀଘ୍ର ଏହାର ଆବଶ୍ୟକତା ପଡ଼ିବ। ଏହି ଚୁକ୍ତି ଯୋଗୁଁ, ପାକିସ୍ତାନ ଏବେ ଉପସାଗର ବିବାଦରେ ଡେଇଁବାକୁ ଯୋଜନା କରୁଛି। ସାଉଦି ପ୍ରଧାନମନ୍ତ୍ରୀ ଶେହବାଜ ସରିଫଙ୍କ ଜଣେ ମୁଖପାତ୍ର କହିଛନ୍ତି ଯେ ଆବଶ୍ୟକ ହେଲେ ପାକିସ୍ତାନ ସାଉଦି ଆରବକୁ ପୂର୍ଣ୍ଣ ସମର୍ଥନ କରିବ। ଏହି ବିବୃତ୍ତି ଏପରି ଏକ ସମୟରେ ଆସିଛି ଯେତେବେଳେ ଆମେରିକା ଏବଂ ଇସ୍ରାଏଲୀ ଆକ୍ରମଣ ଏବଂ ଇରାନର ପ୍ରତିଶୋଧମୂଳକ ଆକ୍ରମଣ ପରେ ଉପସାଗର ଅଞ୍ଚଳରେ ଉତ୍ତେଜନା ତୀବ୍ର ଭାବରେ ବୃଦ୍ଧି ପାଇଛି। ମୁଖପାତ୍ରଙ୍କ ଅନୁଯାୟୀ, ପାକିସ୍ତାନ ସାଉଦି ଆରବର ସୁରକ୍ଷା ଏବଂ ସ୍ଥିରତାକୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମନେ କରେ। ସେ କହିଛନ୍ତି ଯେ ପାକିସ୍ତାନ ସର୍ବଦା ତାର ଘନିଷ୍ଠ ସହଯୋଗୀ ସାଉଦି ଆରବ ସହିତ ଠିଆ ହେବ।

## ସମରାଭ୍ୟାସ ଆରମ୍ଭ କରିଛି ଆମେରିକା

ନୂଆଦିଲ୍ଲୀ,୧୧।୩: ଦକ୍ଷିଣ କୋରିଆ ସହିତ "ଫ୍ରିଡମ୍ ସିଲ୍ଡ" ନାମକ ଏକ ବଡ଼ ସାମରିକ ଅଭ୍ୟାସ ଆରମ୍ଭ କରିଛି ଆମେରିକା। ଯେଉଁଥିରେ ହଜାର ହଜାର ସୈନିକ ସାମିଲ ଅଛନ୍ତି। ଏହି ସମରାଭ୍ୟାସ ମାର୍ଚ୍ଚ ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଦକ୍ଷିଣ କୋରିଆର ଯୁଗ୍ମ ମୁଖ୍ୟ କର୍ମଚାରୀ କହିଛନ୍ତି ଯେ ପ୍ରାୟ ୧୮ ହଜାର କୋରିଆନ ସୈନିକ ଫ୍ରିଡମ୍ ସିଲ୍ଡରେ ଅଂଶଗ୍ରହଣ କରିଛନ୍ତି। ଆଜିଠାରୁ ଆରମ୍ଭ ହୋଇ ମାର୍ଚ୍ଚ ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ।

## ମଧ୍ୟପ୍ରାଚ୍ୟ ଯୁଦ୍ଧ ମଧ୍ୟରେ ଟ୍ରମ୍ପ-ଅମ୍ବାନୀଙ୍କ ବଡ଼ ଡିଲ୍
# ଆମେରିକାରେ ତୈଳ ବିଶୋଧନାଗାର ନିର୍ମାଣ କରିବ ରିଲାଏନ୍ସ



ନୂଆଦିଲ୍ଲୀ,୧୧।୩: ଇରାନ-ଇସ୍ରାଏଲ ଯୁଦ୍ଧ ଏବେ ଏକ ନିର୍ଣ୍ଣାୟକ ମୋଡ଼ ଆଡକୁ ଗତି କରୁଛି। ଏହି ସମୟରେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଛନ୍ତି। ସେ କହିଛନ୍ତି, ଆମେରିକା ୫୦ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ଏକ ନୂତନ ତୈଳ ବିଶୋଧନାଗାର କାରଖାନା ନିର୍ମାଣ କରିବାକୁ ଯାଉଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଭାରତୀୟ ଉଦ୍ୟୋଗପତି ମୁକେଶ ଅମ୍ବାନୀଙ୍କ ମାଲିକାନାରେ ଥିବା ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଏହି ପ୍ରକଳ୍ପରେ ନିବେଶ କରିବ। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜେ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଏହା ଘୋଷଣା କରିଛନ୍ତି।ଟ୍ରମ୍ପ ତାଙ୍କ ପୋଷ୍ଟରେ ଲେଖିଛନ୍ତି, ଆମେରିକା ପୁଣି ଥରେ ଶକ୍ତି କ୍ଷେତ୍ରରେ ପ୍ରାଧାନ୍ୟ ବିସ୍ତାର କରିବ। ସେ କହିଛନ୍ତି, ଗର୍ବର ସହିତ ଘୋଷଣା କରୁଛନ୍ତି ଯେ ୫୦ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ଆମେରିକା ଏକ ନୂତନ ତୈଳ ବିଶୋଧନାଗାର ନିର୍ମାଣ କରିବ। ଏହାକୁ ପ୍ରାୟ ୩୦୦ ମିଲିୟନ ଡଲାରର ଏକ ପ୍ରମୁଖ ଚୁକ୍ତି ବୋଲି କୁହାଯାଉଛି। ଏହାପରେ ଟ୍ରମ୍ପ୍ ଭାରତକୁ ଧନ୍ୟବାଦ ଜଣାଇଥିଲେ ଏବଂ ଉଲ୍ଲେଖ କରିଥିଲେ ବିଶ୍ୱର ସବୁଠାରୁ ବଡ଼ ଘରୋଇ ଶକ୍ତି କମ୍ପାନୀଗୁଡ଼ିକ ମଧ୍ୟରୁ ଅନ୍ୟତମ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ସହିତ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏହି ରିଫାଇନାରୀ ଆମେରିକାର ବଜାର ଏବଂ ଜାତୀୟ ସୁରକ୍ଷା ଉଭୟକୁ ଯଥେଷ୍ଟ ଲାଭ ଦେବ। ଏହା ଆମେରିକାର ସବୁଠାରୁ ସ୍ୱଚ୍ଛ ରିଫାଇନାରୀ ମଧ୍ୟରୁ ଗୋଟିଏ ହେବ। ଏହା ନିଯୁକ୍ତି ସୃଷ୍ଟି କରିବ ଏବଂ ଆର୍ଥିକ ଅଭିବୃଦ୍ଧିକୁ ବୃଦ୍ଧି କରିବ। ଡୋନାଲ୍ଡ ଟ୍ରମ୍ପ ଏବଂ ମୁକେଶ ଅମ୍ବାନୀଙ୍କ ମଧ୍ୟରେ ୩୦୦ ବିଲିୟନ ଡଲାରର ଏହି ମେଗା-ଡିଲ୍ ବିଶ୍ୱ ବ୍ୟବସାୟ ଜଗତରେ ହଇଚଇ ସୃଷ୍ଟି କରିଛି। ଏହା କେବଳ ରିଲାଏନ୍ସ ପାଇଁ ନୁହେଁ ବରଂ ଭାରତ-ଆମେରିକା ସମ୍ପର୍କ ପାଇଁ ମଧ୍ୟ ଏକ ଐତିହାସିକ ପଦକ୍ଷେପ।

# ରୋଷେଇ ଗ୍ୟାସ ପାଇଁ ହାହାକାର



ନୂଆଦିଲ୍ଲୀ,୧୧।୩ : ମଧ୍ୟପ୍ରାଚ୍ୟରେ ଲାଗିରହିଥିବା ଯୁଦ୍ଧ ପରିସ୍ଥିତି ଏବଂ ବିଶ୍ୱସ୍ତରରେ ଗ୍ୟାସ ଯୋଗାଣରେ ବାଧା ଉପୁଜିବା ଯୋଗୁଁ ଭାରତରେ ଏଲପିଜି ଓ ଜାଳେଣି ସମସ୍ୟା ଉତ୍କଟ ରୂପ ଧାରଣ କରିଛି। ବିଶେଷ କରି ଦେଶର ବ୍ୟବସାୟିକ ରାଜଧାନୀ ମୁମ୍ବାଇ ସମେତ ଅନେକ ବଡ଼ ସହରରେ ଏହାର ଗଭୀର ପ୍ରଭାବ ପରିଲକ୍ଷିତ ହେଉଛି। ମାର୍ଚ୍ଚ ୬ ତାରିଖଠାରୁ ମୁମ୍ବାଇର ଏଲପିଜି ବିତରକମାନେ ବାଣିଜ୍ୟିକ କ୍ଷେତ୍ରକୁ ଗ୍ୟାସ ଯୋଗାଣ ସୀମିତ କରିଦେଇଛନ୍ତି। ବର୍ତ୍ତମାନ କେବଳ ଘରୋଇ ବ୍ୟବହାର ପାଇଁ ପ୍ରାଥମିକତା ଭିତ୍ତିରେ ସିଲିଣ୍ଡର ଦିଆଯାଉଛି। ଖବର ଅନୁଯାୟୀ, ମୁମ୍ବାଇର ହୋଟେଲ ଓ ରେଷ୍ଟୁରାଣ୍ଟଗୁଡ଼ିକୁ ଯୋଗାଣ ହେଉଥିବା ବାଣିଜ୍ୟିକ ଗ୍ୟାସରେ ପ୍ରାୟ ୮୦% ପର୍ଯ୍ୟନ୍ତ ହ୍ରାସ କରାଯାଇଛି। ଯାହାଫଳରେ ଖାଦ୍ୟ ବ୍ୟବସାୟ ସହ ଜଡ଼ିତ ଲୋକେ ବଡ଼ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । କେବଳ ମୁମ୍ବାଇ ନୁହେଁ, ଦିଲ୍ଲୀ ଭଳି ସହରରେ ମଧ୍ୟ ଗ୍ୟାସ ବୁକିଂରେ ସମସ୍ୟା ଦେଖାଦେଇଛି। ମହାରାଷ୍ଟ୍ର, ଉତ୍ତର ପ୍ରଦେଶ ଏବଂ ବିହାରରେ ସିଲିଣ୍ଡର ପାଇଁ ଉପଭୋକ୍ତାମାନଙ୍କୁ ଘଣ୍ଟା ଘଣ୍ଟା ଧରି ଲମ୍ବା ଧାଡ଼ିରେ ଛିଡ଼ା ହେବାକୁ ପଡୁଛି। ଗତ ମାର୍ଚ୍ଚ ୭ ତାରିଖରେ କେନ୍ଦ୍ର ସରକାର ଘରୋଇ ଓ ବାଣିଜ୍ୟିକ ଗ୍ୟାସର ମୂଲ୍ୟ ବୃଦ୍ଧି କରିବା ପରେ ପରିସ୍ଥିତି ଆହୁରି ଜଟିଳ ହୋଇଛି।

## ଭାରତର ଅଶୋଧିତ ତୈଳ ଯୋଗାଣ ସ୍ଥିର ରହିଛି: କେନ୍ଦ୍ର

ନୂଆଦିଲ୍ଲୀ,୧୧।୩: ଇରାନ ଯୁଦ୍ଧ ଯୋଗୁଁ ବିଶ୍ୱବ୍ୟାପୀ ଅନିଶ୍ଚିତତା ସତ୍ତ୍ୱେ ଭାରତର ଅଶୋଧିତ ତୈଳ ଏବଂ ଗ୍ୟାସ ଯୋଗାଣ ସୁରକ୍ଷିତ ରହିଛି, ଏବଂ ଇନ୍ଧନ କିମ୍ବା ରନ୍ଧନ ଗ୍ୟାସ କିଣିବା ପାଇଁ ଆତଙ୍କିତ ହେବାର କୌଣସି ଆବଶ୍ୟକତା ନାହିଁ, ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ ଏନେଇ ବୁଧବାର କହିଛନ୍ତି। ଯୁଗ୍ମ ସଚିବ ସୁଜାତା ଶର୍ମା କହିଛନ୍ତି ଯେ ଏଲପିଜି ଗ୍ରାହକମାନେ ବୁକିଂ କରିବାର ପ୍ରାୟ ୨.୫ ଦିନ ମଧ୍ୟରେ ସେମାନଙ୍କର ସିଲିଣ୍ଡର ପାଇବେ, ଯୋଗାଣ ଶୃଙ୍ଖଳା ସ୍ଥିର ରହିବ ବୋଲି ସୁନିଶ୍ଚିତ କରିଛନ୍ତି ।"ଗ୍ରାହକଙ୍କୁ ସୁରକ୍ଷା ଦେବା ପାଇଁ ସରକାର ମୂଲ୍ୟ ବୃଦ୍ଧିର ଗୁରୁତ୍ୱପୂର୍ଣ୍ଣ ଅଂଶକୁ ବୃଦ୍ଧି ପାଇଁ ଗ୍ରହଣ କରିଛନ୍ତି। ଏକ ଅସ୍ଥାୟୀ ଚାହିଦା ପରିଚାଳନା ପଦକ୍ଷେପ ଭାବରେ, ଏଲପିଜି ବୁକିଂ ମଧ୍ୟରେ ସର୍ବନିମ୍ନ ବ୍ୟବଧାନକୁ ୨୧ ଦିନରୁ ୨୫ ଦିନକୁ ବୃଦ୍ଧି କରାଯାଇଛି," ସେ ଆହୁରି କହିଛନ୍ତି। ସେ କହିଛନ୍ତି ଯେ ବିଶ୍ୱ ବର୍ତ୍ତମାନ ଏକ ଚ୍ୟାଲେଞ୍ଜିଂ ସମୟର ସମ୍ମୁଖୀନ ହେଉଛି, କିନ୍ତୁ ଭାରତର ପରିସ୍ଥିତି ନିୟନ୍ତ୍ରଣରେ ଅଛି। ଭାରତର ଅଶୋଧିତ ତୈଳ ଯୋଗାଣ ସ୍ଥିର ରହିଛି, ଦେଶ ପ୍ରତିଦିନ ପ୍ରାୟ ୫.୫ ନିୟୁତ ବ୍ୟାରେଲ ତେଲ ବ୍ୟବହାର କରୁଛି।

## ସଂସଦରେ ରାହୁଲ-ରବି ଶଙ୍କର ମୁହାଁମୁହିଁ



ନୂଆଦିଲ୍ଲୀ,୧୧/୩; ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ହଟାଇବା ପାଇଁ ବିରୋଧୀ ଦଳ ଆଣିଥିବା ପ୍ରସ୍ତାବ ଉପରେ ସଂସଦରେ ଆଲୋଚନା ଦ୍ୱିତୀୟ ଦିନ ପାଇଁ ଜାରି ରହିଛି । ବିଜେପି ସାଂସଦ ରବି ଶଙ୍କର ପ୍ରସାଦ ବୁଧବାର ଗୃହରେ ଆଲୋଚନା ଆରମ୍ଭ କରିଥିଲେ । ଏହି ସମୟରେ ସେ ରାହୁଲ ଗାନ୍ଧୀଙ୍କ ବିଷୟରେ ଏପରି ମନ୍ତବ୍ୟ ଦେଇଥିଲେ ଯାହାକୁ ନେଇ ହଟ୍ଟଗୋଳ ହୋଇଥିଲା। ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ଟାର୍ଗେଟ କରି ବିଜେପି ସଂସାଦ ରବି ଶଙ୍କର କହିଛନ୍ତି, ସେ ପ୍ରଧାନମନ୍ତ୍ରୀଙ୍କ ପଛରେ ପଡିଛନ୍ତି । ସେମାନେ ଶହୀଦଙ୍କ ଅପମାନ କରନ୍ତି । ତାଙ୍କର ସାଧାରଣ ଜ୍ଞାନ ନାହିଁ। ରାହୁଲଙ୍କୁ ଟାର୍ଗେଟ କରି ବିଜେପି ନେତା କହିଛନ୍ତି ଯେ, ସ୍ୱାଧୀନତା ପରେ ଏତେ ବର୍ଷ ମଧ୍ୟରେ ବାଚସ୍ପତିଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଉପରେ ବିତର୍କ ଦ୍ୱିତୀୟ ଥର ପାଇଁ ହେଉଛି । ଅନାସ୍ଥା ପ୍ରସ୍ତାବକୁ ବାଚସ୍ପତି ପଦ ପାଇଁ ଏକ ଉପକରଣ କରାଯିବା ଉଚିତ୍ ନୁହେଁ । ରବି ଶଙ୍କରଙ୍କର ଏହି ବୟାନ ପରେ ଗୃହରେ ହଟ୍ଟଗୋଳ ହୋଇଥିଲା ଏବଂ ବିରୋଧୀ ସାଂସଦମାନେ ପ୍ରବଳ ହୋ ହାଲ୍ଲା କରିଥିଲେ। ରାହୁଲ-ରବି ଶଙ୍କର ମୁହାଁମୁହିଁ- ବିଜେପି ନେତା ରବିଶଙ୍କର ପ୍ରସାଦ କହିଛନ୍ତି ଯେ, ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ତାଙ୍କ ପଦରୁ ହଟାଇବା ପାଇଁ ବିରୋଧୀଙ୍କ ପ୍ରସ୍ତାବ ତାଙ୍କ ବିରୁଦ୍ଧରେ ଅନାସ୍ଥା ଭୋଟ୍ ନୁହେଁ, ବରଂ କାହାର ଅହଂକାରକୁ ସନ୍ତୁଷ୍ଟ କରିବା ପାଇଁ ଥିଲା । ଅନାସ୍ଥା ପ୍ରସ୍ତାବକୁ କାହାର ଅହଂକାରକୁ ସନ୍ତୁଷ୍ଟ କରିବା ପାଇଁ ବ୍ୟବହାର କରାଯିବା ଉଚିତ୍ ନୁହେଁ। ବିରୋଧୀ ଦଳ ନେତା ପ୍ରଧାନମନ୍ତ୍ରୀଙ୍କ ଛାଇ ପରି, କିନ୍ତୁ ଏହା ମଧ୍ୟ କୁହାଯାଇଛି ଯେ ସେମାନେ ଜାତୀୟ ସ୍ୱାର୍ଥ ସମ୍ବନ୍ଧୀୟ ପ୍ରସଙ୍ଗରେ ସତର୍କତାର ସହ ଶବ୍ଦ ବାଛିବା ଉଚିତ୍। ବିରୋଧୀ ଦଳ ନେତା ସଂସଦ ଭିତରେ ଏବଂ ବାହାରେ ସରକାରଙ୍କୁ ସମାଲୋଚନା କରିପାରିବେ, କିନ୍ତୁ ବିଦେଶୀ ମାଟିରେ ଦଳୀୟ ରାଜନୀତିରେ ସାମିଲ ହେବା ଉଚିତ୍ ନୁହେଁ। ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏହାକୁ ପଢିବା ଉଚିତ । ରବି ଶଙ୍କର ପ୍ରସାଦ ଆହୁରି କହିଛନ୍ତି ଯେ, ବଜେଟ ଅଧିବେଶନର ପ୍ରଥମ ପର୍ଯ୍ୟାୟରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଉପରେ ଆଲୋଚନାରେ ଅଂଶଗ୍ରହଣ କରି ରାହୁଲ ଗାନ୍ଧୀ ଜଣେ ପୂର୍ବତନ ସେନା ମୁଖ୍ୟଙ୍କ ସ୍ମୃତି ବିଷୟରେ କିଛି ମନ୍ତବ୍ୟ ଦେଇଥିଲେ ।

## ଖାଲି ହାତରେ ବାଘ ସହ ଲଢି ମାରିଲେ ଯୁବକ

ଶିମଳା,୧୧।୩:ହିମାଚଳ ପ୍ରଦେଶର ସୋଲାନ ଜିଲାରେ ଜଣେ ଯୁବକ କଲରାପତରିଆ ବାଘ ହାବୁଡ଼ରେ ପଡ଼ିବା ପରେ ଜୀବନରକ୍ଷା ପାଇଁ ଖାଲି ହାତରେ ଲଢ଼େଇ କରିବା ଏହାକୁ ମାରିଦେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଆର୍କିସ୍ଥିତ ଆଇଟିଆଇରେ ପଢୁଥିବା ପ୍ରଭେଶ ଶର୍ମା ସୋମବାର ସକାଳେ କ୍ଷୀର ଆଣିବାକୁ ବାହାରକୁ ଯାଇଥିଲାବେଳେ ସାର୍ଲି ଗ୍ରାମ ନିକଟରେ ଏକ ବାଘ ହାବୁଡ଼ରେ ପଡ଼ିଥିଲେ। ବାଘଟି ପ୍ରଭେଶଙ୍କୁ ଦେଖିବା ମାତ୍ରେ ତାଙ୍କ ଉପରକୁ ଝାମ୍ପଦେଇ ଆକ୍ରମଣ ଉଦ୍ୟମ କରିଥିଲା। ପ୍ରଭେଶ ସାହସ ଜୁଟାଇ ଖାଲି ହାତରେ ବାଘ ସହ ଲଢ଼ି ଜୀବନରକ୍ଷା କରିବାକୁ ସ୍ଥିର କରିଥିଲେ। ପ୍ରାୟ ୧୨ରୁ ୧୫ ମିନିଟ୍ ଲଢ଼େଇ କରିବା ପରେ ସେ ବାଘର ପାଟିକୁ ମାଡ଼ି ବସି ବେକ ଓ ମୁଣ୍ଡକୁ ବାରମ୍ବାର ଆଘାତ କରିବା ପରେ ବାଘଟି ମରିଯାଇଥିଲା। ପ୍ରଭେଶ ସାମାନ୍ୟ ଆହତ ହୋଇଥିଲେ। ଜଙ୍ଗଲ ବିଭାଗୀୟ ଅଧିକାରୀ ଯାଞ୍ଚ କରିବା ସହିତ ପ୍ରଭେଶଙ୍କୁ ୫ ହଜାର ଟଙ୍କାର ସହାୟତା ଦେଇଛନ୍ତି।

# ହର୍ମୁଜ୍ ପ୍ରଭାବ ଗୁରୁତର ସଂକଟ ସୃଷ୍ଟି କରିବ: ଜାତିସଂଘ



ନୂଆଦିଲ୍ଲୀ,୧୧।୩: ଦୀର୍ଘ ଦିନ ଧରି ଯଦି ହର୍ମୁଜ୍ ପ୍ରଣାଳୀ ଦେଇ ଜାହାଜ ଚଳାଚଳ ବନ୍ଦ ରହେ ତେବେ ଏହା ବିଶ୍ୱବ୍ୟାପୀ ଗୁରୁତର ଅର୍ଥନୈତିକ ସଂକଟ ସୃଷ୍ଟି କରିବ। ଖାଦ୍ୟ ଦର ଅହେତୁକ ଭାବେ ବଢ଼ିଯିବା ସହ ଜୀବନ ଧାରଣର ମାନ ଗୁରୁତର ଭାବେ ପ୍ରଭାବିତ ହେବ। ଇରାନ-ଆମେରିକା-ଇସ୍ରାଏଲ ଯୁଦ୍ଧ ପରିପ୍ରେକ୍ଷୀରେ ଏଭଳି ଆଶଙ୍କା ପ୍ରକଟ କରିଛି ଜାତିସଂଘ। ଜାତିସଂଘର ବାଣିଜ୍ୟ ଓ ବିକାଶ ସମ୍ମିଳନୀ (ଅଙ୍କଟାଡ୍) ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି ଯେ ପାରାସ୍ୟ ଉପସାଗର ଓ ଗଲ୍ଫ ଅଫ୍ ଓମାନ ମଧ୍ୟରେ ଥିବା ହର୍ମୁଜ ପ୍ରଣାଳୀ ଆନ୍ତର୍ଜାତିକ ସ୍ତରରେ ପଣ୍ୟବାହୀ ଜାହାଜ ଚଳଚଳର ଏକ ପ୍ରମୁଖ ଜଳପଥ। ଜଳପଥରେ ହେଉଥିବା ତୈଳ ପରିବହନର ଅର୍ଦ୍ଧାଧିକ ପରିବହନ ଏହି ପ୍ରଣାଳୀ ଦେଇ ହୋଇଥାଏ। ୨୦୨୪ରେ ଏହି ଜଳପଥ ଦେଇ ଦୈନିକ ୨୦ ନିୟୁତ ବ୍ୟାରେଲ ଅଶୋଧିତ ତୈଳ ପରିବହନ ହୋଇଛି। ଏହାଛଡ଼ା ସାର ଓ ତରଳୀକୃତ ପ୍ରାକୃତିକ ଗ୍ୟାସ (ଏଲଏନଜି) ପରିବହନର ଏହା ଏକ ମୁଖ୍ୟ ମାଧ୍ୟମ। ତେଣୁ ଏହି ଜଳପଥ ଲମ୍ବା ସମୟ ଧରି ବନ୍ଦ ରହିବା ଫଳରେ ଅନେକ ଦେଶର ଅର୍ଥ ବ୍ୟବସ୍ଥା ଦୋହଲି ଯିବା ନେଇ ଅଙ୍କଟାଡ୍ ଏହାର ରିପୋର୍ଟରେ ଆଶଙ୍କା ବ୍ୟକ୍ତ କରିଛି। ହର୍ମୁଜ ପ୍ରଣାଳୀ ଆଉ ଅଧିକ ଦିନ ବନ୍ଦ ରହିଲେ ଏହାର ବିସ୍ତାରିତ ପ୍ରଭାବ ପଡ଼ିବ। ସାମୁଦ୍ରିକ ପରିବହନ ଠାରୁ ଆରମ୍ଭ କରି ତୈଳ, ଖାଦ୍ୟ, ଭିତ୍ତିଭୂମି, ସାର ଶକ୍ତି ଉତ୍ପାଦନ ଆଦି ସବୁ କ୍ଷେତ୍ରରେ ପ୍ରତିକୂଳ ପ୍ରଭାବ ପଡ଼ିବ। ବିଶେଷକରି ବିକାଶଶୀଳ ରାଷ୍ଟ୍ରଗୁଡ଼ିକରେ ଏହି ପ୍ରତିକୂଳ ପ୍ରଭାବ ଅଧିକ ଅନୁଭୂତ ହେବ। ତୈଳ, ସାର ଓ ଖାଦ୍ୟ ଆମଦାନୀ କରୁଥିବା ରାଷ୍ଟ୍ରଗୁଡ଼ିକର ଅର୍ଥନୀତି ପୂରା ଭୁଶୁଡ଼ି ଯିବ। ଅଶୋଧିତ ତୈଳ ଓ ପ୍ରାକୃତିକ ଗ୍ୟାସ୍ ଦର ବଢ଼ିଲେ ଖାଦ୍ୟ ଦର ବହୁଗୁଣ ବଢ଼ିଯିବ ବୋଲି ଅଙ୍କଟାଡ୍ କହିଛି। ଏହା ସାଧାରଣ ଜୀବନଯାପନକୁ ପ୍ରଭାବିତ କରିବ। ସୂଚନାଯୋଗ୍ୟ ଫେବ୍ରୁଆରି ୨୮ରେ ଇସ୍ରାଏଲ ଓ ଆମେରିକା ଇରାନ ଉପରେ ଆକ୍ରମଣ କରିବା ପରେ ଇରାନ ହର୍ମୁଜ ପ୍ରଣାଳୀ ଦେଇ ଜାହାଜ ଚଳାଚଳ ବନ୍ଦ କରି ଦେଇଥିଲା। ତେଣୁ ସେହି ଦିନଠାରୁ ଏହି ବାଟ ଦେଇ ଅଶୋଧିତ ତୈଳ ପରିବହନ ୯୭ ପ୍ରତିଶତ ହ୍ରାସ ପାଇଛି। ଯୁଦ୍ଧ ଯେତେ ଦିନ ଜାରି ରହିବ, ଏହି ଜଳପଥକୁ ଇରାନ ସେତେଦିନ ପର୍ଯ୍ୟନ୍ତ ଅବରୋଧ କରି ରଖିବ ବୋଲି ଜିଦରେ ଅଟଳ ରହିଛି। ଫଳରେ ଆଗକୁ ଏହା ଆନ୍ତର୍ଜାତିକ ସ୍ତରରେ ଓ ବିଶେଷକରି ଏସୀୟ ଦେଶଗୁଡ଼ିକୁ ତୈଳ ପରିବହନରେ ସଂକଟକୁ ବଢ଼ାଇବ ବୋଲି ଆଶଙ୍କା କରାଯାଉଛି।

## ଲିହୁରି ଯାତ୍ରା ଦେଖି ଫେରିବା ବେଳେ ଦୁର୍ଘଟଣା: ୩ ଆହତ



କାଶୀନଗର(ନିପ୍ର): କାଶୀନଗର ଥାନା ଅନ୍ତର୍ଗତ ସିଆଳି ପଂଚାୟତ ଅଧୀନ ଥିବା ଗୁରୁସିଂଗୁଡା ଗ୍ରାମର ୧୫ଜଣ ଗ୍ରାମବାସୀ ଆନ୍ଧ୍ର ପ୍ରଦେଶ ଶ୍ରୀକାକୁଲମ ଜିଲ୍ଲାର ଲିହୁରି ଗ୍ରାମ ମଧ୍ୟରେ ହେଉଥିବା ଦୋଳପୂର୍ଣ୍ଣିମା ଯାତ୍ରା ଦେଖିବା ପାଇଁ ଏକ ଅଟୋ ରିକ୍ସା ଭଡାକରି ବାହାରିଥିଲେ । ସେମାନେ ଖାଣ୍ଡବା ପଞ୍ଚାୟତ ଅଧୀନରେ ଥିବା ଗୌରୀଗୁଡା ଗ୍ରାମ ଘାଟି ରାସ୍ତାରେ ଗଲାବେଳେ ଅକସ୍ମାତ ଦୁର୍ଘଟଣା ଘଟିଗଲା । ଏହି ଦୁର୍ଘଟଣାରେ ପନ୍ଦର ଜଣ ଯାତ୍ରୀ ଗଭୀର ଆଘାତ ହୋଇଥିବାରୁ କାଶୀନଗରସ୍ଥ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ତିନିଜଣ ଗୁରୁତର ହୋଇଥିବାରୁ ଜିଲ୍ଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ । କାଶୀନଗର ଥାନା ଅଧିକାରୀ ତ୍ରିନାଥ ସେଠି ଦୁର୍ଘଟଣା ସ୍ଥଳେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି

# ସାଇବର ଠକେଇ ଅଭିଯୋଗ, ୩ ଗିରଫ

ଭୁବନେଶ୍ୱର(ନିପ୍ର): ସାଇବର ଠକେଇ କରିବା ଅଭିଯୋଗରେ ଚନ୍ଦ୍ରଶେଖରପୁର ଥାନା ପୁଲିସ ୩ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଜିତେନ୍ଦ୍ର ରାଉତ, ଶିବଶଙ୍କର ଡାକୁଆ ଓ ଗୌତମ ସାହୁ । ପୁଲିସ ଏମାନଙ୍କ ବିରୋଧରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି । ଏନେଇ ଚନ୍ଦ୍ରଶେଖରପୁର ଥାନାର ଏସ୍ଆଇ ଦେବଦତ୍ତ ସାମନ୍ତରାୟଙ୍କ ଲିଖିତ ଅଭିଯୋଗ କରିଥିଲେ । ପ୍ରାଥମିକ ତଦନ୍ତରୁ ଜଣାପଡିଛି ଯେ, ଚନ୍ଦ୍ରଶେଖରପୁର ଅଞ୍ଚଳରେ ପ୍ରାୟ ଏକ ବର୍ଷ ଧରି ଏକ ସୁସଂଗଠିତ ସାଇବର ଠକେଇ ଦଳ କାର୍ଯ୍ୟ କରୁଥିଲା । ଏହି ଗ୍ୟାଙ୍ଗ ସଦସ୍ୟମାନେ ନିରୀହ ଲୋକଙ୍କୁ, ବିଶେଷକରି ବସ୍ତି ଓ ସ୍ଥାନୀୟ ଅଞ୍ଚଳର ଲୋକମାନଙ୍କୁ, ୨୦୦୦ ଟଙ୍କାରୁ ୫୦୦୦ ଟଙ୍କା ପର୍ଯ୍ୟନ୍ତ ସହଜ ଆୟର ମିଥ୍ୟା ପ୍ରତିଶ୍ରୁତି ଦେଇ ସେମାନଙ୍କ ନାମରେ ବ୍ୟାଙ୍କ ଆକାଉଣ୍ଟ ଖୋଲିବାକୁ ପ୍ରବର୍ତ୍ତାଉଥିଲେ । ଆକାଉଣ୍ଟ ଖୋଲିବା ପରେ, ଅଭିଯୁକ୍ତମାନେ ଆକାଉଣ୍ଟଧାରୀଙ୍କଠାରୁ ପାସବୁକ୍, ଏଟିଏମ୍ କାର୍ଡ, ସିମ୍ କାର୍ଡ ଓ ଅନ୍ୟାନ୍ୟ ବ୍ୟାଙ୍କିଂ ପ୍ରମାଣପତ୍ର ସଂଗ୍ରହ କରୁଥିଲେ ଏବଂ ସାଇବର ଠକେଇ ଟଙ୍କା ଚାଲାଣ ପାଇଁ ଏହି ଆକାଉଣ୍ଟଗୁଡ଼ିକୁ ମ୍ୟୁଲ ଆକାଉଣ୍ଟ ଭାବରେ ବ୍ୟବହାର କରୁଥିଲେ । ମୈତ୍ରୀ ବିହାର ଶାଖାର ୟୁକୋ ବ୍ୟାଙ୍କରେ ଯାଞ୍ଚ ସମୟରେ ଜଣାପଡିଥିଲା ଯେ ଜିତେନ୍ଦ୍ର କୁମାର ରାଉତ ଏବଂ ଶିବ ଶଙ୍କର ଡାକୁଆଙ୍କ ନାମରେ ଥିବା ସନ୍ଦେହଜନକ ଆକାଉଣ୍ଟଗୁଡ଼ିକ ଗତ କିଛି ମାସ ମଧ୍ୟରେ ବଡ଼ ଧରଣର ଠକେଇ କାରବାରରେ ଜଡିତ ଥିବା ଜଣାପଡିଥିଲା । ବିଶ୍ୱସ୍ତ ସୂଚନା ଆଧାରରେ ପୋଲିସ ଆଜି ଚଢ଼ାଉ କରି ଉଭୟଙ୍କୁ ଗିରଫ କରିଥିଲା । ପଚରାଉଚରା ସମୟରେ ସେମାନେ କପିଳାଶ ସାହୁ, ରାକେଶ ନାୟକ ଏବଂ ଚନ୍ଦନ କୁମାର ସାହୁ ସମେତ ଅନ୍ୟ ସହଯୋଗୀଙ୍କ ସମ୍ପୃକ୍ତି ପ୍ରକାଶ କରିଥିଲେ, ଯେଉଁମାନେ ରାକେଶ ପ୍ରଧାନ ଉର୍ଫ ରାକାଙ୍କ ନେତୃତ୍ୱରେ ପରିଚାଳିତ ସିଣ୍ଡିକେଟ୍ ସହିତ ଜଡିତ ବୋଲି ଜଣାପଡିଛି । ଅଭିଯୁକ୍ତମାନେ ସ୍ୱୀକାର କରିଛନ୍ତି ଯେ ସେମାନେ ବ୍ୟକ୍ତିବିଶେଷଙ୍କ ଠାରୁ ବ୍ୟାଙ୍କ ଆକାଉଣ୍ଟ ଖୋଲି ସଂଗ୍ରହ କରୁଥିଲେ ଏବଂ ସାଇବର ଠକେଇ ନେଟୱାର୍କକୁ ଯୋଗାଇ ଦେଉଥିଲେ, ଯାହା ପରେ ବେଟିଂ ଆପ୍, ଗେମିଂ ଠକେଇ, ଲୋନ୍ ଆପ୍ ଠକେଇ ଓ ଅନ୍ୟାନ୍ୟ ସାଇବର ଅପରାଧ ସହିତ ଜଡିତ ଅନଲାଇନ୍ ଠକେଇ କାର୍ଯ୍ୟକଳାପ ପାଇଁ ବ୍ୟବହୃତ ହେଉଥିଲା । ବଦଳରେ ସେମାନେ ଖୋଲାଯାଇଥିବା ପ୍ରତ୍ୟେକ ଆକାଉଣ୍ଟ ପାଇଁ ଏବଂ ଆର୍ଥିକ କାରବାରକୁ ସହଜ କରିବା ପାଇଁ କମିଶନ ପାଉଥିଲେ । ତଦନ୍ତ ସମୟରେ ଅଭିଯୁକ୍ତମାନଙ୍କ ନିକଟରୁ ଦୁଇଟି ସ୍ମାର୍ଟ ଆଣ୍ଡ୍ରଏଡ୍ ମୋବାଇଲ୍ ଫୋନ୍ ଏବଂ ବିଭିନ୍ନ ବ୍ୟାଙ୍କର ଅନେକ ଡେବିଟ୍/ଏଟିଏମ୍ କାର୍ଡ ଜବତ କରାଯାଇଥିଲା, ଯେଉଁଥିରେ ଚାଟ୍, ବ୍ୟାଙ୍କିଂ ଆପ୍ଲିକେସନ୍ ଏବଂ ସାଇବର ଠକେଇ ସହିତ ଜଡିତ କାରବାର ବିବରଣୀ ସମେତ ଗୁରୁତ୍ୱପୂର୍ଣ୍ଣ ଡିଜିଟାଲ୍ ପ୍ରମାଣ ମିଳିଥିଲା । ତେଣୁ ଅଭିଯୁକ୍ତମାନଙ୍କ ବିରୋଧରେ ଅପରାଧ ସ୍ପଷ୍ଟ ହୋଇଥିବାରୁ ଆଇନ ଅନୁଯାୟୀ ଯଥାବିଧି ଆଇନଗତ ଔପଚାରିକତା ପାଳନ କରି ଆଜି ସେମାନଙ୍କୁ କୋର୍ଟକୁ ଚାଲାଣ କରାଯାଇଛି ।

## ଡିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ପାଣି ପମ୍ପ୍ ଚୋରି

ନିରାକାରପୁର(ନିପ୍ର): ଖୋର୍ଦ୍ଧା ଜିଲ୍ଲାର ନିରାକାରପୁର ଥାନା ଅନ୍ତର୍ଗତ ଡିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଗତ ରାତିରେ ପାଣି ଉଠାଇବା ପାଇଁ ବ୍ୟବହୃତ ସବମର୍ସିବଲ ପମ୍ପ ଚୋରି ହୋଇଥିବା ଘଟଣା ଜଣାପଡ଼ିଛି । ଆଜି ସକାଳେ ବିଦ୍ୟାଳୟ କର୍ମଚାରୀମାନେ ସ୍କୁଲକୁ ଆସିବା ସମୟରେ ପମ୍ପ ଲଗାଯାଇଥିବା ସ୍ଥାନରେ ତାହା ନଥିବା ଦେଖି ମିଳିଛି । ସୂଚନା ଅନୁସାରେ, ବିଦ୍ୟାଳୟରେ ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କ ପାଇଁ ପାଣି ବ୍ୟବସ୍ଥା କରିବାର ଉଦ୍ଦେଶ୍ୟରେ ସ୍ଥାପିତ ସବମର୍ସିବଲ ପମ୍ପକୁ କିଛି ଦୁର୍ବୃତ୍ତ ଗତ ରାତିରେ ଚୋରିକରି ନେଇଥିବା ସନ୍ଦେହ କରାଯାଉଛି । ଏହାର ଫଳରେ ବିଦ୍ୟାଳୟର ପାଣି ଯୋଗାଣ ବ୍ୟବସ୍ଥା ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି । ଘଟଣା ସମ୍ପର୍କରେ ବିଦ୍ୟାଳୟ ପକ୍ଷରୁ ନିରାକାରପୁର ଥାନାରେ ଅଭିଯୋଗ ଦାଖଲ କରାଯାଇଛି । ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବା ସହ ଚୋରମାନଙ୍କୁ ଶୀଘ୍ର ଧରିବା ପାଇଁ ପ୍ରୟାସ ଜାରି ରଖିଛି । ସ୍ଥାନୀୟ ଲୋକମାନେ ଏପରି ଘଟଣାକୁ ନିନ୍ଦା କରିଥିବା ସହ ବିଦ୍ୟାଳୟର ସମ୍ପତ୍ତି ସୁରକ୍ଷା ପାଇଁ ପ୍ରଶାସନ ତରଫରୁ କଠୋର ପଦକ୍ଷେପ ନେବାକୁ ଦାବି କରିଛନ୍ତି । ବିଦ୍ୟାଳୟ ପ୍ରଶାସନ ମଧ୍ୟ ଶୀଘ୍ର ପମ୍ପ ପୁନଃସ୍ଥାପନ କରି ଛାତ୍ରଛାତ୍ରୀଙ୍କ ପାଇଁ ପାଣି ସୁବିଧା ସାଧାରଣ କରିବାକୁ ବିଭାଗୀୟ ଅଧିକାରୀ ଓ ଡିଆ ପଞ୍ଚାୟତର ସରପଞ୍ଚଙ୍କୁ ଅନୁରୋଧ କରିଛି । ପ୍ରକାଶ ଥାଉ କି ଗତ ସପ୍ତାହରେ ବିଦ୍ୟାଳୟ ସାମନାରୁ ଏକ ଟ୍ରାନ୍ସଫର୍ମର ଚୋରି ହୋଇଥିଲା ।

## ଟଙ୍କା ଠକେଇ ଅଭିଯୋଗ: ଜଣେ ଧରାପଡ଼ିଲା

ଭୁବନେଶ୍ୱର(ନିପ୍ର): ବ୍ୟବସାୟୀକ ନିବେଶ ବାହାନାରେ ଟଙ୍କା ଠକେଇ କରିବା ଅଭିଯୋଗରେ ମଞ୍ଚେଶ୍ୱର ଥାନା ପୁଲିସ ଜଣକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ବିଶ୍ୱଜିତ ମହାନ୍ତି । ପୁଲିସ ଏନେଇ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି । ଏନେଇ ଅଜୟ ସାହା (୬୩) ଥାନାରେ ଅଭିଯୋଗ କରିଥିଲେ । ସୂଚନାଯୋଗ୍ୟ ଯେ, ଅଭିଯୁକ୍ତ ବିଶ୍ୱଜିତ ମହାନ୍ତି ଅଭିଯୋଗକାରୀଙ୍କୁ ବ୍ୟବସାୟିକ ନିବେଶ ବାହାନାରେ ୩୦,୦୦,୦୦୦/- ଟଙ୍କା ତାଙ୍କ ବ୍ୟାଙ୍କ ଅଫ୍ ଇଣ୍ଡିଆ ଖାତାକୁ ସ୍ଥାନାନ୍ତର କରିବାକୁ ଅସାଧୁ ଭାବରେ ପ୍ରବର୍ତ୍ତାଇଥିଲେ ଏବଂ ଏକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଟଙ୍କା ଫେରସ୍ତ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ଟଙ୍କା ପାଇବା ପରେ ଅଭିଯୁକ୍ତ ଜାଣିଶୁଣି ବିଭିନ୍ନ ମିଥ୍ୟା ବାହାନା ଦେଖାଇ ଟଙ୍କା ପରିଶୋଧ କରିବାକୁ ଏଡ଼ାଇ ଯାଇଥିଲେ । ପରବର୍ତ୍ତୀ ସମୟରେ ସେ ଭୁବନେଶ୍ୱରର ମଞ୍ଚେଶ୍ୱର ଶିଳ୍ପାଞ୍ଚଳର ଜୋନ୍-ବି, ପ୍ଲଟ୍ ନମ୍ବର-୬/ଏ ରେ ଅବସ୍ଥିତ ତାଙ୍କ କାରଖାନାକୁ ଗୁପ୍ତ ଭାବରେ ବନ୍ଦ କରିଦେଇ ଅଭିଯୋଗକାରୀଙ୍କ ଆଇନଗତ ଦାବି ଓ ପ୍ରକ୍ରିୟାକୁ ଏଡ଼ାଇବା ଉଦ୍ଦେଶ୍ୟରେ ସ୍ଥାନୀୟ ଅଞ୍ଚଳରୁ ପଳାଇଯାଇଥିଲେ । ତଦନ୍ତ ସମୟରେ ପ୍ରମାଣ ସ୍ୱରୂପ ଚୁକ୍ତିପତ୍ର ସମେତ କାରବାର ସମ୍ବନ୍ଧୀୟ ପ୍ରାସଙ୍ଗିକ ଦସ୍ତାବିଜ ଜବତ କରାଯାଇଥିଲା । ତଦନ୍ତରୁ ସ୍ପଷ୍ଟ ହୋଇଥିଲା ଯେ ଅଭିଯୁକ୍ତ ଆରମ୍ଭରୁ ଅସତ୍ ଉଦ୍ଦେଶ୍ୟ ରଖି ଅଭିଯୋଗକାରୀଙ୍କୁ ଠକିଥିଲେ ଏବଂ ୩୦,୦୦,୦୦୦/- ଟଙ୍କା ଆତ୍ମସାତ କରିଥିଲେ । ଗିରଫଦାରୀରୁ ରକ୍ଷା ପାଇବା ପାଇଁ ଅଭିଯୁକ୍ତ କିଛି ସମୟ ପର୍ଯ୍ୟନ୍ତ ପଳାତକ ରହିଥିଲେ । ଆଜି ତା. ୧୧.୦୩.୨୦୨୬ ରେ ନିରନ୍ତର ପ୍ରୟାସ ପରେ ପୋଲିସ ଅଭିଯୁକ୍ତ ବିଶ୍ୱଜିତ ମହାନ୍ତିଙ୍କୁ ଗିରଫ କରିଥିଲା । ପଚରାଉଚରା ସମୟରେ ସେ ଆର୍ଥିକ କାରବାରରେ ତାଙ୍କ ସମ୍ପୃକ୍ତି ସ୍ୱୀକାର କରିଥିଲେ । ଯାଞ୍ଚରୁ ଅଭିଯୁକ୍ତ ପୂର୍ବରୁ ମଞ୍ଚେଶ୍ୱର ଥାନାରେ ଦୁଇଟି ପୂର୍ବ ଅପରାଧିକ ମାମଲାରେ ଜଡିତ ଥିବା ଜଣାପଡ଼ିଛି । ଅଭିଯୁକ୍ତଙ୍କ ବିରୋଧରେ ଅପରାଧ ସ୍ପଷ୍ଟ ହୋଇଥିବାରୁ ଆଇନ ଅନୁଯାୟୀ ତାଙ୍କୁ କୋର୍ଟକୁ ଚାଲାଣ କରାଯାଇଛି ।

## ବେଆଇନ ଅର୍ଥ କାରବାର ଅଭିଯୋଗ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର(ନିପ୍ର): ବେଆଇନ ଅର୍ଥ କାରବାର ଅଭିଯୋଗରେ ଏୟାରପୋର୍ଟ ଥାନା ପୁଲିସ ଜଣକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ରୁଦ୍ର ପ୍ରତାପ ହୋତା । ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି । ଏନେଇ ଏସଆଇ ସୁଲୋଚନା ମହାନ୍ତି ଲିଖିତ ଅଭିଯୋଗ କରିଥିଲେ । ସୂଚନାଯୋଗ୍ୟ ଯେ, ଗୃହ ମନ୍ତ୍ରଣାଳୟର ୧୪ସିରୁ ମିଳିଥିବା ବୈଷୟିକ ଇନପୁଟ୍ ଆଧାରରେ ଚିହ୍ନଟ ସନ୍ଦେହଜନକ ବ୍ୟାଙ୍କ ଆକାଉଣ୍ଟଗୁଡ଼ିକର ଯାଞ୍ଚ ସମୟରେ ଜଣାପଡିଥିଲା ଯେ ରୁଦ୍ର ପ୍ରତାପ ହୋତାଙ୍କ ନାମରେ ଖୋଲାଯାଇଥିବା ଏକ ୟୁନିଅନ୍ ବ୍ୟାଙ୍କ ଆକାଉଣ୍ଟକୁ ୨,୯୫,୧୦୪/- ଟଙ୍କାର ସନ୍ଦେହଜନକ କାରବାର ପାଇଁ ବ୍ୟବହାର କରାଯାଇଥିଲା, ଯାହା ସାଇବର ଠକେଇ କାର୍ଯ୍ୟକଳାପ ସହିତ ଜଡିତ ଥିଲା । ଅଧିକ ତଦନ୍ତରୁ ଜଣାପଡିଥିଲା ଯେ ଉକ୍ତ ଆକାଉଣ୍ଟ ସହ ଅନ୍ୟାନ୍ୟ ଅନେକ ବ୍ୟାଙ୍କ ଆକାଉଣ୍ଟ ପ୍ରକୃତ ବ୍ୟାଙ୍କିଙ୍ଗ ଉଦ୍ଦେଶ୍ୟରେ ନୁହେଁ, ବରଂ ସାଇବର ଠକେଇର ଅର୍ଥ ଗ୍ରହଣ ଏବଂ ସ୍ଥାନାନ୍ତର ପାଇଁ ଖୋଲାଯାଇଥିବା ଜଣାପଡିଥିଲା । ତଦନ୍ତରୁ ଆହୁରି ଜଣାପଡିଛି ଯେ ଅଭିଯୁକ୍ତ ତାଙ୍କ ଭାଇ ସୂର୍ଯ୍ୟକାନ୍ତ ପ୍ରଧାନଙ୍କ ପ୍ରଭାବରେ ନୟାଗଡ଼ ଜିଲ୍ଲା ଶରଣକୁଳ ଥାନା ଅନ୍ତର୍ଗତ ଗୁଡ଼ିପାଲି ଅଞ୍ଚଳରେ ୟୁନିଅନ୍ ବ୍ୟାଙ୍କ, ଆକ୍ସିସ୍ ବ୍ୟାଙ୍କ, କାନାରା ବ୍ୟାଙ୍କ, ଇଣ୍ଡିଆନ୍ ବ୍ୟାଙ୍କ, ବ୍ୟାଙ୍କ ଅଫ୍ ବରୋଦା ଏବଂ ବନ୍ଧନ ବ୍ୟାଙ୍କ ସମେତ ବିଭିନ୍ନ ବ୍ୟାଙ୍କରେ ଏକାଧିକ ବ୍ୟାଙ୍କ ଆକାଉଣ୍ଟ ଖୋଲିଥିଲେ । ଏହି ଆକାଉଣ୍ଟଗୁଡ଼ିକୁ ସାଇବର ଠକେଇ ନେଟୱାର୍କ ଦ୍ୱାରା ଠକେଇ ଟଙ୍କା ଚାଲାଣ ପାଇଁ ବ୍ୟବହାର କରାଯାଉଥିବା ଜଣାପଡିଛି । ଗତ ପାଞ୍ଚ ମାସ ମଧ୍ୟରେ ଏହି ଆକାଉଣ୍ଟଗୁଡ଼ିକ ମାଧ୍ୟମରେ ପ୍ରାୟ ୧୧,୦୦,୦୦୦/- ଟଙ୍କାର କାରବାର ହୋଇଥିବା ଏବଂ ସେହି ଟଙ୍କା ସାଇବର ଠକେଇ ସମ୍ବନ୍ଧୀୟ ବୋଲି ଜଣାପଡିଛି । ଅଭିଯୁକ୍ତ ଉକ୍ତ ଟଙ୍କା ଉଠାଇ ମଧ୍ୟସ୍ଥି ସୂର୍ଯ୍ୟକାନ୍ତ ପ୍ରଧାନଙ୍କୁ ଦେଉଥିଲେ ଏବଂ ବଦଳରେ କମିଶନ ପାଉଥିଲେ । ଅଧିକ ତଦନ୍ତ ସମୟରେ ଆଜି ଅଭିଯୁକ୍ତ ରୁଦ୍ର ପ୍ରତାପ ହୋତାଙ୍କୁ ଗିରଫ କରାଯାଇଥିଲା ଏବଂ ତାଙ୍କ ହେପାଜତରୁ ଅନେକ ବ୍ୟାଙ୍କ ଆକାଉଣ୍ଟର ମୂଳ ପାସବୁକ୍, ଗୋଟିଏ ସାମସଙ୍ଗ ମୋବାଇଲ୍ ଫୋନ୍, ଆଧାର କାର୍ଡ ଓ ପାନ୍ କାର୍ଡର ଫଟୋକପି ସହ ଗୋଟିଏ ବନ୍ଧନ ବ୍ୟାଙ୍କ ଭିସା ଡେବିଟ୍ କାର୍ଡ ଜବତ କରାଯାଇଥିଲା । ଅଭିଯୁକ୍ତଙ୍କ ବିରୋଧରେ ଅପରାଧ ସ୍ପଷ୍ଟ ହୋଇଥିବାରୁ ଆଇନଅନୁଯାୟୀ ଆଜି ତାଙ୍କୁ କୋର୍ଟକୁ ଚାଲାଣ କରାଯାଇଛି ।

## ଅଜଣା ଯୁବକଙ୍କ ମୃତଦେହ ଉଦ୍ଧାର

ଚିଲିକା(ନିପ୍ର): ବାଲୁଗାଁ ଥାନା ଅନ୍ତର୍ଗତ କଳିଯୁଗେଶ୍ୱର ମନ୍ଦିର ଦ୍ୱୀପ ପାହାଡ଼ରେ ଏକ ଗଛରେ ଝୁଲୁଥିବା ଅବସ୍ଥାରେ ଜଣେ ଅଜଣା ଯୁବକଙ୍କ ମୃତଦେହ ବାଲୁଗାଁ ପୋଲିସ ଉଦ୍ଧାର କରିଛି । କୌଣସି ସୂତ୍ରରୁ ଖବରପାଇ ଘଟଣା ସ୍ଥଳରେ ବାଲୁଗାଁ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରିଛି । କଳା ପ୍ୟାଣ୍ଟ ସହ ସବୁଜ ରଙ୍ଗର ଗଞ୍ଜି ପିନ୍ଧିଛି । ଏକ ସାର୍ଟ ଓ ବେଲ୍ଟ ମାଧ୍ୟମରେ ଗଛରେ ଝୁଲିଥିବାର ଦେଖିବାକୁ ମିଳିଛି । ଶବଟି ଶୁଖିଯାଇଥିବାରୁ ଘଟଣାଟି ୧୦ରୁ ଅଧିକ ଦିନ ହେବ ବୋଲି ଅନୁମାନ କରାଯାଉଛି । ଘଟଣା ସ୍ଥଳରେ ସାଇଣ୍ଟିଫିକ ଟିମ ଆସି ତଦନ୍ତ କରିଛନ୍ତି । ବାଲୁଗାଁ ପୋଲିସ ଶବ ଜବତ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି । ଜଣେ ସ୍ଥାନୀୟ ମହିଳାଙ୍କ ପୁଅ ଅନ୍ୟ କୋଣସି ରାଜ୍ୟକୁ କାମ କରିବା ପାଇଁ ଯାଇଥିଲେ । ଘରକୁ ଯାଉଛି ବୋଲି ଘରକୁ ଫୋନ୍ କରି କହିଥିଲେ । କିନ୍ତୁ ଆଜକୁ ୧୦ଦିନ ହେଲାଣି ଘରକୁ ଫେରି ନାହାନ୍ତି ଏବଂ ତାଙ୍କର ମୋବାଇଲ ସ୍ୱିଚ ଅଫ ଅଛି । ତେଣୁ ସନ୍ଦେହରେ ନିଜର ପୁଅ ବୋଲି ଦାବି କରୁଛନ୍ତି । ହେଲେ ପ୍ରକୃତ ସତ୍ୟାସତ୍ୟ ଡ଼ିଏନଏ ପରୀକ୍ଷା କଲେ ଜଣାପଡିବ ବୋଲି ପୋଲିସ କହିଛି ।

## ୩୭ କିଲୋ ଗଞ୍ଜେଇ ଜବତ: ୨ ଗିରଫ



ବ୍ରହ୍ମପୁର(ନିପ୍ର): ବ୍ରହ୍ମପୁର ଅବକାରୀ ଡେପୁଟି କମିଶନର ଶ୍ରୁତିକାନ୍ତ ରାଉତଙ୍କ ନେତୃତ୍ୱରେ ଅବକାରୀ ଗୁଇନ୍ଦା ଓ ଏନଫୋର୍ସମେଣ୍ଟ ବ୍ୟୁରୋ ଟିମ୍ ପକ୍ଷରୁ ଗଞ୍ଜେଇ ଚାଲାଣ ଉପରେ ଚଢ଼ାଉ କରି ୩୭ କିଲୋ ଗଞ୍ଜେଇ ଜବତ କରାଯାଇଥିବା ସହ ୨ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ କନ୍ଧମାଳ ଜିଲ୍ଲା ସଦର ଫୁଲବାଣୀ ଥାନା ଅଞ୍ଚଳର ଗୁରୁଦେବ ଡିଗାଲ (୨୭) ଓ ସୁରେସନା ବେହେରା (୩୩) ବୋଲି ଜଣାପଡିଛି । ସୂଚନା ଅନୁଯାୟୀ, ଅବକାରୀ ବିଭାଗ ଟିମ୍ ୧୧ ମାର୍ଚ୍ଚ ସକାଳ ପ୍ରାୟ ୮ଟା ୧୦ ମିନିଟ୍ ସମୟରେ ଏନଏଚ-୧୬ ଗୋପାଳପୁର ଜଙ୍କସନ୍ ନିକଟରେ ଚେକିଂ କରୁଥିବା ବେଳେ ଏକ ଧଳା ରଙ୍ଗର ଟାଟା ଇଣ୍ଡିଗୋ କାର (ଓଆର ୦୨ଏଡବ୍ଲ୍ୟୁ ୮୦୩୬)କୁ ଅଟକାଇ ତଲାସି କରିଥିଲେ । ତଲାସି ସମୟରେ ଗାଡ଼ି ଭିତରୁ ଦୁଇଟି ବ୍ୟାଗରେ ରହିଥିବା ୩୭ କିଲୋଗ୍ରାମ ଗଞ୍ଜେଇ ଜବତ କରାଯାଇଥିଲା । ଏହା ସହିତ ଉକ୍ତ କାର, ଦୁଇଟି ମୋବାଇଲ ଫୋନ, ଗାଡ଼ିର ଆରସି ସ୍ମାର୍ଟ କାର୍ଡ ଓ ଅଭିଯୁକ୍ତମାନଙ୍କ ଆଧାର କାର୍ଡ ମଧ୍ୟ ଜବତ ହୋଇଛି । ଏହି ଘଟଣାରେ ଏନଡିପିଏସ୍ ଆଇନ ୧୯୮୫ର ଧାରା ୨୦(ବି)(୨)(ସି) ଓ ଧାରା ୮ ଅନୁଯାୟୀ ମାମଲା ରୁଜୁ କରାଯାଇଛି । ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରି ଅଧିକ ତଦନ୍ତ ଚାଲିଥିବା ଶ୍ରୀ ରାଉତ ସୂଚନା ଦେଇଛନ୍ତି ।

## ଧଳାଜହର ଜବତ: ବେପାରୀ ଗିରଫ



କାକଟପୁର(ନିପ୍ର): ନିମାପଡା ଅବକାରୀ ବିଭାଗ ପୋଲିସ ଧଳା ଜହର ବେପାରୀକୁ ଗିରଫ କରିବାରେ ସକ୍ଷମ ହୋଇଛି । ଗିରଫ ଯୁବକ ଜଣକ କାକଟପୁର ପଣ୍ଡା ସାହି ଅଞ୍ଚଳରେ ରହିଆସୁଥିବା ବେଳେ ତାର ନିଜ ଗ୍ରାମ କୋଣାର୍କ ଅଞ୍ଚଳରେ ବୋଲି ଜଣାପଡିଛି । ଯୁବକ ଜଣକ ବିକାଶ ପାଢ଼ୀ ଓ ତାଙ୍କ ନିକଟରୁ ୧୧୨ ଗ୍ରାମ ବ୍ରାଉନ ସୁଗାର ଜବତ ହୋଇଛି । ଏହାର ଆନୁମାନିକ ମୂଲ୍ୟ ବାର ଲକ୍ଷରୁ ଅଧିକ ହେବ ବୋଲି ସୂତ୍ରରୁ ଜଣାପଡିଛି । ନିମାପଡା ଅବକାରୀ ଅଧିକାରୀ ପ୍ରଭାକର ସେଠୀଙ୍କ ନେତୃତ୍ୱରେ ଏକ ଟିମ ସଦଳବଳେ ଚଢ଼ାଉ କରିଥିବା ବେଳେ ବିକାଶକୁ କାକଟପୁର କଲେଜ ଫାଟକ ନିକଟରୁ ଗିରଫ କରିଥିଲେ । ଏ ସଂକ୍ରାନ୍ତରେ ଏକ ମାମଲା ୧୦୬/୨୦୨୬ ଅବକାରୀ ବିଭାଗରେ ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ବେଳେ, ତାର ଜାମିନ ନାମଞ୍ଜୁର ହେବାରୁ ତାକୁ ନିମାପଡା କାରାଗାରକୁ ପଠାଇ ଦିଆଯାଇଛି । ଏଠାରେ ସୂଚନା ଥାଉ କି ବିକାଶ ବହୁ ପୂର୍ବରୁ ଧଳା ଜହର ଜଗତସିଂହପୁର, କଟକ, ଆଦି ବିଭିନ୍ନ ଅଞ୍ଚଳରୁ ଆଣି ବେପାର କରି ଅଞ୍ଚଳର ବହୁ ଯୁବକଙ୍କୁ ପଥଭ୍ରଷ୍ଟ କରିବାରେ ଖୋରାକ ଯୋଗାଉଥିଲା ।

## ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ




ଭୁବନେଶ୍ୱର: ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଆନୁକୂଲ୍ୟରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଠାରେ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳିତ ହୋଇଯାଇଛି । ଏଥିରେ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ କୁଳସଚିବ ଶ୍ରୀମତୀ ଅନାମିକା ଅଧିକାରୀ ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା ପ୍ରାପ୍ତି କ୍ଷେତ୍ରରେ ବିଶ୍ୱବିଦ୍ୟାଳୟର ଭୂମିକା ସମ୍ପର୍କରେ ଉଲ୍ଲେଖ କରିଥିଲେ । ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଶିଷ୍ଟ ଭାଷାବିତ ଡ. ଦେବାଶିଷ ମହାପାତ୍ର ଓଡ଼ିଆ ଭାଷାର ଶାସ୍ତ୍ରୀୟତାର ବିଭିନ୍ନ ଆଧାର ସମ୍ପର୍କରେ ମତ ରଖିଥିଲେ । ଓଡ଼ିଆ ଭାଷାର ପ୍ରାଚୀନ ସ୍ୱରୂପ ଉଦ୍‌ଘାଟନ କରିବା ସହ ଏହାର ଭାଷାତାତ୍ତ୍ୱିକ ବୈଶିଷ୍ଟ୍ୟ ସମ୍ପର୍କରେ ଡ. ମହାପାତ୍ର ଉଲ୍ଲେଖ କରିଥିଲେ । ଅନ୍ୟତମ ଅତିଥି ଭାବେ ଯୋଗଦେଇ ସ୍ନାତକୋତ୍ତର ପରିଷଦର ମୁଖ୍ୟ ପ୍ରଫେସର ଚକ୍ରଧର ବେହେରା ଏ ଦିବସ ପାଳନର ଯଥାର୍ଥ ସମ୍ପର୍କରେ ଉଲ୍ଲେଖ କରିଥିଲେ । ସାରଳା ଦାସ ଚେୟାର ପ୍ରଫେସର ଡ. ପ୍ରେମାନନ୍ଦ ମହାପାତ୍ର ସଭାପତିତ୍ୱ ଅଭିଭାଷଣରେ ଓଡ଼ିଆ ଭାଷାର ପ୍ରାଚୀନ ବିଭବ ତଥା ଏହାର ଐତିହାସିକ ବିବର୍ତ୍ତନର ପ୍ରସଙ୍ଗ ଉଲ୍ଲେଖ କରିବା ସହ ଏହାର ଶାସ୍ତ୍ରୀୟତାର ବୈଶିଷ୍ଟ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ଓଡ଼ିଆ ବିଭାଗର ଅଧ୍ୟାପକ ଡ. ଜ୍ଞାନରଞ୍ଜନ ପଣ୍ଡା ପ୍ରାରମ୍ଭିକ ସୂଚନା ଦେବା ଅବସରରେ ଭାରତୀୟ ଭାଷା ପରମ୍ପରାରେ ଓଡ଼ିଆ ଭାଷାର ପ୍ରାଚୀନ କୃତି ସମ୍ପର୍କରେ ଅବତାରଣା କରିଥିଲେ । କାର୍ଯ୍ୟକ୍ରମ ପରିଚାଳନା ଦାୟିତ୍ୱ ପ୍ରଫେସର ଶମ୍ଭୁରୁ ଶୋଭରା ଏବଂ ଡ. ଧୀରଜ କୁମାର ମହାପାତ୍ର କରିଥିବା ବେଳେ ଅଧ୍ୟାପିକା ସନ୍ଧ୍ୟାରାଣୀ ମଲ୍ଲିକ ଧନ୍ୟବାଦ ପ୍ରଦାନ କରିଥିଲେ । ଓଡ଼ିଆ ବିଭାଗର ଛାତ୍ରୀ ଲକ୍ଷ୍ମୀପ୍ରିୟା ଜେନା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

## କେନ୍ଦ୍ରୀୟ ଡେପୁଟେସନରେ ଯିବେ ଦ୍ୱୈତମହାନଗରୀ ପୋଲିସ କମିଶନର

ଭୁବନେଶ୍ୱର: ଓଡ଼ିଶା କ୍ୟାଡରର ଆଇପିଏସ ଅଧିକାରୀ, ଦ୍ୱୈତମହାନଗରୀ ପୋଲିସ କମିଶନର ଏସ ଦେବ ଦତ୍ତ ସିଂହ କେନ୍ଦ୍ରୀୟ ଡେପୁଟେସନରେ ଯିବେ । କ୍ୟାବିନେଟର ନିଯୁକ୍ତି କମିଟି (ଏସିସି) କେନ୍ଦ୍ରରେ ଅତିରିକ୍ତ ନିର୍ଦ୍ଦେଶକ ମହାନିର୍ଦ୍ଦେଶକ (ଏଡିଜି) କିମ୍ବା ସମକକ୍ଷ ପଦବୀ ପାଇଁ ସିଂହଙ୍କ ସମେତ ବିଭିନ୍ନ କ୍ୟାଡରର ମୋଟ ୩୦ ଜଣ ଆଇପିଏସ ଅଧିକାରୀଙ୍କ ତାଲିକାଭୁକ୍ତ କରିବାକୁ ଅନୁମୋଦନ କରିଛି ।କେନ୍ଦ୍ରରେ ଏଡିଜି କିମ୍ବା ସମକକ୍ଷ ପଦବୀ ପାଇଁ ସିଂହ ହେଉଛନ୍ତି ଓଡ଼ିଶା କ୍ୟାଡରର ଏକମାତ୍ର ଆଇପିଏସ ଅଧିକାରୀ ।

## ଚିନିଶିଳ୍ପ ବଏଲର ନିଆଁ ପାଉଁଶରେ ପୋଡ଼ି ହୋଇ ନାବାଳିକା ଗୁରୁତର

ଆସିକା(ନିପ୍ର): ଗତ କିଛିଦିନ ପୂର୍ବରୁ ଆସିକା ଚିନିଶିଳ୍ପର ଆଖୁପେଡ଼ା ଶେଷ ହୋଇଛି । ହେଲେ ଉକ୍ତ ବୟଲରରୁ ବାହାରିଥିବା ପାଉଁଶକୁ ଚିନିଶିଳ୍ପ ପକ୍ଷରୁ ଗୋଟିଏ ସୁରକ୍ଷିତ ସ୍ଥାନରେ ରଖି ସେଥିରେ ଥିବା ନିଆଁ ସମ୍ପୂର୍ଣ୍ଣ ଲିଭିବା ପର୍ଯ୍ୟନ୍ତ ଦାୟିତ୍ୱ ଚିନିଶିଳ୍ପର ଅଟେ । କିନ୍ତୁ ପରିତାପର ବିଷୟ ଯେ ଚିନି ଶିଳ୍ପ ଯନ୍ତ୍ରୀ ଓ କର୍ମଚାରୀଙ୍କ ମନମୁଖୀ କାର୍ଯ୍ୟ ଯୋଗୁଁ ଆଜି ଗୋଟିଏ ନିରୀହ ନିଷ୍ପାପ ଶିଶୁ ଏହି ନିଆଁରେ ପଡ଼ି ଗୁରୁତର ହୋଇ ଜୀବନ ମୃତ୍ୟୁ ସହ ସଂଘର୍ଷ କରୁଛି । ପ୍ରକାଶ ଥାଉକି ଚିନି ଶିଳ୍ପ ପକ୍ଷରୁ ପଡ଼ିଥିବା ପାଉଁଶ ନିଆଁରେ ପୋଡ଼ି ହୋଇ ନାବାଳିକା ଲୋକେଶ ବରି ଗୁରୁତର ହୋଇଛନ୍ତି । ଲୋକେଶ ବାପାଙ୍କ ସହିତ ଘୁଷୁରୀପଲ ପଛରେ ଚାଲୁଥିବା ବେଳେ ରାସ୍ତାକଡ଼ରେ ପଡ଼ିଥିବା ପାଉଁଶଗଦା ଭିତରେ ପଶିଯାଇଥିଲେ । ହାତଗୋଡ଼ ପୋଡ଼ି ଯାଇଥିବାରୁ ଗୁରୁତର ଅବସ୍ଥାରେ ଚିନିଶିଳ୍ପ ସମ୍ପାଦକ ସନ୍ତୋଷ କୁମାର ମଳିକ ତାଙ୍କୁ ପ୍ରଥମେ ଆସିକା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ସେଠାରୁ ଶିଶୁଟିର ଅବସ୍ଥା ଗୁରୁତ୍ୱର ହେବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା । ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଛି । ଅନ୍ୟପଟେ ବୟଲର୍ ବନ୍ଦ ପରେ ସେଥିରୁ ବାହାରିଥିବା ପାଉଁଶକୁ ଭଲ ଭାବେ ନ ଲିଭାଇ ବାହାରେ ଫୋପଡ଼ା ଯାଇଥିବା ଜଣାପଡ଼ିଛି । ସେହି ସ୍ଥାନରେ ବାଡ଼ ମଧ୍ୟ ବେଢ଼ାଯାଇ ନଥିଲା । ଫଳରେ ଏଭଳି ଅଘଟଣ ଘଟିଥିବା ଅଭିଯୋଗ ହୋଇଛି । ବୟଲର ଦାୟିତ୍ୱରେ ଥିବା ଯନ୍ତ୍ରୀ ଓ କର୍ମଚାରୀଙ୍କ କାର୍ଯ୍ୟଦକ୍ଷତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

## ପୋଖରୀରେ ବୁଡ଼ିଯାଇ ଜଣେ ମୃତ

ବେଲଗୁଣ୍ଠା(ନିପ୍ର): ବୁଧବାର ସକାଳ ୯ଟା ସମୟରେ ବେଲଗୁଣ୍ଠା ଥାନା ଅନ୍ତର୍ଗତ ଉସ୍ତିଆ ଗ୍ରାମର ଭଗବାନ ଜେନା (୫୨) ଗ୍ରାମ ପୋଖରୀକୁ ଗାଧୋଇବା ପାଇଁ ଯାଇଥିଲେ । ପୋଖରୀ ପାହାଚରେ ଶିଉଳି ପଡିଥିବାରୁ ଶିଉଳିରେ ଭଗବାନଙ୍କ ଗୋଡ଼ ଖସିଯିବାରୁ ସେ ପାଣି ଭିତରେ ପଡ଼ି ଯାଇଥିଲେ । ସେ ପାଣିରେ ବୁଡିଯାଉଥିବା ସମୟରେ କିଛି ସ୍ଥାନୀୟ ଲୋକ ଗୁରୁତର ଅବସ୍ଥାରେ ଭଗବାନଙ୍କୁ ଉଦ୍ଧାର କରି ଭଞ୍ଜନଗର ମେଡିକାଲ୍‌ରେ ଭର୍ତ୍ତି କରିଥିଲେ । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଭଗବାନଙ୍କର ମୃତ୍ୟୁ ଘଟିଥିଲା । ଏନେଇ ଭଗବାନଙ୍କ ପୁଅ ଗଣେଶ ଜେନା ବେଲଗୁଣ୍ଠା ଥାନାରେ ଅଭିଯୋଗ କରିବା ପରେ ପୋଲିସ୍ ଭଞ୍ଜନଗର ମେଡିକାଲ୍‌ରେ ପହଞ୍ଚି ମୃତ ଭଗବାନଙ୍କ ଶବକୁ ଜବତ କରି ୦୭/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରାଇଥିଲେ । ଶବ ବ୍ୟବଚ୍ଛେଦ ପରେ ଶବକୁ ତାର ପରିବାରକୁ ହସ୍ତାନ୍ତର କରିଥିବା ବେଳେ ଥାନା ଏଏସ୍ଆଇ ଅନୁ ମଲ୍ଲିକ ଏହି ଘଟଣାର ତଦନ୍ତ କରୁଥିବା ଜଣା ପଡିଛି ।

## ବିବାହ ବିଚ୍ଛେଦ ପାଇଁ ରାଜି ନ ହେବାରୁ ସ୍ତ୍ରୀକୁ ନିର୍ଯାତନା ଅଭିଯୋଗ

ପିପିଲି(ନିପ୍ର): ପିପିଲି ଏସ ଡିପିଓଙ୍କ କାର୍ଯ୍ୟାଳୟ ଅଧୀନ ବଳଙ୍ଗା ଥାନା ଅନ୍ତର୍ଗତ ରେସିଙ୍ଗା ଗ୍ରାମରେ ଜଣେ ମହିଳାଙ୍କୁ ଶ୍ୱଶୁର ଘର ଲୋକେ ମାନସିକ ଓ ଶାରିରୀକ ନିର୍ଯାତନା ଦେଉଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଆଧାରରେ ବଳଙ୍ଗା ପୋଲିସ ପକ୍ଷରୁ ଘଟଣାର ତଦନ୍ତ ଜାରି ରଖିଛି । ସୂଚନା ମୁତାବକ ଗ୍ରାମର ଜ୍ୟୋତି ରଞ୍ଜନ ମହାନ୍ତିଙ୍କ ପତ୍ନୀ ସଙ୍ଗୀତା ମହାନ୍ତି ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ଦୀର୍ଘ ୧୫ବର୍ଷ ତଳେ ସଙ୍ଗୀତା ବୈଦିକ ରୀତିରେ ଜ୍ୟୋତି ରଞ୍ଜନଙ୍କୁ ବିବାହ କରିଥିଲେ । ବର୍ତ୍ତମାନ ସେମାନଙ୍କର ଗୋଟିଏ ପୁଅ ଓ ଝିଅ ଅଛନ୍ତି । ଜ୍ୟୋତି ରଞ୍ଜନ କଟକରେ ଏକ ସ୍କୁଲରେ ଗାଡ଼ି ଚଳାଉଥିବା ବେଳେ ପରିବାର ସହ ସେଠାରେ ଘରଭଡ଼ା ନେଇ ରହୁଥିଲେ । ଗତ ୩ ମାସ ତଳେ ପତ୍ନୀଙ୍କ ଚରିତ୍ରକୁ ସନ୍ଦେହ କରି ଜ୍ୟୋତି ସଙ୍ଗୀତାଙ୍କୁ ମାଡ ମାରିବା ସହ ନିର୍ଯାତନା ଦେବା ସହ ଗାଁରେ ଆଣି ଜୋର ଜବରଦସ୍ତି ଛାଡି ଦେଇଥିଲେ । ଘରେ ଶାଶୁ, ନଣନ୍ଦ ଓ ପରିବାର ଲୋକେ ସଙ୍ଗୀତାକୁ ଶାରିରୀକ ଓ ମନସିକ ନିର୍ଯାତନା ଦେଇ ଗୋଟିଏ ଘରେ ନଜର ବନ୍ଦୀ କରି ତାଙ୍କଠାରୁ ପୁଅ-ଝିଅଙ୍କୁ ଅଲଗା କରିଦେଇଥିଲେ । ମଙ୍ଗଳବାର ସ୍ୱାମୀ ଜ୍ୟୋତି ଜଣେ ମୋହରିରକୁ ଘରକୁ ଡାକି ଛାଡପତ୍ର ପାଇଁ ଲେଖାପଢ଼ା କରି ସଙ୍ଗୀତାଙ୍କୁ ଦସ୍ତଖତ କରିବାକୁ ବାଧ୍ୟ କରିଥିଲେ । ସଙ୍ଗୀତା ମନା କହିବାରୁ ଶାଶୁ ଘର ଲୋକେ ତାଙ୍କୁ ଘରୁ ବାହାର କରିଦେଇଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି ।

## ଜମି ଠକେଇ ମାମଲା, ଅଭିଯୁକ୍ତ ବିଲଡର ଦୋଷୀ ସାବ୍ୟସ୍ତ

ଭୁବନେଶ୍ୱର(ନିପ୍ର): ଜମି ଠକେଇ ମାମଲାର ଶୁଣାଣୀ କରି ମାନ୍ୟବର କୋର୍ଟ ଅଭିଯୁକ୍ତ ବିଲଡରକୁ ଦୋଷୀ ସାବ୍ୟସ୍ତ କରିଛନ୍ତି । ଆଜି ମାନ୍ୟବର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ-୪ର ବିଚାରପତି ସୋମେଶ ସୋମ୍ୟଜିତ ପଣ୍ଡା ବଡଗଡ ଥାନା ଅଞ୍ଚଳରେ ଘଟିଥିବା ଜମି ଠକେଇ ମାମଲାରେ ଅଭିଯୁକ୍ତ ଗୟାଧର ଜେନାଙ୍କୁ ଦୋଷୀ ସାବ୍ୟସ୍ତ କରି ସଜା ଶୁଣାଇଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ଅଭିଯୋଗକାରୀ ପବିତ୍ର କୁମାର ମହାପାତ୍ର ୨୦୧୦ ମସିହାରେ ଭୁବନେଶ୍ୱରସ୍ଥ ସାରଳା ରିଅଲକନ୍ ପ୍ରାଇଭେଟ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଗୟାଧର ଜେନାଙ୍କ ଦ୍ୱାରା ଭୁବନେଶ୍ୱର ତହସିଲ ଅଧୀନ କୋରାଡାକଣ୍ଟା ଅଞ୍ଚଳରେ ଆରମ୍ଭ କରାଯାଇଥିବା "ସାରଳା ନଗର ଫେଜ-୧ ଆନେକ୍ସ" (ବର୍ତ୍ତମାନ "କୈବଲ୍ୟ ନଗର") ନାମକ ପ୍ଲଟିଂ ପ୍ରକଳ୍ପରେ ତାଙ୍କ ପତ୍ନୀ ପୁଷ୍ପାରାଣୀ ମହାପାତ୍ରଙ୍କ ନାମରେ ଖାତା ନଂ-୪୫୯/୬୯୯, ପ୍ଲଟ୍ ନଂ-୩୫୨/୧୮୦୮ ମାପ ଇମ.୦.୦୪୬ ଡିସିମଲ ଜମି କ୍ରୟ କରିଥିଲେ । ପରେ ଅଭିଯୁକ୍ତ ବିକ୍ରୟ ଚୁକ୍ତିନାମାର ସର୍ତ୍ତ ଉଲ୍ଲଂଘନ କରି ପ୍ରକଳ୍ପକୁ ଆପ୍ରୋଚ୍ ରାସ୍ତା ପ୍ରଦାନ କରିନଥିଲେ, ଯାହା ଫଳରେ ପ୍ଲଟ୍ ମାଲିକମାନେ ସେମାନଙ୍କ ଜମିକୁ ପ୍ରବେଶ କରିପାରୁନଥିଲେ । ପରବର୍ତ୍ତୀ ସମୟରେ ନୂତନ ପୁରୀ ବାଇପାସ୍ ହାଇୱେ ନିର୍ମାଣ ପରେ ଅଭିଯୁକ୍ତ ହାଇୱେରୁ ପ୍ରକଳ୍ପକୁ ଆପ୍ରୋଚ୍ ରାସ୍ତା ଦେବା ନାମରେ କ୍ରେତାମାନଙ୍କ ଠାରୁ ଅତିରିକ୍ତ ଟଙ୍କା ଦାବି କରିଥିଲେ । ଏଥିରେ ବାଧହୋଇ ଅଭିଯୋଗକାରୀ ଏପ୍ରିଲ ୨୦୧୯ ରେ ଚେକ୍ ମାଧ୍ୟମରେ ୧,୬୦,୦୦୦/- ଟଙ୍କା ଦେଇଥିବା ବେଳେ ପ୍ରାୟ ୩୧ ଜଣ କ୍ରେତା ମିଶି ପ୍ରାୟ ୪୦,୦୦,୦୦୦/- ଟଙ୍କା ଦେଇଥିଲେ । କିନ୍ତୁ ଟଙ୍କା ପାଇବା ପରେ ମଧ୍ୟ ଅଭିଯୁକ୍ତ ପ୍ରକୃତରେ ରାସ୍ତା ବ୍ୟବହାର ଯୋଗ୍ୟ କରିନଥିଲେ ଏବଂ ପରେ ଏକ ଲୁହା ଗେଟ୍ ଲଗାଇ ରାସ୍ତାକୁ ଅବରୋଧ କରି ଅଭିଯୋଗକାରୀ ଓ ଅନ୍ୟ କ୍ରେତାମାନଙ୍କୁ ପ୍ରବେଶରୁ ବଞ୍ଚିତ କରିଥିଲେ । ଏହା ସହ ସେମାନଙ୍କୁ ପୁନର୍ବାର ଅଧିକ ଟଙ୍କା ଦାବି କରି ଧମକ ଦେଇଥିବା ଅଭିଯୋଗ ହୋଇଥିଲା । ଏହାପରେ ଅଭିଯୋଗକାରୀ ବଡଗଡ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ବଡଗଡ ଥାନା ମାମଲା ନଂ-୨୪୯/୨୦୨୫, ଧାରା-୪୨୦ ଆଇପିସି ରୁଜୁ କରାଯାଇଥିଲା ଏବଂ ମାମଲାର ତଦନ୍ତ ଭାର ଥାନାର ଏସ୍ ?ଆଇ ଜିତେନ୍ଦ୍ର କୁମାର ବେହେରାଙ୍କୁ ଦିଆଯାଇଥିଲା । ତଦନ୍ତ କାଳରେ ଅଭିଯୁକ୍ତ ଗୟାଧର ଜେନାଙ୍କୁ ଗିରଫ କରାଯାଇଥିଲା ଏବଂ ତା. ୦୩.୦୬.୨୦୨୫ରେ ମାନ୍ୟବର ଅଦାଲତରେ ଚାର୍ଜସିଟ୍ ଦାଖଲ କରାଯାଇଥିଲା । ମାମଲାର ବିଚାର କରି ମାନ୍ୟବର ଅଦାଲତ ସାକ୍ଷୀମାନଙ୍କ ବୟାନ ଓ ପ୍ରସଙ୍ଗିକ ଦସ୍ତାବିଜ ଆଧାରରେ ଅଭିଯୁକ୍ତ ଗୟାଧର ଜେନାଙ୍କୁ ଧାରା-୪୨୦ ଆଇପିସି ଅନୁଯାୟୀ ୨ ବର୍ଷ କାରାଦଣ୍ଡ ସହିତ ୮,୦୦୦/- ଟଙ୍କା ଜରିମାନା ଆଦେଶ ଦେଇଛନ୍ତି । ଜରିମାନା ଅନାଦେୟ କ୍ଷେତ୍ରରେ ଅତିରିକ୍ତ ୩ ମାସ ସରଳ କାରାଦଣ୍ଡ ଭୋଗିବାକୁ ମଧ୍ୟ ଆଦେଶ ଦିଆଯାଇଛି । ଏହି ମାମଲାକୁ ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ୍ ପ୍ରୋସିକ୍ୟୁଟର ନିରଞ୍ଜନ ବେହେରା ପରିଚାଳନା କରିଥିଲେ । ଏଠାରେ ଉଲ୍ଲେଖନୀୟ ଯେ, ଅଭିଯୁକ୍ତ ଗୟାଧର ଜେନା ଜଣେ କୁଖ୍ୟାତ ଜମି ମଫିଆ ଓ ଠକ ଭାବେ ପରିଚିତ ଏବଂ ତାଙ୍କ ନାମରେ ଭୁବନେଶ୍ୱରର ବିଭିନ୍ନ ଥାନା, ଯଥା ସହୀଦନଗର, ଲକ୍ଷ୍ମୀସାଗର ଓ ବଡଗଡ ଥାନାରେ ୩୦ରୁ ଅଧିକ ଠକେଇ ସମ୍ବନ୍ଧୀୟ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି । ସେହିପରି ନିକଟ ଅତୀତରେ ଲକ୍ଷ୍ମୀସାଗର ଥାନା ମାମଲା ନଂ-୪୦୯/୨୦୨୧, ୩୫୪/୨୦୨୧, ୩୫୯/୨୦୨୧ ଓ ୩୫୬/୨୦୨୧ ରେ ମଧ୍ୟ ତାଙ୍କ ବିରୋଧରେ ମାନ୍ୟବର ଅଦାଲତ ପ୍ରତ୍ୟେକରେ ୩ ବର୍ଷ କାରାଦଣ୍ଡ ଶୁଣାଇଛନ୍ତି । ସୂଚନାଯୋଗ୍ୟ ଯେ, ଗତବର୍ଷ ୧୦୦ରୁ ଅଧିକ ମାମଲାରେ ଦୋଷୀମାନଙ୍କୁ ସଜା ଦିଆଯାଇଥିବା ବେଳେ ଭୁବନେଶ୍ୱର ସହରାଞ୍ଚଳ ଜିଲ୍ଲା ପୋଲିସ ତରଫରୁ ଚଳିତ ବର୍ଷରେ ଦୋଷୀଙ୍କୁ ସଜା ହୋଇଥିବା ଏହା ୨୯ତମ ମାମଲା ଅଟେ ।

# ମାର୍ଚ୍ଚ ୨୮ରୁ ଆଇପିଏଲ

## ମାତ୍ର ୧୫ ଦିନରେ ଖେଳାଯିବ ୨୦ ମ୍ୟାଚ୍



ନୂଆଦିଲ୍ଲୀ,୧୧।୩: କ୍ରିକେଟ ପ୍ରେମୀଙ୍କ ପାଇଁ ବଡ଼ ଖବର। ବହୁ ପ୍ରତୀକ୍ଷିତ ଇଣ୍ଡିଆନ ପ୍ରିମିୟର ଲିଗ (ଆଇପିଏଲ) ୨୦୨୬ର କାର୍ଯ୍ୟସୂଚୀ ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇଛି। ତେବେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ବର୍ତ୍ତମାନ କେବଳ ପ୍ରଥମ ୧୫ ଦିନର ସୂଚୀ ଜାରି କରିଛି। ପ୍ରଥମ ପର୍ଯ୍ୟାୟରେ ମାର୍ଚ୍ଚ ୨୮ରୁ ଏପ୍ରିଲ ୧୨ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ମ୍ୟାଚ୍ ଗୁଡ଼ିକର ବିବରଣୀ ସାମ୍ନାକୁ ଆସିଛି। ଆଇପିଏଲ ୨୦୨୬ର ପ୍ରଥମ ମୁକାବିଲା ମାର୍ଚ୍ଚ ୨୮ ତାରିଖରେ ବେଙ୍ଗାଲୁରୁର ଏମ. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଖେଳାଯିବ। ଏଥିରେ ଡିଫେଣ୍ଡିଂ ଚାମ୍ପିଅନ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଏବଂ ସନରାଇଜର୍ସ ହାଇଦ୍ରାବାଦ ମଧ୍ୟରେ କଡ଼ା ଟକ୍କର ଦେଖିବାକୁ ମିଳିବ। ଦେଶର ୪ଟି ରାଜ୍ୟରେ ହେବାକୁ ଥିବା ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ବିସିସିଆଇ ସମ୍ପୂର୍ଣ୍ଣ ସୂଚୀ ଘୋଷଣା କରିନାହିଁ। କେରଳ, ପଶ୍ଚିମବଙ୍ଗ, ତାମିଲନାଡୁ ଏବଂ ଆସାମରେ ନିର୍ବାଚନ ତାରିଖ ଘୋଷଣା ହେବା ପରେ ବାକି ମ୍ୟାଚ୍‌ର ସୂଚୀ ଜାରି କରାଯିବ। ସୁରକ୍ଷା ଓ ବ୍ୟବସ୍ଥାକୁ ଆଖିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି। ପ୍ରଥମ ୧୫ ଦିନ ମଧ୍ୟରେ ଦୁଇଟି 'ଡବଲ ହେଡର' (ଗୋଟିଏ ଦିନରେ ଦୁଇଟି ମ୍ୟାଚ) ଖେଳାଯିବ। ପ୍ରଥମ ଡବଲ ହେଡର ୪ ଏପ୍ରିଲରେ ଖେଳାଯିବାକୁ ଥିବା ବେଳେ ଦ୍ୱିତୀୟ ଡବଲ ହେଡର ୫ ଏପ୍ରିଲରେ ଖେଳାଯିବ। ପ୍ରଥମ ୫ ଦିନ ମଧ୍ୟରେ ସମସ୍ତ ୧୦ଟି ଦଳ ସେମାନଙ୍କର ପ୍ରଥମ ମ୍ୟାଚ୍ ଖେଳିସାରିବେ। ଏହାପରେ ଏପ୍ରିଲ ୨ରୁ ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍ ଆରମ୍ଭ ହେବ। ଏହି ୧୫ ଦିନ ମଧ୍ୟରେ ମୋଟ ୧୦ଟି ଭିନ୍ନ ଭିନ୍ନ ସହରରେ ଆଇପିଏଲ ମ୍ୟାଚ ଆୟୋଜିତ ହେବ। ଏଥିମଧ୍ୟରେ କୋଲକାତା ଏବଂ ଗୌହାଟିରେ ସର୍ବାଧିକ ୩ଟି ଲେଖାଏ ମ୍ୟାଚ୍ ଖେଳାଯିବାକୁ ଥିବାବେଳେ ଅନ୍ୟ ସ୍ଥାନରେ ୨ଟି ଲେଖାଏ ମ୍ୟାଚ୍ ଅନୁଷ୍ଠିତ ହେବ।



ଭୁବନେଶ୍ୱର: ଗ୍ୟାସ ଦର ବୃଦ୍ଧି ପ୍ରତିବାଦରେ ବିଜେଡି ଛାତ୍ର ଓ ଯୁବ ମହିଳା ପକ୍ଷରୁ ମାଷ୍ଟର କ୍ୟାଣ୍ଟିନ ଛକରେ ବିକ୍ଷୋଭ (ଫଟୋ-ଦିନଲିପି)

## ସୁନ୍ଦରଗଡ଼ କଳାହାଣ୍ଡି କପ ଚାମ୍ପିଅନ୍




କଟକ, ୧୧/୩: ସୁନ୍ଦରଗଡ଼ ଜିଲ୍ଲା ଆନ୍ତଜିଲ୍ଲା ସିନିଅର କ୍ରିକେଟ ପ୍ରତିଯୋଗିତାରେ ଚାମ୍ପିଅନ ହୋଇ "କଳାହାଣ୍ଡି କପ୍" ହାସଲ କରିଛି । ଓଡ଼ିଶା କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ବୁଧବାର ବାରବାଟୀ ଷ୍ଟାଡ଼ିୟମଠାରେ ସୁନ୍ଦରଗଡ଼ ଏବଂ କଟକ ଏ ମଧ୍ୟରେ ଆନ୍ତଃଜିଲ୍ଲା ସିନିଅର କଳାହାଣ୍ଡି କପର ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ଫାଇନାଲ ଖେଳରେ ସୁନ୍ଦରଗଡ଼ ଜିଲ୍ଲା କଟକ ଏ ଦଳକୁ ୨ ୱିକେଟରେ ପରାସ୍ତ କରି ୨୦୨୬ ବର୍ଷ ପାଇଁ କଳାହାଣ୍ଡି କପ ହାସଲ କରିଥିଲା । ଫାଇନାଲ ଖେଳରେ କଟକ ଏ ଦଳ ପ୍ରଥମେ ବ୍ୟାଟିଂ କରି ୫୦ ଓଭରରେ ୯ ୱିକେଟ ହରାଇ ୨୩୨ ରନ ସଂଗ୍ରହ କରିଥିଲା । ଏହାର ଜବାବରେ ସୁନ୍ଦରଗଡ଼ ଦଳ ଦର୍ଶନୀୟ ବ୍ୟାଟିଂ କରି ୪୩ ଓଭରରେ ୮ ୱିକେଟ ହରାଇ ୨୩୩ ରନ୍ ସଂଗ୍ରହ କରିଥିଲେ । ଫଳରେ ସୁନ୍ଦରଗଡ଼ ଦଳ କଟକ ଏ ଦଳକୁ ୨ ୱିକେଟରେ ପରାସ୍ତ କରିଥିଲା। ସୁନ୍ଦରଗଡ଼ ଦଳର ସୌମ୍ୟ ଲେଙ୍କା ଫାଇନାଲ ମ୍ୟାଚରେ ମ୍ୟାନ ଅଫ ଦି ମ୍ୟାଚ ଭାବେ ବିବେଚିତ ହୋଇଥିଲେ। ବାରବାଟୀ ଷ୍ଟାଡ଼ିୟମରେ ଅନୁଷ୍ଠିତ କଳାହାଣ୍ଡି କପ ଫାଇନାଲରେ ଓଡ଼ିଶା କ୍ରିକେଟ ଆସୋସିଏନର କାର୍ଯ୍ୟକାରୀ ସଭାପତି ପଙ୍କଜ ଲୋଚନ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଜୟୀ ସୁନ୍ଦରଗଡ଼ ଜିଲ୍ଲାକୁ ଚମ୍ପିଆନ ଟ୍ରଫି ଓ କଟକ ଏ ଦଳକୁ ରନର୍ସଅଫ ଟ୍ରଫି ପ୍ରଦାନ କରିଥିଲେ। ଏହା ବ୍ୟତୀତ ମ୍ୟାନ ଅଫ ଦି ମ୍ୟାଚ, ଶ୍ରେଷ୍ଠ ବ୍ୟାଟସ ମ୍ୟାନ ଓ ଶ୍ରେଷ୍ଠ ବୋଲର୍ସଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା।

## କନ୍ଧମାଳରେ ମୁଖ୍ୟସ୍ରୋତକୁ ଫେରିଲେ ୧୦ କ୍ୟାଡର ନକ୍ସଲ

ଫୁଲବାଣୀ,୧୧।୩(ନିପ୍ର): ଏଡିଜି ସଞ୍ଜୀବ ପଣ୍ଡାଙ୍କ ନିକଟରେ ଅସ୍ତ୍ର ତ୍ୟାଗ କରି ବୁଧବାର ଆତ୍ମସମର୍ପଣ କରିଛନ୍ତି ୧୦ କ୍ୟାଡର ନକ୍ସଲ। ଓଡିଶାକୁ, ନକ୍ସଲ ମୁକ୍ତ କରିବା ନେଇ କେନ୍ଦ୍ର ସରକାରଙ୍କ ଚୂଡାନ୍ତ ସୀମାରେଖା ଯେତେ ପାଖେଇ ଆସୁଛି କନ୍ଧମାଳ ଜିଲ୍ଲା ପୋଲିସ୍ ନିକଟରେ ସେତେ ଭଲ ଖବର ସବୁ ପହଞ୍ଚିବାରେ ଲାଗିଛି। କନ୍ଧମାଳ, କଳାହାଣ୍ଡି ଓ ରାୟଗଡା ଜିଲ୍ଲାର ସୀମାନ୍ତ ଅଂଚଳରେ ମାଓ ନେତା ଶୁକ୍ରୁ ଓ ଶୀଲାର ନେତୃତ୍ୱରେ, ସମୁଦାୟ ୨୫ ଜଣ ମାଓବାଦୀଙ୍କ ଗତିବିଧି ଥିବା ନେଇ ପୋଲିସ୍ ନିକଟରେ ଖବର ଥିବା ବେଳେ ଆଜିର ଘଟଣା ପୋଲିସ ବିଭାଗ ଓ ଯବାନଙ୍କୁ ଉତ୍ସାହିତ କରିଛି । ରାଜ୍ୟ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ତଥା ନକ୍ସଲ ବିରୋଧୀ ଅଭିଯାନର ମୁଖ୍ୟ ସଞ୍ଜୀବ ପଣ୍ଡାଙ୍କ ନିକଟରେ ନିଜ ନିଜର ଅସ୍ତ୍ର ତ୍ୟାଗ କରି, ଆତ୍ମସମର୍ପଣ କରିଛନ୍ତି ୧୦ ଜଣ ନକ୍ସଲ। ସେମାନଙ୍କ ଉପରେ ସରକାରଙ୍କ ପକ୍ଷରୁ ସମୁଦାୟ ଏକ କୋଟି ୧୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷିତ ହୋଇଥିଲା।



## ବିଜେପିରେ ସାମିଲ ହେଲେ ରବୀନ୍ଦ୍ର ଜେନା



ଭୁବନେଶ୍ୱର,୧୧।୩: ବ୍ୟକ୍ତିଗତ କାରଣ ଦର୍ଶାଇ ବିଜେଡିରୁ ଇସ୍ତଫା ଦେଇଥିବା ରବୀନ୍ଦ୍ର ଜେନା ବୁଧବାର ଭାଜପାରେ ମିଶିଛନ୍ତି । ରାଜ୍ୟ ପାର୍ଟି ଅଫିସ ଯାଇ ସେ ଦଳରେ ସାମିଲ ହୋଇଛନ୍ତି । ଶତାଧିକ ସମର୍ଥକଙ୍କୁ ନେଇ ପାର୍ଟି ଅଫିସ୍ ଆସି ପଦ୍ମ ଧରିଲେ ବାଲେଶ୍ୱରର ପୂର୍ବତନ ଏମପି ରବୀନ୍ଦ୍ର ଜେନା । ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଉପସ୍ଥିତିରେ ଭାଜପାରେ ମିଶିଲେ । ପ୍ରକାଶଥାଉକି, ସେ ବ୍ୟକ୍ତିଗତ କାରଣ ଦର୍ଶାଇ ନିଜ ଇସ୍ତଫାପତ୍ର ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ପଠାଇଥିଲେ । ବାଲେଶ୍ୱରବାସୀଙ୍କ ସେବା କରି ଆସିଛି । ଦଳ ସହିତ ମୋର ଦୀର୍ଘ ଦିନର ସମ୍ପର୍କ ମୋ ପାଇଁ ଏକ ସ୍ମରଣୀୟ ଯାତ୍ରା ହୋଇ ରହିବ ବୋଲି କହିଥିଲେ ରବୀନ୍ଦ୍ର । ରାଜ୍ୟସଭା ନିର୍ବାଚନ ପୂର୍ବରୁ ତାଙ୍କର ଦଳ ଛାଡିବା ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଥିଲା । ଏହାରି ଭିତରେ ଆଜି ସେ ଭାଜପାରେ ସାମିଲ ହୋଇଛନ୍ତି । ସୂଚନଯୋଗ୍ୟଯେ, ରବୀନ୍ଦ୍ରଙ୍କ ପତ୍ନୀ ସୁବାସିନୀ ଜେନା ବିଜେଡି ଟିକେଟରେ ବସ୍ତାରୁ ବିଧାୟକ ରହିଛନ୍ତି ।

## ୬୬ ବରିଷ୍ଠ ନାଗରିକଙ୍କ ପୁରୀଯାତ୍ରା ଶୁଭାରମ୍ଭ

ଭୁବନେଶ୍ୱର, ୧୧/୩(ନିପ୍ର): ଶ୍ରୀ ଜଗନ୍ନାଥ ଦର୍ଶନ' ଯୋଜନାରେ ଝାରସୁଗୁଡ଼ାରୁ ୬୬ ବରିଷ୍ଠ ନାଗରିକଙ୍କ ପୁରୀ ଯାତ୍ରା ଶୁଭାରମ୍ଭ ହୋଇଛି। ଝାରସୁଗୁଡ଼ା ଜିଲ୍ଲାର ବରିଷ୍ଠ ନାଗରିକମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ଧର୍ମଯାତ୍ରାର ଶୁଭାରମ୍ଭ ହୋଇଯାଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ୬୬ ବରିଷ୍ଠ ନାଗରିକଙ୍କୁ ପୁରୀ ଶ୍ରୀକ୍ଷେତ୍ର ଅଭିମୁଖେ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଶୁଭାରମ୍ଭ ଅବସରରେ ମନ୍ତ୍ରୀଙ୍କ ପ୍ରତିନିଧି ସୁଧାଂଶୁ ଦୋରା, ସାଂସଦଙ୍କ ପ୍ରତିନିଧି ସୁବ୍ରତ ତ୍ରିପାଠୀ ଏବଂ ବିଧାୟକଙ୍କ ପ୍ରତିନିଧି ବିମଳେନ୍ଦୁ ଭୋଳ ଉପସ୍ଥିତ ରହି ବରିଷ୍ଠ ନାଗରିକମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ସବୁଜ ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ପଦକ୍ଷେପ ଦ୍ୱାରା ଆର୍ଥିକ ଅନଗ୍ରସର ବରିଷ୍ଠ ନାଗରିକମାନେ ନିଜ ଜୀବନକାଳ ମଧ୍ୟରେ ମହାପ୍ରଭୁଙ୍କ ଦର୍ଶନ କରି ଆଧ୍ୟାତ୍ମିକ ଶାନ୍ତି ଲାଭ କରିପାରୁଛନ୍ତି।

## କାଠ ଓ କୋଇଲା ଚୁଲା ବ୍ୟବହାର ଉପରେ କଟକଣା ହଟାଇବ ବିଏମସି

ଭୁବନେଶ୍ୱର,୧୧/୩(ନିପ୍ର): ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଯୋଗୁଁ ଓଡ଼ିଶାରେ ଦେଖାଦେଇଛି ଜାଳେଣୀ ଗ୍ୟାସ୍ ସଙ୍କଟ। ଏଥିପାଇଁ ବାୟୁ ପ୍ରଦୂଷଣ ରୋକିବାକୁ ଲାଗୁ ହୋଇଥିବା କଟକଣାକୁ ହଟାଇବାକୁ ବିଏମସି ଯୋଜନା କରିଛି। ବିଏମସି ମେୟର ସୁଲୋଚନା ଦାଶ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ବ୍ୟବସାୟୀମାନେ କାଠ ଓ କୋଇଲା ଚୁଲା ଜାଳିପାରିବେ। ସଂଧ୍ୟାରେ ହେବାକୁ ଥିବା ବୈଠକରେ ଏନେଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ସୂଚନାଯୋଗ୍ୟ ଯେ ପୂର୍ବରୁ ବାୟୁ ପ୍ରଦୂଷଣ ରୋକିବା ପାଇଁ କାଠ ଓ କୋଇଲା ଚୁଲା ବ୍ୟବହାର ଉପରେ କଟକଣା ଜାରି କରିଥିଲା ବିଏମସି।

## ୬୩୧ ଭାରତୀୟ ଫ୍ଲାପ୍ ସେଲ୍ କଇଁଛ ଜବତ, ୭ଗିରଫ

ମାଲକାନଗିରି,୧୧/୩(ନିପ୍ର): ମାଲକାନଗିରି ବନ ବିଭାଗ ଅଧୀନ ମୋଟୁ ରେଞ୍ଜର କର୍ମଚାରୀମାନେ ଏକ ସ୍ୱତନ୍ତ୍ର ଅଭିଯାନ ସମୟରେ ଓଡ଼ିଶା-ଆନ୍ଧ୍ର ପ୍ରଦେଶ ସୀମା ନିକଟରୁ ଆଜି ୬୩୧ ଟି ଭାରତୀୟ ଫ୍ଲାପ୍ ସେଲ୍ କଇଁଛ ଯାହାର ଓଜନ ୨ଟନ୍ ଜବତ କରିଛନ୍ତି। ଆନ୍ଧ୍ର ପ୍ରଦେଶର କୃଷ୍ଣା ଜିଲ୍ଲାର



କୋରକୁଲା ଗାଁର ଦୁଇଜଣ ବ୍ୟକ୍ତି ବେଆଇନ ଭାବରେ କଇଁଛଗୁଡ଼ିକୁ ଓଡ଼ିଶା ସୀମାକୁ ବାଣିଜ୍ୟ ଏବଂ ଓଡ଼ିଶାରୁ ୫ ଜଣଙ୍କୁ ବିକ୍ରି କରିବା ପାଇଁ ଆଣୁଥିଲେ । ନିର୍ଭରଯୋଗ୍ୟ ସୂଚନା ପାଇ ମୋଟୁ ରେଞ୍ଜ କର୍ମଚାରୀମାନେ ଚଢାଉ କରି ଅବୈଧ ବନ୍ୟପ୍ରାଣୀ ବାଣିଜ୍ୟରେ ସମ୍ପୃକ୍ତ ସମସ୍ତ ସାତ ଜଣଙ୍କୁ ଗିରଫ କରିଛନ୍ତି। ଅଭିଯାନ ସମୟରେ, ବନ କର୍ମଚାରୀମାନେ ମହିନ୍ଦ୍ରା ବୋଲେରୋ ପିକ୍‌ଅପ୍ ଗାଡ଼ି ରୁ ୩୮ଟି ପ୍ଲାଷ୍ଟିକ ଟ୍ରେ ଓ ୪୦ଟି ବସ୍ତା ରୁ ୬୩୧ ଟି ଭାରତୀୟ ଫ୍ଲାପ୍ ସେଲ୍ କଇଁଛ ଜବତ କରିବା ସହ ସେମାନଙ୍କ ଠାରୁ ୬ ଟି ମୋବାଇଲ୍ ଫୋନ୍,ଗୋଟିଏ ବଜାଜ୍ ଡିସ୍କଭର ମୋଟରସାଇକେଲ୍, ଗୋଟିଏ ହୋଣ୍ଡା ଡ୍ରିମ୍ ନିଓ ମୋଟରସାଇକେଲ୍

### ବିଧାନସଭା ହାଲଚାଲ



## ୭ ଲକ୍ଷ ଭୂତ ହିତାଧିକାରୀ କରୁଥିଲେ ରାସନ ଲୁଟ୍

ଭୁବନେଶ୍ୱର,୧୧/୩(ନିପ୍ର): ପୂର୍ବ ସରକାର ସମୟରେ ଚାଲିଥିଲା ରାସନ କାର୍ଡରେ ଚଂଚକତା। ଲକ୍ଷେ କି ୨ ଲକ୍ଷ ନୁହେଁ ୭ ଲକ୍ଷ ଭୂତ ହିତାଧିକାରୀଙ୍କ ନାଁରେ ରାସନ ଲୁଟ ହେଉଥିଲା। ଲକ୍ଷାଧିକ ଅଯୋଗ୍ୟ ବି କାର୍ଡ ହାତେଇ ଥିଲେ । ନୂଆ ସରକାର ଆସିବା ପରେ କରିଥିଲେ ଇକେୱାଇସି ପ୍ରକ୍ରିୟାରେ ଏହି ତଥ୍ୟ ସାମ୍ନାକୁ ଆସିଛି। ବିଧାନସଭାରେ ଲିଖିତ ଉତ୍ତର ରଖି ଏହା ଜଣାଇଛନ୍ତି ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର। ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ ଗତ ୨ ବର୍ଷ ମଧ୍ୟରେ ୩୪ ହଜାର ୯୩୯ ଗୋଟି ଅଯୋଗ୍ୟ ରାସନ କାର୍ଡ଼ଧାରୀଙ୍କ କାର୍ଡ଼ ରଦ୍ଦ କରାଯାଇଛି। ଯାହାଙ୍କର ପରିବାର ସଦସ୍ୟ ସଂଖ୍ୟା ୧ ଲକ୍ଷ ୨୫ ହଜାର ୯୬୩ ହେବ। ସେହିଭଳି, ୭ ଲକ୍ଷ ୭୫ ହଜାର ୦୬୪ ଜଣ ମୃତ ବ୍ୟକ୍ତିଙ୍କୁ ଚିହ୍ନିତ କରାଯାଇ, ରାସନ କାର୍ଡ଼ ତଥ୍ୟାବଳୀରୁ ବାଦ ଦିଆଯାଇଛି।

## ଭୋଟ ପୂର୍ବଦିନ ଏକାଠି ରହିବେ ସବୁ ବିଜେଡି ବିଧାୟକ

ଭୁବନେଶ୍ୱର, ୧୧/୩ : ରାଜ୍ୟସଭା ଭୋଟ ପୂର୍ବଦିନ ସବୁ ବିଧାୟକ ଏକାଠି ରହିବା ପାଇଁ ନବୀନଙ୍କୁ ପ୍ରସ୍ତାବ ଦେଇଛନ୍ତି ବିଜେଡିର ବିଧାୟକ ।ବିଜେଡି ବିଧାୟକ ପ୍ରଦୀପ ସାହୁ ସୂଚନା ଦେଇ କହିଛନ୍ତି ନିର୍ବାଚନ ପୂର୍ବଦିନ ଭୁବନେଶ୍ୱରରେ ଏକାଠି ରହିବା ପାଇଁ ପ୍ରସ୍ତାବ ଦିଆଯାଇଛି। ଗତକାଲି ନବୀନଙ୍କୁ ବିଜେଡିର କିଛି ବିଧାୟକ ଭେଟିଥିଲେ। ସଂତୃପ୍ତ ଓ ଦତେଶ୍ୱରଙ୍କୁ ଭୋଟ୍ ଦେବା ପାଇଁ ପ୍ରତିଜ୍ଞା କରାଯାଇଛି ।

## ୨ ରୁ ୩ ମାସ ପାଇଁ ରାଜ୍ୟରେ ଗ୍ୟାସ ମହଜୁଦ ଅଛି

ଭୁବନେଶ୍ୱର, ୧୧/୩: ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଯୋଗୁଁ ରାଜ୍ୟରେ ଗ୍ୟାସ ସଙ୍କଟ ଦେଖା ଦେଇଛି। ଏସମ୍ପର୍କରେ ମଧ୍ୟରେ ଏଚପି ଗ୍ୟାସ ବିତରକ ପବିତ୍ର ମୋହନ ସାହୁ କହିଛନ୍ତି ବର୍ତ୍ତମାନ ଆମ ପାଖରେ ଯେତିକି ଘରୋଇ ବ୍ୟବହାର ପାଇଁ ଗ୍ୟାସ ମହଜୁଦ ଅଛି ଏହା ସର୍ବନିମ୍ନ ୨ ରୁ ୩ ମାସ ପର୍ଯ୍ୟନ୍ତ ଚାଲିବ। ଉପଭୋକ୍ତାଙ୍କୁ କିଛି ଅସୁବିଧା ନାହିଁ। କିନ୍ତୁ କମର୍ସିଆଲ ଯୋଗାଣ ବନ୍ଦ ଅଛି। ଏହାର ବି ଖୁବଶୀଘ୍ର ସମାଧାନ ହୋଇଯିବ । ତେଣୁ ଅଯଥା କଳାବଜାରୀ ନ କରି, ଗ୍ୟାସ ସେଂଟର୍ ଆଗରେ ଭିଡ଼ ନ ଲଗାଇବାକୁ ସେ ନିବେଦନ କରିଛନ୍ତି।

## ଓଡ଼ିଆ ଭାଷା ଆମ ଜାତିର ଜୀବନରେଖା: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୧/୩ : ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ଦିବସରେ ଶୁଭକାମନା ଜଣାଇ ଏହା ଆମ ଜାତିର ଜୀବନ ରେଖା ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସର ଶୁଭକାମନା। ଓଡ଼ିଆ ଭାଷା ଆମ ଜାତିର ଜୀବନରେଖା। ଏହି ପବିତ୍ର ଅବସରରେ ଆସନ୍ତୁ ଶପଥ ନେବା - ଆମେ ଓଡ଼ିଆରେ କହିବା, ଓଡ଼ିଆରେ ଲେଖିବା ଏବଂ ଆମ ଭାଷାର ଗୌରବକୁ ଅକ୍ଷୁଣ୍ଣ ରଖିବା।

## ଭିଜିଲାନ୍ସ ଜାଲରେ ତହସିଲଦାର: ୭ ସ୍ଥାନରେ ଚଢ଼ାଉ

### ୨ଟି ତିନି ମହଲା କୋଠା, ୭ ଦାମୀ ପ୍ଲଟ ଓ ନଗଦ ୨ ଲକ୍ଷ୧୬ ହଜାର ଟଙ୍କା ଠାବ



କଟକ,୧୧।୩(ନିପ୍ର): ଭିଜିଲାନ୍ସ ଜାଲରେ କଟକ ଜିଲ୍ଲା କଣ୍ଠାପଡ଼ା ତହସିଲଦାର। ଆୟ ବହିର୍ଭୂତ ସଂପତ୍ତି ଠୁଳ ଅଭିଯୋଗରେ ତହସିଲଦାର ପ୍ରସନ୍ନ ସାମନ୍ତରାୟଙ୍କ ଘରେ ଭିଜିଲାନ୍ସ ପକ୍ଷରୁ ବୁଧବାର ଚଢ଼ାଉ କରାଯାଇଛି । କଟକ, ଭୁବନେଶ୍ୱର, ପୁରୀ ଓ କେନ୍ଦ୍ରାପଡ଼ାର ୭ ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇଛି । ସୂଚନା ମୁତାବକ, କଣ୍ଠାପଡ଼ା ତହସିଲଦାର ପ୍ରସନ୍ନ ସାମନ୍ତରାୟଙ୍କ ଭୁବନେଶ୍ୱର କେଶୁରାଠାରେ ଥିବା ଏକ ଆବାସିକ ୩ ମହଲା କୋଠା, କେଶୁରା ଠାରେ ଥିବା ଏକ ନିର୍ମାଣାଧୀନ ୩ ମହଲା କୋଠା, ପୁରୀ ଜିଲ୍ଲା ଦୁଚିଆ ଅଞ୍ଚଳରେ ଥିବା ପୈତୃକ ଘର, ଭୁବନେଶ୍ୱର ଲକ୍ଷ୍ମୀ ସାଗର ଅଞ୍ଚଳରେ ଥିବା ସଂପର୍କୀୟଙ୍କ ଘର, କଟକ ଜିଲ୍ଲା କଣ୍ଠାପଡ଼ାରେ ଥିବା ପ୍ରସନ୍ନଙ୍କ ଅଫିସ ଚାମ୍ବର, କେନ୍ଦ୍ରାପଡ଼ା ବାଦପାଲଡିଆରେ ଥିବା ଅନ୍ୟଏକ ସଂପର୍କୀୟଙ୍କ ଘର ଏବଂ କଣ୍ଠାପଡ଼ାରେ ଥିବା ତାଙ୍କ ସରକାରୀ ବାସଭବନରେ ଭିଜିଲାନ୍ସ ଟିମ ଚଢ଼ାଉ କରିଛି। ଭିଜିଲାନ୍ସ ବିଭାଗ ସ୍ୱତନ୍ତ୍ର ବିଚାରପତିଙ୍କ ଦ୍ୱାରା ଜାରି କରାଯାଇଥିବା ସର୍ଚ୍ଚ ୱାରେଣ୍ଟ ବଳରେ ଏହି ଚଢ଼ାଉ କରାଯାଇଛି । ଏହି ଚଢ଼ାଉରେ ଭିଜିଲାନ୍ସର ୨ ଜଣ ଅତିରିକ୍ତ ଏସପି, ୮ ଜଣ ଡିଏସପି, ୧୧ ଜଣ ଇନ୍ସପେକ୍ଟର, ୫ ଜଣ ଏଏସଆଇ ଓ ଅନ୍ୟ କର୍ମଚାରୀ ସାମିଲ ହୋଇଛନ୍ତି। ଭୁବନେଶ୍ୱର ସହିଦ ନଗରରେ ଏକ ୩ ମହଲା କୋଠା, ସହିଦ ନଗରରେ ଥିବା ଏକ ନିର୍ମାଣାଧୀନ ୩ ମହଲା କୋଠା, ୭ଟି ଦାମୀ ପ୍ଲଟ, ଗୋଟିଏ ଚାରି ଚକିଆ ଓ ୩ଟି ୨ ଚକିଆ ଗାଡ଼ି ଭିଜିଲାନ୍ସ ଚଢ଼ାଉବେଳେ ଠାବ କରାଯାଇଛି । ଏଥିସହିତ ଚଢ଼ାଉବେଳେ ଶ୍ରୀ ସାମନ୍ତରାୟଙ୍କ ଘରୁ ନଗଦ ୨ଲକ୍ଷ ୧୬ହଜାର ଟଙ୍କା ମଧ୍ୟ ଭିଜିଲାନ୍ସ ଜବତ କରିଛି । ଏହାଛଡ଼ା ବ୍ୟାଙ୍କ, ପୋଷ୍ଟାଲ ଓ ଅନ୍ୟାନ୍ୟ ନିବେଶ ସଂପର୍କରେ ଭିଜିଲାନ୍ସ ପକ୍ଷରୁ ଖୋଳତାଡ଼ ଜାରି ରହିଛି। ଭିଜିଲାନ୍ସ ପକ୍ଷରୁ ତଦନ୍ତ ଜାରି ରହିଛି ।

## ଉଗ୍ରତାରାଙ୍କ ହୁଣ୍ଡିରୁ ମିଳିଲା ୧୦ ଲକ୍ଷ ୪୧ ହଜାର ୬୨୦ ଟଙ୍କା



ନିରାକାରପୁର,୧୧/୩(ନିପ୍ର): ଓଡିଶା ପ୍ରସିଦ୍ଧ ତନ୍ତ୍ରପୀଠ ଭାବେ ପରିଚିତ ଖୋର୍ଦ୍ଧା ଜିଲ୍ଲା ମୂଳିଝର ଗଡ଼ ବାସିନୀ ମା' ଉଗ୍ରତାରା ଦେବୀଙ୍କର ଦାନ ହୁଣ୍ଡି ବୁଧବାର ଖୋଲାଯାଇଛି। ମା' ଉଗ୍ରତାରାଙ୍କଠାରୁ ଅଜ୍ଞାମାଳ ଆସିବା ପରେ ପୂଜାର୍ଚ୍ଚନା କରାଯାଇ ଦାନ ହୁଣ୍ଡି ଖୋଲା ଯାଇଥିଲା। ଟାଙ୍ଗୀ ତହସିଲଦାର ନିଷ୍ଠା ମହାପାତ୍ରଙ୍କ ଉପସ୍ଥିତରେ ଖୋଲା ଯାଇଥିବା ଦାନ ହୁଣ୍ଡୀକୁ କଡ଼ା ସୁରକ୍ଷା ମଧ୍ୟରେ ନିଆଯାଇଥିଲା ମନ୍ଦିର ପ୍ରଶାସନର କାର୍ଯ୍ୟାଳୟ ପରିସର ମଧ୍ୟକୁ। ଏହା ପରେ ଭୂଷଣ୍ଡପୁର ଫାଣ୍ଡି ଅଧିକାରୀ, ଟାଙ୍ଗୀ ବ୍ଲକ କର୍ମଚାରୀ ନିତ୍ୟାନନ୍ଦ ବେହେରା, ମନ୍ଦିର ଟ୍ରଷ୍ଟିର କୁମର ପାତ୍ର, ସୁବ୍ରତ ସାମନ୍ତରାୟ, ସରପଞ୍ଚ କିଶୋର କୁମାର ରାଉତରାୟଙ୍କ ସହ ସ୍ଥାନୀୟ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନଙ୍କ ଉପସ୍ଥିତରେ ଦାନ ହୁଣ୍ଡୀ ଗଣତି କରାଯାଇଥିଲା। ଦାନ ହୁଣ୍ଡି ଗଣତି ପରେ ଉକ୍ତ ମାନଙ୍କର ଦାନରୁ ମୋଟ ୧୦ ଲକ୍ଷ ୪୧ ହଜାର ୬୨୦ ଟଙ୍କା ମିଳିଥିବା ଜଣା ପଡିଛି। ଟଙ୍କାକୁ ମା ଙ୍କ ନାମରେ ଥିବା ଜମା ଖାତାରେ ରଖାଯିବ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

### ବଳଭଦ୍ର ଜୈବିକ କୃଷି ମିଶନ ଆରମ୍ଭ

ଭୁବନେଶ୍ୱର,୧୧।୩(ନିପ୍ର):ସାରା ରାଜ୍ୟରେ ସ୍ଥାୟୀ କୃଷିକୁ ପ୍ରୋତ୍ସାହିତ କରିବା ପାଇଁ ଓଡ଼ିଶା ସରକାର ୨୦୨୫-୨୬ ଆର୍ଥିକ ବର୍ଷରୁ ବଳଭଦ୍ର ଜୈବିକ କୃଷି ମିଶନ ଆରମ୍ଭ କରିଛନ୍ତି। ବିଧାନସଭାରେ ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ପକ୍ଷରୁ ଉତ୍ତର ଦେଇ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଯେ ଏହି ମିଶନ ୨୦୨୯-୩୦ ପର୍ଯ୍ୟନ୍ତ ପାଞ୍ଚ ବର୍ଷ ପାଇଁ ଚାଲିବ। ଏହାର ଲକ୍ଷ୍ୟ ୧୧ଟି ଜିଲ୍ଲାରେ ୯୦,୬୭୦ ହେକ୍ଟର ଚାଷ ଜମିକୁ ଜୈବିକ ଚାଷ ଅଧୀନକୁ ଆଣିବା।

**OFFICE OF THE NOTIFIED AREA COUNCIL, DASPALLA**
Tender call Notice No.754 Dt.06.03.2026 13001/579/2526
E-mail: nacdaspalla@gmail.com
Bid Identification No. NAC-Daspalla/04/2025-26

The Executive Officer, NAC, Daspalla, Dist - Nayagarh inviting percentage rate bid in offline mode for the work mentioned below from eligible contractors as detailed in the table below:

1. Nature of Work : Supply and Installation of CNC Letters and FRP Sculpture as per the Diagram with Structural and Basement work and other Ornamental Lights and Decorative Items.
2. No of Work : 1 No.
3. Class of Contractor : D Class /C Class/MSME Registered Firm.
4. Available of Bid Document : From Dt. 09.03.2026 11.00 AM at the Office of NAC, Daspalla.
5. Paper Cost to be Deposited : Rs 4000.00 through cash
6. EMD to be Deposited : 1 % of the Project cost.
7. Last Date of availability : Dt.17.03.2026 Up to 5.00 PM
8. Date and time of opening of Bid : Dt.18.03.2026 at 11.00 AM till completion
9. The Bidders have to participate through Register Post or Speed Post only to the—Office of NAC,Daspalla,District-Nayagarh,Pincode-752084.

Sd/-
Executive Officer,
NAC, Daspalla

OIPR 13001/13141/1/25-26/0006

**OFFICE OF MUNICIPAL COUNCIL : SUNABEDA**
NO. 1329 / DATE 10/03/2026
13001/573/2526

QUOTATION CALL NOTICE

Sealed quotation are invited from the intending Firms / Designers /Suppliers and Agencies for following works .

| SL No | Name of the work | Available period | Receiving date | Opening date |
|---|---|---|---|---|
| 1 | Supply & installation of Welcome & Exit Gate in different places of Sunabeda Municipality | From 11.03.2026 at 10.00 A.M to 18.03.2026 up to 5.30 P.M | 19.03.2026 up to 1.00 P.M | 19.03.2026 up to 3.00 P.M |
| 2 | Supply & Installation of road stud (Cats Eye) in different roads under Sunabeda Municipality . | From 11.03.2026 at 10.00 A.M to 18.03.2026 up to 5.30 P.M | 19.03.2026 up to 1.00 P.M | 19.03.2026 up to 3.30 P.M |
| 3 | Supply & applied hut thromboplastic in different roads under Sunabeda Municipality . | From 11.03.2026 at 10.00 A.M to 18.03.2026 up to 5.30 P.M | 19.03.2026 up to 1.00 P.M | 19.03.2026 up to 4.00 P.M |
| 4 | Supply & Installation of Dandi Yatra Statue in prominent place of Sunabeda Municipality . | From 11.03.2026 at 10.00 A.M to 18.03.2026 up to 5.30 P.M | 19.03.2026 up to 1.00 P.M | 19.03.2026 up to 4.30 P.M |

The quotation call notice , specification , EMD & Paper cost & quotation paper will be available in office website i.e www.sunabedamunicipality.in for download and wide publication . The quotation will be open of above mentioned date in the presence of bidders or their authorized representatives.

10/03/26
Executive Officer
Sunabeda Municipality

OIPR 13001/13076/1/25-26/0003

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com
ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ